R.N.I. REGN. No. 65000/96 POSTAL REGN. No. OR/BN-32/12-14

04 November 2025, Tuesday

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୦

ତିଥି : ଚତୁର୍ଦ୍ଦଶୀ

୦୪ ନଭେମ୍ବର ୨୦୨୫, ମଙ୍ଗଳବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଦୁର୍ଘଟଣାର ଦିନ

# ଚାଲିଗଲା ୩୯ ଜୀବନ





- ତେଲେଙ୍ଗାନାରେ ବସ୍ ଦୁର୍ଘଟଣାରେ ୨୦ ମୃତ
- ରାଜସ୍ଥାନରେ ମଦ୍ୟପ ଡ୍ରାଇଭର ବେପରୁଆ ଗାଡ଼ି ଚାଳନା ଯୋଗୁ ୧୯ ମୃତ

ନୂଆଦିଲ୍ଲୀ, ୩ ।୧୧ : ତେଲେଙ୍ଗାନା ଓ ରାଜସ୍ଥାନରେ ଦୁଇଟି ପୃଥକ୍ ପୃଥକ୍ ଦୁର୍ଘଟଣାରେ ୩୯ ଲୋକଙ୍କର ଜୀବନ ଯାଇଛି । ତେଲେଙ୍ଗାନାରେ ହାଇଦ୍ରାବାଦ, ବିଜେପୁର ଜାତୀୟ ରାଜପଥରେ ହୋଇଥିବା ଦୁର୍ଘଟଣାରେ ୨୦ ଜଣଙ୍କର ପ୍ରାଣହାନୀ ଘଟିଥିବାବେଳେ ରାଜସ୍ଥାନର ଜୟପୁର ପାଖରେ ଏକ ମାତାଲ ଟ୍ରକ୍ ଡ୍ରାଇଭର ଅନେ ଗାଡ଼ିକୁ ଧକ୍କା ଦେଇ ମାଡି ଯିବାରୁ ଘଟଣାସ୍ଥଳରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି । ତେଲେଙ୍ଗାନାରେ ହୋଇଥିବା ବସ୍ ଦୁର୍ଘଟଣରେ ଗୋଟିଏ ପରିବାରର ୩ ଝିଅଙ୍କ ଜୀବନ ଯାଇଛି । ମୃତ୍ୟୁବରଣ କରିଥିବା ଝିଅମାନେ ତାଙ୍କ ବଡଭଉଣୀର ବାହାଘରରେ ସାମିଲ ହେବାକୁ ଆସିଥିଲେ ।

ସୂଚନା ଅନୁଯାୟୀ ରେଙ୍ଗାରେଡ୍ଡୀ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି । ବସ୍‌ରେ ୭୨ ଜଣ ଯାତ୍ରୀ ଥିଲେ । ବସ୍‌ଟି ଯାଉଥିବା ସମୟରେ ସାମ୍ନାରୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବାରୁ ଏଭଳି ଘଟଣା ଘଟିଥିଲା । ଉଭୟ ଗାଡ଼ିର ସାମ୍ନାପଟ ଚୁରମାର ହୋଇଯାଇଛି । ମୃତକଙ୍କ ମଧ୍ୟରେ ୧୦ ମହିଳା, ୮ ପୁରୁଷ ଓ ଜଣେ ୩ ମାସର ଛୁଆ ଅଛନ୍ତି । ଦୁର୍ଘଟଣା ଯୋଗୁ ହାଇଦ୍ରାବାଦ- (୯ ପୃଷ୍ଠାରେ)

## ପୀତବାସ ପଣ୍ଡା ହତ୍ୟା ମାମଲା

# କୁରୁପତି, ସୁପାରିକିଲର ଉମା ଗିରଫ





ବ୍ରହ୍ମପୁର, ୩ ।୧୧ (ସବ୍ୟୁ): ଆଇନଜୀବୀ ପୀତବାସ ହତ୍ୟା ମାମଲାର ପର୍ଦ୍ଦାଫାସ ବ୍ରହ୍ମପୁର ପୋଲିସ ଗତ ଅକ୍ଟୋବର ୨୨ ତାରିଖରେ କରିଥିଲା । ପୋଲିସ ପ୍ରଥମ ଦଫାରେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ସମେତ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ହତ୍ୟା ଘଟଣାର ସାର୍ପ ସୁଟର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର କୁରୁପତି ଭୂୟାଁ ଓ ସୁପାରି କିଲର ସଦର ଥାନା ଅନ୍ତର୍ଗତ ବାଲିପଡାର ଉମା ବିଷୋୟୀ ଘଟଣା ପରଠାରୁ ଫେରାର ଥିବାବେଳେ ସୋମବାର ତାଙ୍କୁ ସ୍ୱତନ୍ତ୍ର ଟିମ ଦ୍ୱାରା କାବୁ କରାଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ଉଭୟଙ୍କୁ ମୁହାଁମୁହିଁ ଜେରା କରାଯାଉଛି । ଏହା ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ହୋଇଥିବା ବେଳେ ଏଥିରେ ନେତା, କର୍ପୋରେଟର ପୂର୍ବରୁ ଗିରଫ ହୋଇଛନ୍ତି । ସେମାନଙ୍କୁ ସୁପାରି କିଏ ଦେଇଥିଲା, ବନ୍ଧୁକ କେହୁଁଠାରୁ ଅଣାଯାଇଥିଲା ଓ ହତ୍ୟା ପାଇଁ କେଉଁଠାରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ସେନେଇ ପୋଲିସ ଖୋଳତାଡ କରୁଛି । ପ୍ରକାଶ ଥାଉକି ପୂର୍ବରୁ ଅକେଫାବର ୨୩ ତାରିଖରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଜୟପୁରରେ ଏକ ଫାର୍ମ ହାଉସ ମାଲିକ (୯ ପୃଷ୍ଠାରେ)

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

# ଜେଲ୍ ଗଲେ ମାଷ୍ଟରମାଇଣ୍ଡ ଶଙ୍କର, ସୁରେଶ

ବ୍ରହ୍ମପୁର, ୩ ।୧୧ (ସବ୍ୟୁ) : ଓଡ଼ିଶା ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା ଜାଲିଆତି ମାମଲା ରାକେଟ୍ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ନେପାଳ ସୀମା ଉତ୍ତରଖଣ୍ଡରୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଛି । ତା'ସହ ସିଲିକନ୍ ଟେକଲାବ୍ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କୁ ଆଜି ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ରେ ସନ୍ଧ୍ୟାରେ ହାଜର କରାଯାଇଥିଲା । ଶଙ୍କରଙ୍କ ଓକିଲ ଅନୀଲ କୁମାର ପଣ୍ଡା ତାଙ୍କ ପାଇଁ ଜାମିନ୍ ଆବେଦନ କରିଥିଲେ । କୋର୍ଟ ତାଙ୍କ ଜାମିନ୍ ନାମଞ୍ଜୁର କରିବା ସହ ବ୍ରହ୍ମପୁର ଜେଲକୁ ପଠାଇ ଦେଇଛନ୍ତି । ଆଇନଜୀବୀ ଅନୀଲ କୁମାର ପଣ୍ଡାଙ୍କ ସୂଚନା ପ୍ରକାରେ ଉତ୍ତରଖଣ୍ଡରୁ ଶଙ୍କରଙ୍କୁ ଗିରଫ କରିବା ପରେ କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା । ଉତ୍ତରାଖଣ୍ଡ କୋର୍ଟ ୪ ତାରିଖ ପୂର୍ବରୁ ତାଙ୍କୁ ବ୍ରହ୍ମପୁର ଜେଏମ୍‌ଏଫସିରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲା । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । କ୍ରାଇମ୍‌ବ୍ରାଞ୍ଚ ଅଧିକ ପଚରାଉଚରା କରିବାକୁ ଶଙ୍କରଙ୍କୁ ୭ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ । କୋର୍ଟ ଆବେଦନକୁ ଗ୍ରହଣ କରିବା ସହ ମଙ୍ଗଳବାର ଏହାର ଶୁଣାଣି ପାଇଁ ଧାର୍ଯ୍ୟ କରିଥିବା ଆଇନଜୀବୀ ପଣ୍ଡା ସୂଚନା ଦେଇଛନ୍ତି । ଗତକାଲି ତାଙ୍କୁ ଭୁବନେଶ୍ୱର ପରେ କଟକ ନେଇ ଜେରା କରିଥିଲା କ୍ରାଇମବ୍ରାଞ୍ଚ । ସେଠାରୁ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଶଙ୍କର ଓ ସୁରେଶଙ୍କୁ ଦୁଇଟି ଗାଡ଼ିରେ ନେଇ ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର କୋର୍ଟରେ ପହଞ୍ଚିଥିଲା । ଆଜି କୋର୍ଟ ଛୁଟି ଥିବାରୁ ସବୁ ଅଫିସ ଛୁଟି ରହିଥିଲା । କ୍ରାଇମବ୍ରାଞ୍ଚ ସୂଚନା ଦେବା ପରେ କୋର୍ଟ ଏସ୍‌ଇ ଆସିଥିଲେ । ରାତି ୮ଟା ପର୍ଯ୍ୟନ୍ତ ଶଙ୍କର ଓ ସୁରେଶଙ୍କୁ ଗାଡ଼ିରୁ ବାହାରକୁ ଅଣାଯାଇନଥିଲା । ଚାରିପାଖର୍ରେ ପୁଲିସ ଜଗି ରହିଥିଲା । ଶଙ୍କର ଗାଡ଼ି ଭିତରେ ବସି ଗଣମାଧ୍ୟମକୁ କିଛି ସୂଚନା ଦେବାକୁ (୯ ପୃଷ୍ଠାରେ)

# ଏସ୍‌ଆଇଆର ବିରୋଧରେ ତାମିଲନାଡୁର ୪୪ ଦଳ ଯିବେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ, ୩.୧୧ : ନିର୍ବାଚନ କମିଶନଙ୍କ ପକ୍ଷରୁ ତାମିଲନାଡୁରେ ଯେଉଁ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ଆରମ୍ଭ କରାଯାଇଛି ତାମିଲନାଡୁରେ ଏହାକୁ ଜୋରଦାର ବିରୋଧ ହୋଇଛି । କ୍ଷମତାସୀନ ଡିଏମ୍‌କେ ସହ ପ୍ରାୟ ୪୪ ଦଳ ଏହାକୁ ବିରୋଧ କରିବା ସହ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୨୬ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି । ଏସ୍‌ଆଇଆର୍ ହେଲେ ଲକ୍ଷାଧିକ ଭୋଟରଙ୍କ ନାମ ମତଦାତା ସୂଚୀରୁ ବାଦ୍ ପଡ଼ିବ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ଆଜି ୪୪ ରାଜନୈତିକ ଦଳର ବୈଠକ ହୋଇଥିଲା । ଏଥିରେ ଡିଏମ୍‌ଡିକେ, ଡିକେ ସାମିଲ ହୋଇଥିଲା । ଯେକି ମହାମେଣ୍ଟରେ ନାହିଁ । ଏଥିରେ ପାରିତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ସେମାନେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି ଯେ ମତଦାତା ସୂଚୀର ପୁନଃ ସଂଶୋଧନକୁ ବନ୍ଦ କରାଯାଉ । ଏସ୍‌ଆଇଆର ଗ୍ରହଣୀୟ ନୁହେଁ । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଏହାକୁ ଗ୍ରହଣ କରାଯିବନାହିଁ । ଏଥିରେ ଉଲ୍ଲେଖ କରାଯାଇଛି ଯେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶରେ ନିର୍ବାଚନ କମିଶନ କଣ୍ଢେଇ ଭଳି କାର୍ଯ୍ୟ କରୁଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସ୍‌ଆଇଆର ହେଉଛି ଲୋକଙ୍କର ଭୋଟ ଅଧିକାରକୁ ଛଡାଇ ନେବା ଓ ଗଣତନ୍ତ୍ରକୁ କିଣିବା । ଡିଏମ୍‌କେ ନେତୃତ୍ୱାଧୀନ ତାମିଲନାଡୁ ସରକାର କହିଛନ୍ତି ଯେ ପ୍ରଶାସନିକ ଓ ଜଳବାୟୁର ବାଧ ବାଧକତା (୯ ପୃଷ୍ଠାରେ)

## ବିହାର ନିର୍ବାଚନ, ଉପ-ନିର୍ବାଚନ ୨୦୨୫

# ଜବତ ହେଲାଣି ୧୦୦ କୋଟିରୁ ଉର୍ଦ୍ଧ୍ୱ ମାଦକ ଦ୍ରବ୍ୟ

ଭୁବନେଶ୍ୱର, ୩ ।୧୧ (ସବ୍ୟୁ) : ଭାରତ ନିର୍ବାଚନ ଆୟୋଗ ବିହାର ବିଧାନସଭାର ସାଧାରଣ ନିର୍ବାଚନ, ୨୦୨୫ ଏବଂ ଦେଶର ୮ ନିର୍ବାଚନ ମଣ୍ଡଳୀ ପାଇଁ ଉପ-ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଆଦର୍ଶ ଆଚରଣ ବିଧି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଅନୁପାଳନ କରିବାକୁ ଆୟୋଗ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସି-ଭିଜିଲରେ ରିପୋର୍ଟ ହୋଇଥିବା ଅଭିଯୋଗଗୁଡ଼ିକର ୧୦୦ ମିନିଟ୍ ମଧ୍ୟରେ ସମାଧାନ ନିଶ୍ଚିତ କରିବା ପାଇଁ ସମଗ୍ର ବିହାରରେ ୮୨୪ଟି ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି ।

ସୂଚନା ଯୋଗ୍ୟ ଯେ, ୩ ନଭେମ୍ବର, ୨୦୨୫ ଅର୍ଥାତ ଆଜି ସୁଦ୍ଧା, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ଏଜେନ୍ସିମାନଙ୍କ ସମନ୍ୱୟରେ ୯.୬୨ କୋଟି ଟଙ୍କା ନଗଦ, ୪୨.୧୪ କୋଟି ଟଙ୍କା (୯.୬ ଲକ୍ଷ ଲିଟର) ମୂଲ୍ୟର ମଦ, ୨୪.୬୧ କୋଟି (୯ ପୃଷ୍ଠାରେ)

# ପାଇଖାନା ଟାଙ୍କିରେ ପଡ଼ି ୩ ଶିଶୁ ମୃତ

ବଡ଼ମ୍ବା/ଆଠଗଡ଼, ୩ ।୧୧ (ସବ୍ୟୁ) : କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ସୋମବାର ଅପରାହ୍ନରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ମାମୁଁଘରକୁ ଆସିଥିବା ୩ ନିରିହ ଶିଶୁ ପାଇଖାନା ଟାଙ୍କିରେ ପଡ଼ି ମୃତ୍ୟବରଣ କରିଛନ୍ତି । । ମୃତକଙ୍କ ମଧ୍ୟରେ ଜଣେ ନାବାଳିକା ଏବଂ ଦୁଇଜଣ ନାବାଳକ ଅଛନ୍ତି ।

ମୃତ ଶିଶୁମାନେ ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ବଡ଼ ବାରେନା ଗ୍ରାମର ଅଜୟ ନାଏକଙ୍କ କନ୍ୟା ଶିବାନୀ ନାଏକ (୫ ବର୍ଷ )ଓ ପୁଅ ଅଙ୍କିତ ନାଏକ (୭ବର୍ଷ )ଏବଂ ଇଛାପୁର ଗ୍ରାମର ସୁଶାନ୍ତ ନାଏକଙ୍କ ପୁଅ ଶୁଭମ ନାଏକ (୩ ବର୍ଷ )ବୋଲି ଚିହ୍ନଟ କରାଯାଇଛି । ସୂଚନା ମୁତବକ, ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ବଡ଼ ବାରେନା ଗ୍ରାମର ଅଜୟ ନାଏକଙ୍କ କନ୍ୟା ଶିବାନୀ ନାଏକ (୫ ବର୍ଷ )ଓ ପୁଅ ଅଙ୍କିତ ନାଏକ (୭ବର୍ଷ ) ଏବଂ ଇଛାପୁର ଗ୍ରାମର ସୁଶାନ୍ତ ନାଏକଙ୍କ ପୁଅ ଶୁଭମ ନାଏକ (୩ ବର୍ଷ )ନିଜ ନିଜ ଅଜା ଘର ରଗଡ଼ିପଡ଼ା ତଅଁଳା ସାହିକୁ ବୁଲିବାକୁ ଆସିଥିଲେ । ପାଖାପାଖି ଘର ହୋଇଥିବାରୁ ପିଲାମାନେ ଏକାଠି ହୋଇ ଘରର ବାଡ଼ି ପାଖରେ ଖେଳକୁଦ କରୁଥିଲେ । ସୁଦର୍ଶନ ନାଏକଙ୍କ ଘରର ପଛ ପଟେ ଥିବା ଏକ ପରିତ୍ୟକ୍ତ ଟାଙ୍କିରେ ଅସାବଧାନତା ବଶତଃ ଟାଙ୍କିରୁ ଢାଙ୍କୁଣୀ ଉପରକୁ ଭାଙ୍ଗି ଯିବାରୁ ଟାଙ୍କି ଭିତରେ ଖସିଯାଇ ଶ୍ୱାସରୁଦ୍ଧ ହୋଇଯାଇଥିଲେ ।

ପରିବାର ବର୍ଗଙ୍କ ସୂଚନା ମୁତାବକ ସୋମବାର ପୂର୍ବାହ୍ନ ପ୍ରାୟ ୧୦ ଘଣ୍ଟା ପରେ ଅଘଟଣ ଘଟିଥିବା ଅନୁମାନ କରାଯାଉଛି । ବହୁ ସମୟ ଧରି ପିଲାଙ୍କ ପାଟିତୁଣ୍ଡ ନ ଶୁଭିବାରୁ ପରିବାର (୯ ପୃଷ୍ଠାରେ)

# ଓଡ଼ିଶାକୁ ମିଳିଲା ୪୪୪ କୋଟି

ଭୁବନେଶ୍ୱର, ୩ ।୧୧ (ସବ୍ୟୁ) : ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଆକାରର ୪୪୪ କୋଟିରୁ ଅଧିକ ଟଙ୍କା ଜାରି କରିଛନ୍ତି କେନ୍ଦ୍ର ସରକାର । ରାଜ୍ୟର ୨୦ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ, ୨୯୬ଟି ଯୋଗ୍ୟ ପଞ୍ଚାୟତ ସମିତି ଏବଂ ୬,୭୩୪ଟି ଯୋଗ୍ୟ ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ କିସ୍ତି ମୁକ୍ତ ଅନୁଦାନ ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହା ସହିତ, ୨୦୨୫ ଉର୍ଦ୍ଧ୍ୱ ୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତି ମୁକ୍ତ ଅନୁଦାନର ସ୍ଥଗିତ ଅଂଶ ଆକାରରେ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର କୋଟି ଟଙ୍କା ଓଡ଼ିଶାକୁ ମିଳିଛି । ଏହି ଅର୍ଥଷ ୨୦ଟି ଯୋଗ୍ୟ ଜିଲ୍ଲା ପରିଷଦ, ୨୩୩ଟି ଯୋଗ୍ୟ ପଞ୍ଚାୟତ ସମିତି ଏବଂ ୬୪୯ଟି ଯୋଗ୍ୟ ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛି ।

ଭାରତ ସରକାର, ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ, ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥାନ୍ତି ।

## ନୂଆପଡାରେ ନବୀନଙ୍କ ପ୍ରଚାର

# ଭୋଟ୍ ଚୋରି ପରେ ଏବେ ପ୍ରାର୍ଥୀ ଚୋରି



ନୂଆପଡ଼ା, ୩ ।୧୧ (ସବ୍ୟୁ): ବିଜେଡି ସରକାର ସମୟରେ ନୂଆପଡ଼ା ସମେତ ରାଜ୍ୟର ସବୁ ଜିଲାରେ ବିକାଶମୂଳକ କାମ ଦ୍ରୁତ ଗତିରେ ଆଗକୁ ବଢୁଥିଲା । କିନ୍ତୁ ବିଜେପି ସରକାର ଆସିବାପରେ ପରିସ୍ଥିତି ପୂରା ବଦଳି ଯାଇଛି । ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି । ଭାଇଚାରାର ରାଜ୍ୟ, ଓଡିଶା ସୁନାମ ଆଜି ନଷ୍ଟ ହୋଇଗଲାଣି । ବିଜେପି ଶାସନରେ ଓଡ଼ିଶାର ଲୋକେ ଅତିଷ୍ଠ ହୋଇଗଲେଣି । ଭୋଟ ଚୋରୀ କରୁଥିଲେ, ଏବେ ପ୍ରାର୍ଥୀ ଚୋରୀ କରୁଛନ୍ତି । ନୂଆପଡାବାସୀ, ବିଜେଡ଼ି ସହ ବିଜେପି କରିଥିବା ବେଇମାନୀ ପାଇଁ ଲୋକମାନଙ୍କ ମନରେ କ୍ରୋଧ ରହିଛି । ଏ ବିଶ୍ୱାସଘାତକତାର ଜବାବ ନୂଆପଡାବାସୀ ୧୧ ତାରିଖ ଦିନ ଭୋଟରେ ଦେବେ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି

ସୋମବାର ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବା ଅବସରରେ କୋମନା ବ୍ଲକର ତରବୋଡ଼, ଧାନମଣ୍ଡି ପଡିଆରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ (୯ ପୃଷ୍ଠାରେ)

# ୬, ୭ରେ ନୂଆପଡ଼ା ପ୍ରଚାରରେ ଯିବେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୩ ।୧୧ (ସବ୍ୟୁ): ଆସନ୍ତା ନଭେମ୍ବର ୧୧ରେ ହେବ ନୂଆପଡ଼ା ଉପନିର୍ବାଚନ ମତଦାନ । ଏହି ନିର୍ବାଚନରେ ପ୍ରଚାର ସରଗରମ ରହିଥିବା ବେଳେ ୯ ତାରିଖ ପ୍ରଚାରର ଶେଷ ତାରିଖ । ଏହାର ୩ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ନିର୍ବାଚନ ପ୍ରଚାରରେ ଯିବେ । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୬ ଓ ୭ ତାରିଖ ଦୁଇ ଦିନ ଧରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଚାର କରିବେ ବୋଲି ଜଣାପଡ଼ିଛି ।

**୭ରେ ରେଭନ୍ତ, ୮ରେ ସଚିନଙ୍କ କଂଗ୍ରେସ ପାଇଁ ପ୍ରଚାର**

ସେହିଭଳି ନୂଆପଡ଼ା ଉପନିର୍ବାଚନ ପାଇଁ ଜୋର ଧରିଥିବା ବେଳେ କଂଗ୍ରେସ ଦଳୀୟ ପ୍ରାର୍ଥୀ ଘାଷିରାମ ମାଝୀଙ୍କ ସପକ୍ଷରେ ପ୍ରଚାର ପାଇଁ ହେଭିୱେଟ୍ ନେତା ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ୭ ତାରିଖ ଆସୁଛନ୍ତି । ସଭା ପାଇଁ ନୂଆପଡ଼ା ଜିଲ୍ଲାର ସାଲେଭଟା ପଡ଼ିଆ ପ୍ରସ୍ତୁତି ହୋଇସାରିଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ରାଜସ୍ଥାନର ଯୁବ କଂଗ୍ରେସ ନେତା ସଚିନ ପାଇଲଟ୍ ୮ ତାରିଖ ପ୍ରଚାର ପାଇଁ ଆସୁଥିବା ନେଇ ସୂଚନା ରହିଥିବା ବେଳେ ବିହାରର ଉଦୀୟମାନ କଂଗ୍ରେସ ଯୁବନେତା କହ୍ନେୟା କୁମାର ଆସିବାର ସମ୍ଭାବନା ରହିଛି ବୋଲି କଂଗ୍ରେସର ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଅରବିନ୍ଦ ଦାସ କହିଛନ୍ତି ।

## ଏଆଇର ନୂଆ ସଫଳତା

ଗତ କିଛିଦିନ ହେବ ରୋବଟ ଓ ଏଆଇର ବ୍ୟବହାର ଆମମାନଙ୍କ ଜୀବନରେ ବଢିବାରେ ଲାଗିଛି । ବର୍ତ୍ତମାନ ରୋବଟ ଓ ଏଆଇ ମିଶି ଆଇଭିଏଫ ଟ୍ରିଟମେଣ୍ଟ ସହାୟତାରେ ଛୁଆ ଜନ୍ମ କରିବାରେ ସଫଳ ହେଉଛନ୍ତି । ଏନେଇ ଆମେରିକାର କମ୍ପାନୀ କନ୍ସିବେବଲ ଲାଇଫ ସାଇନ୍ସ ପକ୍ଷରୁ କରାଯାଇଛି । ଏହି କ୍ଲିନିକାଲ ଟ୍ରାଏଲ କାରଣରୁ ବର୍ତ୍ତମାନସୁଦ୍ଧା ୨୦ରୁ ଅଧିକ ଛୁଆ ଜନ୍ମ ହୋଇସାରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ଏହି କମ୍ପାନୀ ପକ୍ଷରୁ ଓରା ନାମକ ଏକ ସିଷ୍ଟମ ନିର୍ମାଣ କରାଯାଇଛି, ଯେଉଁଥିରେ ଆଇଭିଏଫ୍‌ର ୨୦୫ ମ୍ୟାନୁଆଲକୁ ଅଟୋମେଟ କରାଯାଇଛି । ଏହାକୁ ପ୍ରଥମେ ମୂଷା ଉପରେ ଟେଷ୍ଟ କରାଯାଇଥିଲା । ୨୦୨୩ରେ ଏହି ପ୍ରକ୍ରିୟାରେ ୧୪ଟି ଅଣ୍ଡାରୁ ୧୩ଟି ସୁସ୍ଥ ଭ୍ରୁଣ ସଫଳତା ପୂର୍ବକ ଜନ୍ମ କରାଯାଇଛି । ଏହାସହ ଏହି ପ୍ରକ୍ରିୟାରେ ୨୦ରୁ ଅଧିକ ସୁସ୍ଥ ମଣିଷ ଛୁଆ ମଧ ଜନ୍ମ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ଦାବି କରାଯାଇଛି । ଏଆଇକୁ ବ୍ୟବହାର କରି ଡାକ୍ତରମାନଙ୍କର ଅନେକ କାମ ସହଜ ଓ ସରଳ ହୋଇ ଯାଉଛି ।



## ହାହାଃ.. ହାହାଃ..

ଚିଣ୍ଟୁ– ସାଙ୍ଗ ଗୋଟେ ଗଡବଡ ହୋଇଗଲା, ଗୋଲୁ– କ'ଣ ହେଲା ଭାଇ ? ଚିଣ୍ଟୁ– ମୋର ଗୋଟେ ସାଙ୍ଗ ମୋତେ ସବୁବେଳେ କହୁଛି କିଛି ଅଲଗା କର, ଗୋଲୁ– ହଁ ତ ତୁ କ'ଣ କରିଦେଲୁ, ଚିଣ୍ଟୁ– ମୁଁ ତାର ଗାର୍ଲଫ୍ରେଣ୍ଡ ଠାରୁ ଅଲଗା କରିଦେଲି, ଏବେ ମୋତେ ବନ୍ଧୁକ ନେଇ ଖୋଜୁଛି ସେ ।

### ଘଟଣା

୧୬୧୮– ମୋଗଲ ଶାସକ ଔରଙ୍ଗଜେବଙ୍କ ଜନ୍ମ ।
୧୮୨୨– ଦିଲ୍ଲୀରେ ଜଳ ଯୋଗାଣ ଯୋଜନା ଔପଚାରିକ ରୂପେ ଶୁଭାରମ୍ଭ ହେଲା ।
୧୮୨୨– ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ମ୍ୟାରୀ ଟୋଡ୍‌ଙ୍କ ସହିତ ବିବାହ ବନ୍ଧନରେ ବାନ୍ଧିହେଲେ ।
୧୯୨୪– ବାୟୋମିଙ୍ଗ୍‌ର ନେଲି ଟେଲୋ ରସ୍ ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ପ୍ରଥମ ମହିଳା ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଲେ ।
୧୯୨୯– ଭାରତୀୟ ଲେଖିକା ଶକୁନ୍ତଳା ଦେବୀଙ୍କ ଜନ୍ମ ।
୧୯୫୪– ଦାର୍ଜିଲିଙ୍ଗ୍‌ରେ ହିମାଳୟ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଗଲା ।
୧୯୯୫– ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ।
୨୦୦୮– ବାରାକ ଓବାମା ଆଫ୍ରିକୀୟ ମୂଳ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ହେଲେ ।

## ଆଜି ଜନ୍ମଦିନ

### ଗଣିତ ବିଶାରଦ ଶକୁନ୍ତଳା ଦେବୀ



ଜଣେ ଭାରତୀୟ ଗଣିତଜ୍ଞ ଓ ବିସ୍ମୟକାରୀ ମାନସିକ ସଂଖ୍ୟା ଗଣକ ଥିଲେ, ଯିଏ ମାନବ କମ୍ପ୍ୟୁଟର ନାମରେ ମଧ ପ୍ରସିଦ୍ଧ ଥିଲେ । ବାଙ୍ଗାଲୋରରେ ନଭେମ୍ବର ୪, ୧୯୨୯ ମସିହାରେ ଶକୁନ୍ତଳା ଦେବୀଙ୍କ ଜନ୍ମ । ତାଙ୍କ ପିତା ଜଣେ ମନ୍ଦିର ପୁଜାରୀ ହେବା ପାଇଁ ରାଜି ନ ହୋଇ ଗୋଟିଏ ସର୍କସ ଦଳରେ ଯୋଗ ଦେଇଥିଲେ । ଶକୁନ୍ତଳାଙ୍କୁ ଯେତେବେଳେ ମାତ୍ର ତିନି ବର୍ଷ ବୟସ, ଏକ ତାସ୍ ମ୍ୟାଜିକ ଶିଖାଇବାକୁ ଯାଇ ତାଙ୍କ ପିତା ଝିଅର ସଂଖ୍ୟାଗୁଡିକୁ ମନେରଖିବାର ଅଦ୍ଭୁତ କ୍ଷମତା ଲକ୍ଷ୍ୟ କରିପାରିଥିଲେ । ପିତା ସର୍କସ ଛାଡି ଶକୁନ୍ତଳାଙ୍କୁ ନେଇ ତାଙ୍କର ଅଦ୍ଭୁତ ଗଣନା ଶକ୍ତି ପ୍ରଦର୍ଶନ କରିବା ନିମିତ୍ତ ରାସ୍ତାଘାଟରେ ଗଣିତ ଖେଳ ଦେଖାଇବା ଆରମ୍ଭ କଲେ । ଶକୁନ୍ତଳା ସେତେବେଳେ କୌଣସି ପ୍ରକାର ଔପଚାରିକ ଶିକ୍ଷା ଲାଭ କରି ନ ଥିଲେ । ଛଅବର୍ଷ ବେଳକୁ ସେ ମାନସିକ ଗଣନା ତଥା ମନେ ରଖିବାର ଅଦ୍ଭୁତ ଦକ୍ଷତା ମହୀଶୂର ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶନ କରିଥିଲେ । ଏହାପରେ ସାରାବିଶ୍ୱରେ ସେ ନିଜର ଗଣିତ ଦକ୍ଷତା ପାଇଁ ଖୁବ ପରିଚିତ ହୋଇପାରିଥିଲେ । ତାଙ୍କ ଦକ୍ଷତା ପାଇଁ ତାଙ୍କୁ ହ୍ୟୁମାନ କମ୍ପ୍ୟୁଟରର ଆଖ୍ୟା ଦିଆଯାଇଥିଲା । ତାଙ୍କ ଜୀବନୀକୁ ନେଇ ବଲିଉଡରେ ଶକୁନ୍ତଳା ଦେବୀ ନାମରେ ଏକ ଫିଲ୍ମ ମଧ ନିର୍ମାଣ କରାଯାଇଛ, ଯେଉଁଥିରେ ବିଦ୍ୟା ବାଲାନ ମୁଖ୍ୟ ଭୂମିକାରେ ନଜର ଆସିଥିଲେ । ଏହି ମହାନ ଗଣିତଜ୍ଞଙ୍କର ୨୧ ଏପ୍ରିଲ ୨୦୧୩ରେ ଦେହାନ୍ତ ହୋଇଥିଲା ।

## ବିଲେଇ ରକ୍ତର ଚୋରା ବ୍ୟବସାୟ

ଚୀନର କିଛି ସ୍ଥାନରେ ବର୍ତ୍ତମାନ ଏକ ନୂଆ ଅପରାଧ ନେଇ ସୂଚନା ମିଳିଛି । ଏଠାରେ ଅବୈଧ ଉପାୟରେ ରାସ୍ତାରେ ବୁଲୁଥିବା ବିଲେଇଙ୍କର ରକ୍ତକୁ ଡାକ୍ତରଖାନା ଗୁଡିକୁ ବିକା ଯାଉଛି । ଯେଉଁ ଉପାୟରେ ଲୋକମାନେ ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ଆସିଛି । ଏନେଇ ଜଣେ



ବ୍ଲଗର ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଭାଇରାଲ ହେବାରେ ଲାଗିଛି । ପୋଷାଜୀବ ଓ ପ୍ରାଣୀମାନଙ୍କ ପାଇଁ ଥିବା ବ୍ଲଡବ୍ୟାଙ୍କ ଗୁଡିକୁ ଏହା ବିକ୍ରି କରଯାଉଛି । ଗୋଟିଏ ଗୋଟିଏ ବିଲେଇ ଠାରୁ ପାଖାପାଖି ୩ ରୁ ୪ ପ୍ୟାକେଟ୍ ପର୍ଯ୍ୟନ୍ତ ରକ୍ତ କଢାଯାଉଛି, ଯାହାକୁ ଭେଟନାରୀ ହଲପିଟାଲ ଗୁଡିକୁ ବିକ୍ରି କରାଯାଉଛି । ଗୋଟିଏ ପୋଷା ବିଲେଇ ପାଇଁ ରକ୍ତ କିଣାଯିବାବେଳେ ଏହା ଦୂଷିତ ବୋଲି ଜଣା ପଡିଥିଲା । ଯାହାର ତଦନ୍ତ ସମୟରେ ଏହି ଫ୍ରଡ ସାମନାକୁ ଆସିଛି । ଗୋଟିଏ ବିଲେଇରୁ ଏହି ମାଫିଆମାନେ ପାଖାପାଖି ୨୮ ରୁ ୩୫ ହଜାର ପର୍ଯ୍ୟନ୍ତ ଟଙ୍କା ବ୍ୟବସାୟ କରୁଛନ୍ତି ।






## ଆମିଷ ବିକ୍ରିକୁ ନା

ଭାରତରେ ଏଭଳି ଏକ ସହର ଅଛି ଯେଉଁଠାରେ ଖାଇବାକୁ ସ୍ୱାଦ ସହିତ ବିଶ୍ୱାସ ଓ ପରମ୍ପରା ସହିତ ମଧ ଯୋଡାଯାଇଥାଏ । ଗୁଜରାଟର ଭାବନଗର ଜିଲ୍ଲାରେ ରହିଛି ପାଲିତାନା ସହର । ଯାହା ବର୍ତ୍ତମାନ ବିଶ୍ୱର ପ୍ରଥମ ସହରଭାବେ ଆମିଷ ଖାଦ୍ୟର ବିକ୍ରି ଉପରେ ରୋକ ଲଗାଇଛି । ଏହି ସହରଟିକୁ ମନ୍ଦିର ମାଳିନୀର ଆଖ୍ୟା ମଧ ଦିଆଯାଇଥାଏ । ଏଠାରେ ପାଖାପାଖି ୮୦୦ରୁ ଅଧିକ ଜୈନ ମନ୍ଦିର ରହିଛି । ଏହା ଜୈନ ଧର୍ମର ଖୁବ ପବିତ୍ର ସ୍ଥଳ । ୨୦୧୪ରେ ଖୁବ ଅଧିକ ସଂଖ୍ୟକ ଜୈନ ସାଧୁ ଆମିଷ ବିକ୍ରି ଉପରେ ରୋକ ଲଗାଇବାକୁ ଆନ୍ଦୋଳନରେ ଦାବି କରିଥିଲେ । ତାଙ୍କର ଏହି ଦାବିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆମିଷ ଖାଦ୍ୟ ବିକ୍ରି ଉପରେ ନିଷେଧ ଜାରି କରାଯାଇଛି । ଏଠାରେ ଜଣେ ଲୋକ ସ୍ୱାତିକ ଖାଦ୍ୟର ଆନନ୍ଦ ନେଇପାରିବ । ଏପରିକି ଏଠାରେ ଲୋକମାନେ ଭେଗାନ ଖାଦ୍ୟଶୈଳୀକୁ ଅନୁକରଣ କରନ୍ତି ବୋଲି ସୂଚନା ରହିଛି, ଯେଉଁଥିରେ ପ୍ରାଣୀମାନଙ୍କୁ କୌଣସି କ୍ଷତି ପହଞ୍ଚାଯାଇ ନଥାଏ ।

## ସୋସିଆଲ କୋଟ୍ସ



"ବମ୍ବେ ଭେଲଭେଟ ଫିଲ୍ମ ପାଇଁ ପ୍ରଥମରୁ ବଜେଟ ୨୮ କୋଟି ଥିଲା ଯାହା ବଢି ପରେ ୯୦ କୋଟିରେ ପହଞ୍ଚିଥିଲା । ଏହା ଫିଲ୍ମକୁ ଖୁବ ସହାୟତ କରିଥିଲା ।

ଅନୁରାଗ କଶ୍ୟପ, ଫିଲ୍ମମେକର



"ବିଗ୍ ବସରେ ଦୁଇଟି ଭଏସର ବ୍ୟବହାର ରହିଛି । ସେଥିରୁ ପ୍ରତିଯୋଗୀଙ୍କ ସହିତ ଯେଉଁ ଭଏସଟି କଥା ହୋଇଥାଏ ତାହା ମୋର ନୁହେଁ ।

ବିଜୟ ବିକ୍ରମ ସିଂ, ଭଏସ୍ ଆର୍ଟିଷ୍ଟ



"ମୁଁ ଯାହାକୁ ଥରେ ଭଲପାଏ ଜୀବନସାରା ତା ପାଖରେ ଠିଆ ହୁଏ । କୌଣସି ଲୋକର ଖରାପ ଚାହିଁବା ମୋର ଅଭ୍ୟାସ ନୁହେଁ । ମୁଁ ସବୁବେଳେ ସେମାନଙ୍କ ସହିତ ସବୁ ପରିସ୍ଥିତିରେ ରହିଥାଏ ।

ନେହାଲ, ଅଭିନେତ୍ରୀ

## ପାଳଙ୍ଗ ମୂଳା ପରଟା



**ସାମଗ୍ରୀ–** ୨କପ୍ ଅଟା, ୨କପ୍ କଟାହୋଇଥିବା ପାଳଙ୍ଗ ଶାଗ, ଏକ କପ୍ କଟାହୋଇଥିବା ମୂଳା ପତ୍ର, ଏକ ଚାମଚ ଭଜା ଜିରା ଗୁଣ୍ଡ, ଏକ ଚାମଚ ଲଙ୍କାଗୁଣ୍ଡ, ଅଳ୍ପ ପରିମାଣ ଗରମ ମସଲା, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ପ୍ରଥମେ ମିଡିଅମ୍ ଆଞ୍ଚରେ ତେଲ ଗରମ କରନ୍ତୁ ଏଥିରେ ପାଳଙ୍ଗ ଓ ମୂଳା ପତ୍ର, ଗରମ ମସଲା, ଲଙ୍କା ଗୁଣ୍ଡ, ଭଜା ଜୀରା ଗୁଣ୍ଡ ସହ ଲୁଣ ପକାଇ ଭାଜନ୍ତୁ । ଶାଗରୁ ପାଣି ଛାଡିବା ପରେ ଗ୍ୟାସ୍ ବନ୍ଦ କରିନିଅନ୍ତୁ ଏବଂ ଏହାକୁ ଥଣ୍ଡା କରିବା ପାଇଁ ଛାଡନ୍ତୁ । ଏହାପରେ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ପୂର୍ବ ପ୍ରସ୍ତୁତ ଶାଗ ଷ୍ଟଫିଙ୍ଗ ଦେଇ ପରଟା ଆକାରରେ ବେଲନ୍ତୁ । ଏହାକୁ ଅଳ୍ପ ତେଲ କିମ୍ବା ଘିଅ ଦେଇ ସେକି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ପାଳଙ୍ଗ ମୂଳା ପରଟା । ଏହାକୁ ଚଟଣୀ କିମ୍ବା ଦହି ସହିତ ପରଷନ୍ତୁ ।



## ପରିଶ୍ରମୀ ରଶ୍ମିକା

ଆୟୁଷ୍ମାନ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ ଥାମା କିଛିଦିନ ହେବ ବକ୍ସ ଅଫିସରେ ରାଜ କରିବାରେ ଲାଗିଛି । ଫିଲ୍ମଟି ୧୨ ଦିନ ଭିତରେ ପାଖାପାଖି ୧୧୬ କୋଟି ଟଙ୍କାର ବ୍ୟବସାୟ କରିସାରିଛି । ନିକଟରେ ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ରଶ୍ମିକାଙ୍କୁ ନେଇ କିଛି ମନ୍ତବ୍ୟ ଦେଇଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି । ଆଦିତ୍ୟ ରଶ୍ମିକାଙ୍କର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ରଶ୍ମିକା ଏହି ଫିଲ୍ମ ସୁଟିଂ ସମୟରେ ୧୨ ଘଣ୍ଟା ପର୍ଯ୍ୟନ୍ତ ନିରନ୍ତର କାମ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ସେହିଭଳି କେବେ ବି ଏତେ ସମୟ କାମ କରି ସେ ଥକି ଯାଇଥିବା କହି ନାହାନ୍ତି । ସେହିଭଳି ଦୀପିକାଙ୍କ ୮ଘଣ୍ଟା ସିଫ୍ଟକୁ ନେଇ ମଧ ଆଦିତ୍ୟ କଥା ହୋଇଛନ୍ତି । ତାଙ୍କ ମତରେ ଏନେଇ ମଧ ବିଚାର କରିବାର ଆବଶ୍ୟକତା ରହିଛି । ଦୀପିକା ଏ ସମ୍ପର୍କରେ କଥା ହୋଇଛନ୍ତିମାନେ ଏହା ପଛରେ କିଛି ନା କିଛି କାରଣ ରହିଛି । ଜଣେ ଅଭିନେତ୍ରୀଙ୍କୁ ମଧ ନିଜପାଇଁ ସମୟର ଆବଶ୍ୟକତା ରହିଛି । ତେଣୁ ଏହି ଘଟଣାରେ ସେ କିଛି ମନ୍ତବ୍ୟ ଦେବାକୁ ମନା କରିଥିଲେ । ପ୍ରଥମେ ଦୀପିକା ଦେଇଥିବା ମନ୍ତବ୍ୟ ପଛର କାରଣ ବୁଝିବାର ଆବଶ୍ୟକତା ରହିଛି ବୋଲି ଆଦିତ୍ୟ ପ୍ରକାଶ କରିଥିଲେ ।

## କଣ୍ଢେଇ ଠାରୁ ଛାଡପତ୍ର

୨୦୧୮ରେ ବ୍ରାଜିଲର ଜଣେ ମହିଳା ଗୋଟିଏ କଣ୍ଢେଇକୁ ବିବାହ କରି ଖୁବ ଚର୍ଚ୍ଚାରେ ରହିଥିଲେ । ତେବେ ଏହି ମହିଳା ଜଣଙ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ବର୍ତ୍ତମାନ ସେ ସମ୍ପୃକ୍ତ କଣ୍ଢେଇ ଠାରୁ ଛାଡପତ୍ର ପାଇଁ ଆବେଦନ କରିଛନ୍ତି । ମହିଳା ଜଣଙ୍କ ସେହି କଣ୍ଢେଇଟିକୁ କେବଳ ବିବାହ କରିଥିଲେ ଏହା ନୁହେଁ ତାଙ୍କ ସହିତ ଆହୁରି ଛୋଟଛୋଟ କଣ୍ଢେଇକୁ ସାମିଲ କରି ଏମାନଙ୍କୁ ନିଜର ପିଲାଭଳି ରଖିଥିଲେ । ତେବେ ଏହି ଛାଡପତ୍ର ପାଇଁ ମହିଳା ଜଣଙ୍କ ଉକ୍ତ କଣ୍ଢେଇକୁ ଦାୟୀ କରିଛନ୍ତି । ମହିଳାଙ୍କ ମତରେ ତାଙ୍କ କଣ୍ଢେଇ ସ୍ୱାମୀ ତାଙ୍କୁ ଧୋକା ଦେଉଛନ୍ତି, ଯେଉଁକାରଣରୁ ସେ ତାଙ୍କ ଠାରୁ ଛାଡପତ୍ର ଚାହୁଁଛନ୍ତି । ତେବେ ଏହି ମହିଳା ଜଣଙ୍କ ଏକ ବିରଳ ରୋଗ ଅବଜେକ୍ଟୋଫିଲିଆରେ ପୀଡିତ, ଯେଉଁଥିରେ ଲୋକମାନେ ନିର୍ଜୀବ ବସ୍ତୁ ପ୍ରତି ଆକର୍ଷିତ ହୋଇଥାଆନ୍ତି ।



# ବିଜେପିରେ ଯୋଗଦେଲେ ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ

ଭୁବନେଶ୍ୱର, (ସବ୍ୟୁ): ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅମରଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ରାଜନୈତିକ ଯାତ୍ରାରେ ଅମର ହେଉଛନ୍ତି ଜଣେ ବୈଧିକ ବ୍ୟକ୍ତିତ୍ୱ। ଚାକିରିରୁ ଅବସର ନେଇ ଲୋକଙ୍କ ସେବା ପାଇଁ ସେ ରାଜନୀତିରେ ଯୋଗଦେଇ ଥିଲେ। ପ୍ରଥମେ ସେ ଗୋଟେ ଆଂଚଳିକ ଦଳରେ ଥିଲେ। ରାଜ୍ୟ ସଭା ସାଂସଦ ଭାବେ ଓଡ଼ିଶାର ସ୍ୱାର୍ଥ ପାଇଁ ପାର୍ଲ୍ୟାମେଂଟରେ ଅନେକ ପ୍ରସଙ୍ଗ ଉଠାଇ ନିଜର ଦକ୍ଷତା ପରିପ୍ରକାଶ କରିଥିଲେ। ପୂର୍ବରୁ ସେ ବିଜେଡିରେ ରହି ସ୍ୱର ଉଠାଉଥିଲେ ସତ କିନ୍ତୁ ଖୋଲା ହୃଦୟରେ ପ୍ରଶସ୍ତ ଭାବେ କାର୍ଯ୍ୟ କରିପାରୁ ନ ଥିଲେ। କେବଳ ଅମର ନୁହନ୍ତି, ଅନ୍ୟ ଯେଉଁମାନେ ମଧ୍ୟ ବିଜୁ ଜନତା ଦଳ ଛାଡ଼ି ଆଜି ବିଜେପିରେ ଯୋଗ ଦେଇଛନ୍ତି ସେମାନେ କୁହନ୍ତି, ବିଜେଡିରେ ବାକ୍ ସ୍ୱାଧୀନତା ନାହିଁ। ସେଠାରେ ସାଂସଦଙ୍କଠାରୁ ବିଧାୟକ ପର୍ଯ୍ୟନ୍ତ ସଭିଏଁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ମାତ୍ର ବିଜେପିରେ ଯୋଗଦେବା ପରେ ସେମାନେ ସ୍ୱାଧୀନ ଚିନ୍ତନରେ କାମ କରିପାରୁଛନ୍ତି। ଏଥିଯୋଗୁ ବିଜେପିରେ ଯୋଗଦେବା ପରେ ଅମରଙ୍କୁ ମଧ୍ୟ ମୁକ୍ତି ମିଳିଥିବ।




ନୂଆପଡ଼ା ଉପନିର୍ବାଚନ ମଇଦାନରେ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଆଉ ସେତିକିବେଳେ ତାଙ୍କ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ବିଜେପିରେ ସାମିଲ ହୋଇଛନ୍ତି। ନବୀନ ବାବୁ ଏବେ ସେଠାରେ ପ୍ରଚାର କରନ୍ତୁ। ଆଉ ଅମର ବାବୁ ଯେତେବେଳେ ନୂଆପଡାରେ ଯାଇ ପ୍ରଚାର କରିବେ ସେତେବେଳେ ନବୀନ ବାବୁ ତାଙ୍କ ସ୍ଥିତି ବିଷୟରେ ଅବଗତ ହୋଇପାରିବେ।

ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ନିଜର ଜ୍ଞାନ ଓ ଅଭିଜ୍ଞତାକୁ ସମାଜସେବାରେ ଲଗାଇବା ନିମନ୍ତେ ଏବଂ ଓଡ଼ିଶାର ଉନ୍ନତି ପାଇଁ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଚାକିରୀର ୧୦ ବର୍ଷ ଆଗରୁ ଅବସର ନେଇ ରାଜନୀତିକୁ ଓହ୍ଲାଇଥିଲେ ଅମର ପଟ୍ଟନାୟକ। ଆଜି ସେ ବିଶ୍ୱର ସବୁଠାର ବଡ଼ ରାଜନୈତକ ଦଳ ବିଜେପିରେ ଯୋଗଦେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ବିଜେପି ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ଶ୍ରୀ ସାମଲ କହିଛନ୍ତି। ଅମର ପଟ୍ଟନାୟକ କହିଛନ୍ତି ଯେ, ତାଙ୍କ ୮ ବର୍ଷର ରାଜନୈତିକ କ୍ୟାରିୟରରେ ଆଜି ହେଉଛି ଏକ ବିଶେଷ ମୁହୂର୍ତ୍ତ। ଲୋକଙ୍କ ସହ ମିଶି ଜନସେବା କରିବା ପାଇଁ ସେ ଚାକିରି ଛାଡ଼ିଥିଲେ। ଏହି ପରିପ୍ରେକ୍ଷୀରେ ଯେତେବେଳେ ରାଜ୍ୟସଭାରେ ସୁଯୋଗ ମିଳିଲା, ସେତେବେଳେ ଓଡ଼ିଶାର ଜନସାଧାରଣଙ୍କ ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ପାଇଁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି। ଲୋକଙ୍କ ସମସ୍ୟା କଥା ରାଜ୍ୟ ସଭାରେ ଉଠାଇଛନ୍ତି। କିନ୍ତୁ ଯେତେବେଳେ ରାଷ୍ଟ୍ର ନିର୍ମାଣ କଥା ଚିନ୍ତାକଲେ ସେତେବେଳେ ବିଜେପି ଛଡ଼ା ଅନ୍ୟ କୌଣସି ଦଳ ନଜରକୁ ଆସି ନ ଥିଲା। କାରଣ ଅନ୍ୟ କୌଣସି ଦଳର ରାଷ୍ଟ୍ର ନିର୍ମାଣରେକୌଣସି ଭୂମିକା ନାହିଁ। ସେଥିପାଇଁ ବିଜେପିରେ ଯୋଗ ଦେଇଥିବା କହିଛନ୍ତି। ରାଜ୍ୟ ଉପ ସଭାପତି ଡ. ଯତୀନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସୁଭଦ୍ରା ଶକ୍ତି ମେଳାରେ ୯ଟି ରାଜ୍ୟର ମହିଳା ଉଦ୍ୟୋଗୀମାନଙ୍କ ଅଂଶଗ୍ରହଣ

# ରାଜ୍ୟ ବାହାର ମହିଳା ଉଦ୍ୟୋଗୀଙ୍କ ଉତ୍ପାଦର ଅପୂର୍ବ ଚାହିଦା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ନାରୀ ଉଦ୍ୟୋଗୀତାର ପରିଚୟ "ସୁଭଦ୍ରା ଶକ୍ତି ମେଳା ୨୦୨୫" ଏବେ ଜାତୀୟସ୍ତରର ରୂପ ନେଇଛି। ଓଡ଼ିଶା ସହିତ ଏହି ବର୍ଷ ମେଳାରେ ଅନ୍ୟ ୯ ଟି ରାଜ୍ୟ ଛତିଶଗଡ଼, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଗୁଜୁରାଟ, ପଞ୍ଜାବ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଆସାମର ମହିଳା ଉଦ୍ୟୋଗୀମାନେ ଅଂଶଗ୍ରହଣ କରି ନିଜ ଉତ୍ପାଦ ଓ ହସ୍ତଶିଳ୍ପ ପ୍ରଦର୍ଶନ କରୁଛନ୍ତି। ଭାରତୀୟ ସଂସ୍କୃତି, କଳା ଓ ହସ୍ତଶିଳ୍ପରେ ସଜେଇ ହୋଇ ପ୍ରଦର୍ଶନୀ ପଡ଼ିଆ ଏକ ମିନି ଇଣ୍ଡିଆର ଅନୁଭୂତି ପ୍ରଦାନ କରୁଛି। ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ଉତ୍ପାଦ ପାଇଁ ବିପୁଳ ଜନସମାଗମ ହେଉଥିବାବେଳେ ରାଜ୍ୟ ବାହାର ଷ୍ଟଲଗୁଡ଼ିକରେ ଦର୍ଶକ ଓ ଗ୍ରାହକମାନଙ୍କ ଅପୂର୍ବ ଭିଡ଼ ଦେଖିବାକୁ ମିଳୁଛି । ରାଜ୍ୟ ବାହାର ଉତ୍ପାଦକୁ ବେଶ ପସନ୍ଦ କରୁଛନ୍ତି ରାଜଧାନୀବାସୀ । ମେଳାର ତୃତୀୟ ଦିବସରେ ପ୍ରତ୍ୟେକ ରାଜ୍ୟର ଷ୍ଟଲ ନିଜର ପାରମ୍ପରିକ ଓ ସ୍ୱତନ୍ତ୍ର ଉତ୍ପାଦ ଦ୍ୱାରା ମେଳାର ଆକର୍ଷଣ ହୋଇଛି। ପଞ୍ଜାବର ଫୁଲକାରୀ ବସ୍ତ୍ର, ଝାଡ଼ଖଣ୍ଡର ଟସର ସିଲ୍କ ଶାଢ଼ୀ ଓ ଘର ସାଜସଜ୍ଜା




ପାଇଁ ଫୁଲଦାନୀ, ତେଲେଙ୍ଗାନାର ଇକତ୍, ଆସାମର ବିଶ୍ୱପ୍ରସିଦ୍ଧ ଏରି ରେଶମ, ଛତିଶଗଡ଼ର ମଲବେରୀ ସିଲ୍କ ଓ ଜମଦାରୀ ଶାଢ଼ୀ, ଗୁଜରାଟର ଖଦୀ କଟନ, ମଧ୍ୟପ୍ରଦେଶର ଚନ୍ଦେରୀ କଟନ ଓ ଜରି ୱର୍କ ଶାଢ଼ୀ ଏବଂ ପଶ୍ଚିମ ବଙ୍ଗରର ଡିଜାଇନର ବ୍ଲାଉଜ୍, ବାଟିକ ଶାଢ଼ୀ ଓ ଟେରାକୋଟା କାନଫୁଲ ଲୋକଙ୍କୁ ଆକର୍ଷିତ କରୁଛି। ମେଳାରେ ରାଜ୍ୟ ବାହାରର ଷ୍ଟଲଗୁଡ଼ିକ ଦର୍ଶକ ଓ ଗ୍ରାହକଙ୍କ ମନକୁ ଜିତୁଛି। ତୃତୀୟ ଦିନ ଶେଷ ସୁଦ୍ଧା ୧.୦୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମୋଟ ବିକ୍ରୟ ରେକର୍ଡ କରାଯାଇଥିଲା ଓ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାକୁ ଅଧିକ ଉତ୍ସବମୟ ଓ ଆକର୍ଷଣୀୟ କରୁଛି। ହର ଗୌରୀ ରଣପା ନୃତ୍ୟ ପରିଷଦ ଦ୍ୱାର ପାରମ୍ପରିକ ରଣପା ନୃତ୍ୟ, ଯୋଡ଼ି ଶଙ୍ଖ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଓ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଦର୍ଶକଙ୍କ ମେଳା ଦେଖାକୁ ଅଧିକ ରଙ୍ଗୀନ କରିଛି।

# କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପକ୍ଷରୁ ସଚେତନତା ସଭା

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଭୁବନେଶ୍ୱରର ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ପୌର ପରିଷଦରେ ଏକ ସଚେତନତା ଗ୍ରାମ ସଭା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଜୀବନର ସମସ୍ତ କ୍ଷେତ୍ରରେ ଦୁର୍ନୀତି ଦୂର କରିବା ଏବଂ ସଚ୍ଚୋଟତା ଓ ନିଷ୍ଠାର ସହିତ କାର୍ଯ୍ୟ କରିବା। ଏହି ଅବସରରେ ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନ୍ନତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତି ଦୂର କରିବାର ବିଭିନ୍ନ ଉପାୟ ବିଷୟରେ ଆଲୋଚନା କରିଥିଲେ। ବି.କେ ସାହୁ , ଆଞ୍ଚଳିକ ନିର୍ଦ୍ଦେଶକ , ସିଜିଡବ୍ଲ୍ୟୁବି , ଭୁବନେଶ୍ୱର ଏବଂ ଆର୍ . କେ ତ୍ରିପାଠୀ, ସତର୍କତା ଅଧିକାରୀ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଜୀବନର ସମସ୍ତ କ୍ଷେତ୍ରରେ ଦୁର୍ନୀତି ଦୂର କରିବା ପାଇଁ ସଚେତନ ରହିବାକୁ କହିଥିଲେ। ସମସ୍ତ ଜନସାଧାରଣଙ୍କୁ ସଚ୍ଚୋଟତା ପ୍ରତିଜ୍ଞା କରାଯାଇଥିଲା। ସୁଧାଂଶୁ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ବତନ କାଉନ୍ସିଲର ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ସମ୍ବିତ କୁମାର ସାମନ୍ତରାୟ, ସଞ୍ଜୟ ନାୟକ ଏବଂ ହର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କ ପତ୍ନୀ ସୁଚିତ୍ରାରାଣୀଙ୍କ ପରଲୋକ

ପୁରୀ (ସବ୍ୟୁ): 'ସମୟ'ର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କ ସହଧର୍ମୀଣୀ ସୁଚିତ୍ରାରାଣୀ ପଟ୍ଟନାୟକଙ୍କର ୫୪ ବର୍ଷ ବୟସରେ ପରଲୋକ ଘଟିଛି । ଗତ କିଛିମାସ ହେଲା ସୁଚିତ୍ରାରାଣୀ କର୍କଟ ରୋଗରେ ପୀଡିତ ଥାଇ ପୁରୀ ସଦର ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ସୋମବାର ଅପରାହ୍ନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ, ଆଇନଜୀବି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ମଙ୍ଗଳାଘାଟ ରୋଡ୍ ବାସେଳୀସାହି ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସଂପନ୍ନ ହୋଇଛି । ଜ୍ୟୋଷ୍ଠପୁତ୍ର ଅଭିଜିତ୍ ପଟ୍ଟନାୟକ ମୁଖାଗ୍ନୀ ଦେଇଥିଲେ। ଖବର ପାଇ



ପୁରୀ ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱର୍ଗଦ୍ୱାର ଠାରେ ପହଞ୍ଚି ସୁଚିତ୍ରାରାଣୀଙ୍କ ଶେଷ ଦର୍ଶନ କରିଥିଲେ। ସୁଚିତ୍ରାଙ୍କର ଦୁଇଟି ସନ୍ତାନ ପୁଅ ଅଭିଜିତ୍ ଓ ଝିଅ ଲିପ୍ସିତା ପଟ୍ଟନାୟକ ଅଛନ୍ତି। ସ୍ୱର୍ଗଦ୍ୱାର ଠାରେ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ର, ମଧୁସୂଦନ ମିଶ୍ର, ଅନନ୍ତ ପ୍ରସାଦ ସିଂ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଜୟକୃଷ୍ଣ ଦାସ, ଜଗନ୍ନାଥ ରାଓ, ଧିରେନ୍ ମିଶ୍ର, ସୌମିତ୍ର ହରିଚନ୍ଦନ ଓ ପ୍ରଦୀପ ନାୟକଙ୍କ ସମେତ ସୁଚିତ୍ରାରାଣୀଙ୍କ ଦିଅର ସତ୍ୟଜିତ୍ ପଟ୍ଟନାୟକ, ଭାଇ ବସନ୍ତ କୁମାର ମହାନ୍ତି, ହେମନ୍ତ କୁମାର ପାତ୍ର, ପୁତୁରା ଇନ୍ଦ୍ରଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁଚିତ୍ରାରାଣୀ ଜଣେ ଅତ୍ୟନ୍ତ ସ୍ନେହୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ବିୟୋଗରେ ସାଧାରଣରେ ଶୋକରଛାୟା ଖେଳିଯାଇଛି ।

# ପଥରରେ ଛେଚି ଦୁର୍ଦ୍ଦାନ୍ତ ଅପରାଧିକୁ ହତ୍ୟା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ପଥର ଲେନ୍‌ରେ ଏକ ଦୁର୍ଦ୍ଦାନ୍ତ ଅପରାଧିକୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ଜବତ ଶବକୁ ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ହୀରାକୁଦ ଥାନା ଗାନ୍ଧିନଗର ଅଞ୍ଚଳର କାଲୁ ବାହାଦୁର(୩୦)ଙ୍କ ନାମରେ ବିଭିନ୍ନ ଥାନାରେ ୧୮ରୁ ଉର୍ଦ୍ଧ୍ୱ ମାମଲା ରହିଛି। ସେ ସୋମବାର ସଂନ୍ଧ୍ୟା ସମୟରେ ନିଜର ବାଇକ ଯୋଗେ ସବ୍‌ଷ୍ଟେସନପଡା ଦେଇ ବୁଲିବାକୁ ବାହାରିଥିବା ବେଳେ ତାଙ୍କୁ ଯୋଜନାବଦ୍ଧ ଭାବେ ଅଟକାଇ ଅତର୍କିତ ଆକ୍ରମଣ କରାଯାଇଛି। ବଡବଡ ପଥର ଓ ସିମେଣ୍ଟ ଇଟା ସାହାର୍ଯ୍ୟରେ ଆକ୍ରମଣ କରିବା ସହ ଦୃବୃର୍ତ୍ତ ମାନେ ପଥରରେ ଛେଚି ହତ୍ୟା କରିଛନ୍ତି। ତାଙ୍କର ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ହେବା ସହ ରକ୍ତସ୍ରାବ ହୋଇଛି। ଘଟଣାସ୍ଥଳରେ ପଥର ଓ ସିମେଣ୍ଟ ଇଟା ଖଣ୍ଡମାନ ପଡି ରହିଛି। ରାସ୍ତା ଉପରେ ତାଙ୍କର ରକ୍ତ ଜୁଡୁବୁଡୁ ମରଶରୀର ପଡିଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଏନେଇ ହୀରାକୁଦ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେ ପୂର୍ବରୁ ଅପରାଧିକ ମାମଲାରେ ଗିରଫ ହୋଇ ଜେଲରୁ ଜାମିନରେ ବାହାରିଥିଲେ।

### ଚୌଦ୍ୱାର ଜେଲ୍‌ର ପିଛା ଛାଡୁନି ଅଘଟଣ

# ପୁଣି ବିଚାରାଧୀନ କଏଦୀର ଆତ୍ମହତ୍ୟା

ଚୌଦ୍ୱାର(ସବ୍ୟୁ) : ଚୌଦ୍ୱାର ସର୍କଲ ଜେଲରେ ଗତ କିଛିଦିନ ଧରି ଗୋଟିଏ ପରେ ଗୋଟିଏ ଅଘଟଣ ଘଟି ଚାଲିଥିବା ଚର୍ଚ୍ଚାକୁ ଆସିଛି । କେତେବେଳେ କୁଖ୍ୟାତ ଅପରାଧୀ ପାଚେରୀ ଡେଇଁ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟି କଏଦୀ ଗୁରୁତର ଆହତ ହେବାଭଳି ଘଟଣାମାନ ଘଟୁଛି ।ଜେଲ ଭିତରୁ କଏଦୀ ଫେରାର ହେବା ଘଟଣା ମୁଣ୍ଡରୁ ନଯାଉଣୁ ପୁଣି ଜେଲ ଭିତରେ ଘଟିଛି ଆଉ ଏକ ଅଘଟଣ । ସୋମବାର ଦିନ ଜେଲ ଭିତରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି । ଲଗାତାର ଭାବେ ଏସବୁ ଅଘଟଣ ଘଟିବା ଜେଲରେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆତ୍ମହତ୍ୟା ଘଟଣାରେ ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ବଡମାଳି ଗ୍ରାମର ପବିତ୍ର ସାହୁ(୪୪) । ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ଏକ ମାସ ତଳେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ । ସୋମବାର ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡିଥିଲେ ।ଜେଲ କର୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ । ଖବର ପାଇ ଚୌଦ୍ୱାର ପୋଲିସ ଜେଲରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟଯେ ଗତ ଦଶହରା ସମୟରେ ବିହାର ରାଜ୍ୟର ୨ଜଣ କୁଖ୍ୟାତ ଅପରାଧୀ ଜେଲର କଡା ସୁରକ୍ଷା ବଳୟ ଭେଦ କରି ଜେଲର ସୁଉଚ୍ଚ ଦେବାଲ ଡେଇଁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ କଏଦୀର ଥାଳି ମାଡରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି । ଫେରାର ହୋଇଯାଇଥିବା ୨ଜଣ ବିହାରୀ ଅପରାଧୀଙ୍କୁ ଧରିବାରେ ପୋଲିସ୍ ଏଯାବତ୍ ସଫଳ ହୋଇ ପାରି ନାହିଁ । ୧୧୬୫ କ୍ଷମତା ବିଶିଷ୍ଟ ଏହି ଜେଲରେ ଏବେ ୯୦୦ଜଣ କଏଦୀ ରହୁଛନ୍ତି । ଜେଲ ଅଧିକ୍ଷକଙ୍କ ସମେତ ଜଣେ ଜେଲର, ୫ଜଣ ସବଆସିଷ୍ଟାଣ୍ଟ ଜେଲର ୪ଜଣ ଆସିଷ୍ଟା ଜେଲର ଓ ୬୦ଜଣ ମହିଳା ଓ ପୁରୁଷ ୱାର୍ଡ଼ର ଜେଲରେ ନିୟୋଜିତ ହୋଇଛନ୍ତି । ଜେଲରେ କଡା ସୁରକ୍ଷା ବ୍ୟବସ୍ଥା ସହିତ ସମଗ୍ର ଜେଲ ପରିସର ସିସିଟିଭି ନଜରରେ ରହିଥିବା ବେଳେ ବାରମ୍ବାର ଏଭଳି ଦୂର୍ଘଟଣା ଘଟିବା ଜେଲ କର୍ତୃପକ୍ଷକ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ପଦାରେ ପକାଇଛି ।

# ବେକରେ ଶାଢି ଲଗେଇ ଝୁଲି ପଡିଲା ନାବାଳକ

ବେତନଟୀ (ସବ୍ୟୁ) ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମରେ ଘଟି ଯାଇଛି ଅଭାବନୀୟ ଘଟଣା । ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ନାବାଳକ ଛାତ୍ର ବେକରେ ଶାଢୀ ଲଗେଇ ଘର ସିଡି ବାଡାରେ ଝୁଲି ପଡି ଆତ୍ମହତ୍ୟା କରିଥିବା ବେଳେ ଏହା ପ୍ରେମ କାରଣରୁ ଆତ୍ମହତ୍ୟା କରିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ପ୍ରାପ୍ତ ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ଗଣ୍ଡର୍ଦ୍ଧା ଗ୍ରାମର ଜୟନ୍ତ ଗାଆଣ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ସେ ଗତ ୧୫ବର୍ଷ ରୁ ଉର୍ଦ୍ଧ୍ୱ ହେବ ବୈଶିଙ୍ଗା ଉପକଣ୍ଠ କେନ୍ଦୁଆ ଗ୍ରାମରେ ଏକ ଭଡା ଘରେ ନିଜ ପରିବାରକୁ ନେଇ ରହି ଆସୁଥିଲେ । ତାଙ୍କର ୨ପୁଅ ଥିବାବେଳେ ବଡ଼ ପୁଅ ଗଣେଶ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଥିଲା । ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସୋମବାର ଜୟନ୍ତ ନିଜ ସ୍ତ୍ରୀ ଓ ସାନ ପୁଅକୁ ନେଇ ବାରିପଦା ଯାଇଥିବାବେଳେ ଗଣେଶ ଏକୁଟିଆ ଘରେ ଥିଲା । ମଧ୍ୟାହ୍ନ ସମୟରେ ଗଣେଶ ନିଜ ବାପାଙ୍କୁ ଫୋନ କରି କହିଥିଲା କି ମୁଁ କମ୍ପୁଟର କ୍ଲାସ ଯାଉଛି । ହେଲେ କେଇ ମିନିଟ ପରେ ଗଣେଶର ଜଣେ କଲେଜ ସାଙ୍ଗ ଜୟନ୍ତଙ୍କୁ ଫୋନ କରି କହିଥିଲେ କି ତାଙ୍କ ପୁଅ ବେକରେ ଶାଢୀ ଲଗେଇ ଘର ସିଡି ବାଡା ରେ ଝୁଲି ପଡିଛି ଓ ଆମେ ତାକୁ ଖୋଲି ଦେଇ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଛୁ । ପରେ ଜୟନ୍ତ ସଙ୍ଗେ ସଙ୍ଗେ ବାରିପଦାରୁ ବାହାରି ଆସି ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ଜାଣିବାକୁ ପାଇଥିଲେ କି ତାଙ୍କ ପୁଅର ମୃତ୍ୟ ହୋଇ ଯାଇଛି ।

## ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ (ସବ୍ୟୁ) ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଗ୍ରାମର ୬୫ବର୍ଷ ବୟସ୍କ ବୃଦ୍ଧ ବାଣୁଆ ସିଂ ଗାଁ ନିକଟସ୍ଥ ପୋଖରୀକୁ ସୋମବାର ଦିନ ମାଛ ଧରିବାକୁ ଯାଇଥିବା ବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେହି ପୋଖରୀକୁ ଗାଧୋଇବାକୁ ଯାଇ ତାଙ୍କ ମୃତ ଦେହ ପାଣିରେ ଭାସୁଥିବା ଦେଖି ତାଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ ଏବଂ ତାଙ୍କ ପରିବାରକୁ ଖବର ଦେଇଥିଲେ ।ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା । ବଡ଼ଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବେତନଟୀ ଥାନାରେ ୫୬/୨୫ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି ।

# ଓଡିଶା ପ୍ରାଣୀଚିକିତ୍ସା ସେବା ସଂଘର ଅସହଯୋଗ ଆନ୍ଦୋଳନ

ଭୁବନେଶ୍ୱର (ସବ୍ୟୁ): ପ୍ରାଣିଚିକିତ୍ସା ସେବା ସଂଘର ବିଭିନ୍ନ ଯୁକ୍ତିଯୁକ୍ତ ଦାବିଗୁଡିକ ଉପରେ ସରକାର କର୍ଣ୍ଣପାତ କରୁନଥିବାରୁ ୩ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ କାର୍ଯ୍ୟରତ ଚିକିତ୍ସକ ଅସହଯୋଗ ଆନ୍ଦୋଳନ କରିଛନ୍ତି। ମଣିଷ ଡାକ୍ତରଙ୍କ ପରି ସମାନ ଢାଞ୍ଚାରେ କ୍ୟାଡ଼ର ପୁନର୍ଗଠନ ସହିତ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବା ତଥା ପ୍ରାଣିଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଦାବି କରି ପ୍ରାଣୀ ଚିକିତ୍ସକମାନେ ଦୀର୍ଘ ୭୦ ଦିନ ହେଲା କଳା ବ୍ୟାଚ ପରିଧାନ କରି ଆସୁଛନ୍ତି, ହେଲେ ଏ ପର୍ଯ୍ୟନ୍ତ ସରକାର ଏ ଦିଗରେ ଦୃଷ୍ଟିପାତ କରି ନାହାନ୍ତି କିମ୍ବା ସେମାନଙ୍କ ସହ କୌଣସି ଆଲୋଚନା କରିନାହାନ୍ତି ଓ ସଂଘର ୧୨ ଦଫା ଦାବିଗୁଡିକ ମଧ୍ୟରେ କ୍ୟାଡ଼ରରେ ଥିବା ଅନ୍ୟାୟୋଚିତ ଅସଙ୍ଗତି ଓ ଅସମାନତା ଦୂରୀକରଣ ଏବଂ ଆକ୍ରୋଶ ମୂଳକ ଭାବେ ମଂଜୁର କରାଯାଇନଥିବା ଛୁଟିର ଅନ୍ୟ ବିଭାଗ ପରି ବୈଧୀକରଣକୁ ଛାଡିଦେଲେ ଅନ୍ୟାନ୍ୟ ସମସ୍ତ ଦାବି ଲୋକାଭିମୁଖୀ ତଥା ପ୍ରାଣୀ ପାଳକମାନଙ୍କ ନିମନ୍ତେ ବିଶେଷ ଉପଯୋଗୀ ବୋଲି ସଂଘ ପ୍ରକାଶ କରିଛି । ଏହିସବୁ ଦାବିଗୁଡିକୁ ନେଇ ସଂଘ ବିଗତ ୪ ବର୍ଷ ମଧ୍ୟରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କେବଳ ସରକାରଙ୍କ ଟାଳଟୁଳ ନୀତିର ଶିକାର ହୋଇଅଛି, ଯାହାକି ପ୍ରାଣୀ ଚିକିତ୍ସକମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି । ରାଜ୍ୟ ସରକାର ଗୋମାତା ସୁରକ୍ଷା ଓ ଗୋଧନ ଅଭିବୃଦ୍ଧି ପାଇଁ ଅଶେଷ ପ୍ରୟାସ କରୁଥିବା ସମୟରେ ପ୍ରାଣୀ ଚିକିତ୍ସକମାନଙ୍କ ପ୍ରତି ବୈମାତୃକ ଭାବ ପୋଷଣ କରିବା ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ହତୋତ୍ସାହିତ କରିଛି ଓ ଏଥିପାଇଁ ୩ ତାରିଖରୁ ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଚ ପରିଧାନ କରିବା ସହିତ ଅସହଯୋଗ ଆନ୍ଦୋଳନକୁ ଓହ୍ଲେଇବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଯଦିଓ ଏହି ସମୟରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ କୌଣସି ବାଧାବିଘ୍ନ ଘଟିବ ନାହିଁ ବୋଲି ସଂଘ ଆଶ୍ୱାସନା ଦେଇଛି, ତେବେ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକର ସଫଳ ରୂପାୟନରେ ବାଧା ଉପୁଜି ପାରେ ବୋଲି ଏଠାରେ ଆଶଙ୍କା ସୃଷ୍ଟି ହୋଇଅଛି ଓ ଏହା ସହିତ ସେମାନଙ୍କ ଦାବିଗୁଡିକ ଉପରେ ଶୀଘ୍ର ସକାରାତ୍ମକ ନିଷ୍ପତ୍ତି ନିଆ ନଗଲେ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ଏବଂ ସେହି ସମୟରେ ପ୍ରାଣୀ ଚିକିତ୍ସା ସେବା କ୍ଷେତ୍ରରେ ଉପୁଜିବାକୁ ଯାଉଥିବା ସମସ୍ତ ଅସୁବିଧା ନିମନ୍ତେ ସରକାର ଦାୟୀ ରହିବେ ବୋଲି ପ୍ରାଣୀ ଚିକିତ୍ସା ସେବା ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ବଘେଇଟାଙ୍ଗି ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ପ୍ରଧାନ ଶିକ୍ଷକ ଅଶୋକ ଦାଶ ଉଦଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ କାର୍ଯକ୍ରମଟି ପରିଚାଳନା କରାଯାଇଥିଲାବେଳେ ଶିକ୍ଷକ ବଦ୍ରିନାରାୟଣ ରଥ ଓ ତନ୍ମୟ କୁମାର ବି.ବି. ମର୍ଦ୍ଦରାଜଙ୍କ ଦ୍ୱାରା ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା। କୃତି ପିଲାଙ୍କୁ ପୁରସ୍କୃତ କରଯାଇଥିଲା। ସି .ଆର.ସି.ସି ବିକାଶ କୁମାର ମୁଦୁଲି ତଥା ନିକଟସ୍ଥ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷିକା ମାନେ ମେଳା ପରିଦର୍ଶନ କରିଥିଲେ। ମେଳାଟି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ରାଜଧାନୀରେ ବାଘଛାଲ କାରବାର : ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ବାଘଚାଲ କାରବାର କରୁଥିବା ସୂଚନା ପାଇ କମିଶନରେଟ୍ ପୋଲିସ କ୍ରାଇମ୍ ସ୍ପେଶାଲୟୁନିଟ୍ ଜୟଦେବବିହାର ଅଞ୍ଚଳରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଗୋଟିଏ ବାଘଛାଲ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କମିଶନର ଏସ୍. ଦେବଦତ୍ତ ସିଂ । ଜବତ ବାଘଚାଲ ୩୦ଲକ୍ଷ ଟଙ୍କାରେ ବିକ୍ରି ହୋଇଥାନ୍ତା ବୋଲି ପୋଲିସ କହିଛି ।

ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ମହାପାତ୍ର (୨୬), ମଞ୍ଜିତ୍ ସାବତ (୨୧), ଶମ୍ଭୁ ବିଶୋୟୀ (୨୩) । ମଞ୍ଜିତ ଘର ଗଞ୍ଜାମ ଭଞ୍ଜନଗର ଅଞ୍ଚଳରେ ହୋଇଥିବା ବେଳେ ରୋହିତ ଓ ଶମ୍ଭୁ ଘର ଖଣ୍ଡଗିରି ଥାନା ଅଞ୍ଚଳରେ । ରୋହିତ ଶମ୍ଭୁ ଓ ମଞ୍ଜିତ୍‌କୁ ପ୍ରଭାବିତ କରି ବାଘଛାଲ ଆଣିବା ପାଇଁ ରାଉରକେଲା ପଠାଇଥିଲା । ଏହି ଦୁଇଜଣ ଛାତ୍ର ବୋଲି ସୂଚନା ମିଳିଛି । ଟଙ୍କା



ଲୋଭରେ ଦୁଇଜଣ ରାଉରକେଲା ଯାଇ ବାଘଚାଲ ଆଣି ରୋହିତ ପାଖରେ ପହଞ୍ଚିବା ବେଳକୁ ସ୍ପେଶାଲ କ୍ରାଇମ୍‌ୟୁନିଟ୍ ଚଢାଉ କରି ସେମାନଙ୍କୁ କାବୁ କରିଥିଲା । ବାଘଛାଲ ତାମିଲନାଡୁ ଅଞ୍ଚଳରୁ ଆସିଥିବା କୁହାଯାଉଥିବା ବେଳେ ପ୍ରକୃତରେ ତାହା କେଉଁଠାରୁ ଆସିଛି ତଦନ୍ତ ଆଗକୁ ବଢିଲେ ଜଣାପଡ଼ିବ । ଏହି ର୍ୟାକେଟ୍ ସହ ଜାତୀୟ ଆନ୍ତର୍ଜାତୀୟ ର୍ୟାକେଟ୍‌ର ସମ୍ପର୍କ ଅଛି କି ନାହିଁ ପରବର୍ତ୍ତୀ ତଦନ୍ତରୁ ସ୍ପଷ୍ଟ ହେବ । ଜାତୀୟ ଆନ୍ତର୍ଜାତୀୟ ର୍ୟାକେଟ୍‌ର ଓଡ଼ିଶାରେ ଜଙ୍ଗଲ ମାଫିଆଙ୍କ ସହ ସମ୍ପର୍କ ଥିବା ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଠାରୁ ସୂଚନା ମିଳିଥିଲେ ମଧ୍ୟ ଜବତ ବାଘଛାଲ ପ୍ରକୃତରେ କେଉଁଠାରୁ ଆସିଛି ଓ କେଉଁଠାକୁ ଯାଉଥିଲା ତାହା ଜଣାପଡିନାହିଁ । ଏହି ବାଘଛାଲ ର୍ୟାକେଟ୍ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଆବଶ୍ୟକ ହେଲେ ରୋହିତକୁ ରିମାଣ୍ଡରେ ଅଣାଯାଇପାରେ । ଏହି ବାଘଛାଲ କାରବାରର ମୁଖ୍ୟ କାର୍ପେଟଦାର ରୋହିତ ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଗିରଫ ୩ଜଣଙ୍କ ନାଁରେ ପୂର୍ବରୁ ସେଭଳି କିଛି ମାମଲା ଥିବା ଜଣାପଡିନାହିଁ ।

### ପଞ୍ଚଭୂତରେ ଲୀନହେଲା ମରଦେହ

# କାଳିଆବୋଦା ମହାଶ୍ମଶାନରେ ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ

କଟକ, (ସ୍ୱପ୍ର): ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁଙ୍କ ଶେଷକୃତ୍ୟ ସୋମବାର ଅପରାହ୍ନରେ ସ୍ଥାନୀୟ କାଳିଆବୋଦାସ୍ଥିତ ମହାଶ୍ମଶାନ ଠାରେ ସମ୍ପନ୍ନ ହୋଇଛି । ମହାନଦୀ ଉପକଣ୍ଠ ସ୍ଥିତ ଶ୍ମଶାନଘାଟରେ ମରଶରୀର ପହଂଚିବା ପରେ ସହସ୍ରାଧିକ ଲୋକ ସେଠାରେ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରବିବାର ମୁମ୍ବାଇର ଲୀଳାବତୀ ହସ୍‌ପିଟାଲରେ ଶ୍ରୀ ସାହୁଙ୍କର ଦେହାବସାନ ହେବାପରେ ସୋମବାର ସକାଳେ ବିମାନଯୋଗେ ତାଙ୍କର ମରଦେହ ଆସି ପହଂଚିଥିଲା । ଏକ ଶୋଭାଯାତ୍ରାରେ ଭୁବନେଶ୍ୱର ବିମାନବନ୍ଦର ଠାରୁ ଆସି କଟକର ବାଲିକୁଦା, ବାରଙ୍ଗସ୍ଥିତ ରାମଦାସପୁର ଶିଳ୍ପାଞ୍ଚଳ ଦେଇ କାଜିଡ଼ିହସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ମଧୁପାଟଣା-ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ବିଭିନ୍ନ ସ୍ଥାନରୁ ମାନ୍ୟଗଣ୍ୟ ଲୋକମାନେ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ମରଶରୀରକୁ ତାଙ୍କ ପ୍ରିୟ ରୁଚି ଶିଳ୍ପାନୁଷ୍ଠାନ ପରିସର, ଲକ୍ଷେଶ୍ୱର ମନ୍ଦିର, ଗୁଣ୍ଡିଚା ମନ୍ଦିର ଦେଇ ପାସ୍ତା ଭିଲେଜ ପ୍ରାଙ୍ଗଣରେ ରଖାଯାଇଥିଲା । ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ସୋଫିଆ



ଫିର୍ଦ୍ଦୋସ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉଶାହେବ ଶିନ୍ଦେ, ସମାଜ ସଂପାଦକ ତପନ କୁମାର ମିଶ୍ର, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ରୁଚି ପରିସରରୁ ନାମସଂକୀର୍ତ୍ତନ ସହିତ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ରାଣୀହାଟର ତେଲିସାହି, ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ, ସମାଜ କାର୍ଯ୍ୟାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ଏବଂ ଓଡ଼ିଶା କବାଡ଼ି ଆସୋସିଏସନ୍ ଠାରେ ପହଂଚିଥିଲା । ସେଠାରେ ବିଭିନ୍ନ ବର୍ଗର ଲୋକ, ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ପ୍ରଶାସନ, କମିଶନରେଟ ପୋଲିସ, ବିଭିନ୍ନ କ୍ରୀଡ଼ା ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅବସରପ୍ରାପ୍ତ ଆୟକର ମହାନିର୍ଦ୍ଦେଶକ ବିଧୁଭୂଷଣ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଡ.ସୌରେନ୍ଦ୍ର କୁମାର ମହାପାତ୍ର, ଓସ୍‌ମେର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ, ଶିକ୍ଷାବିତ୍ ଡ. ବିନୋଦ ଦାସ, ଓସ୍‌ମେର ମହାସଚିବ ଇଂ. ସାତ୍ତ୍ୱିକ ସ୍ୱାଇଁ, ସେଣ୍ଟ ଜାଭିୟର ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ଓଡ଼ିଶା ଅଲମ୍ପିକ ଆସୋସିଏସନର ସଂପାଦକ ଅଭିଜିତ୍ ପାଲ୍, ଓଡ଼ିଶା କବାଡି ଆସୋସିଏସନର ସଂପାଦକ ଅଜୟ କୁମାର ବେହେରା, ଡ୍ରିମସ୍‌ର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପକ୍ଷରୁ ନିରାକାର ସାହୁ ଓ ସୁଧାଂଶୁ ଭୂଷଣ କର, ହେରାଲଡ୍ ଗ୍ରୁପ୍‌ର ସୂର୍ଯ୍ୟ ରଥ, ସକାଳ ପରିବାର ପକ୍ଷରୁ ସୁବ୍ରତ ଦାସ, ଉଦ୍ୟୋଗୀ ପିୟୁଷ ମହାନ୍ତି, ଉଲ୍ଲାସ ଚନ୍ଦ୍ର ବେଉରା, କର୍ପୋରେଟର ସୌଭାଗିନୀ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ. ସାହୁଙ୍କ ଧର୍ମପତ୍ନୀ ସଙ୍ଗୀତା ସାହୁ, କନ୍ୟା ରଶ୍ମୀ ସାହୁ, ଜାମାତା ପ୍ରକାଶ ସାହୁ, ଭଗ୍ନୀପତି ପ୍ରଫୁଲ୍ଲ କୁମାର ଚୌଧୁରୀ, ପୁତ୍ରବଧୂ ସଲିନା ସାହୁ ଓ ପରିବାରବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶେଷ ଦର୍ଶନ କରିଥିଲେ । ରୁଚି ପରିବାର ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସହସ୍ରାଧିକ କର୍ମଚାରୀ ତାଙ୍କର ପ୍ରିୟ ପ୍ରତିଷ୍ଠାତା ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଅଶ୍ରୁଳ ବିଦାୟ ଜଣାଇଥିଲେ । ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଦିଲ୍ଲୀପ ତିର୍କୀ, ବିଶିଷ୍ଟ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତ, ମେୟର ସୁବାସ ସିଂହ, ପୂର୍ବତନ ଆର୍‌ଡ଼ିସି ଅନିଲ କୁମାର ସାମଲ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଓଡ଼ିଶା ଶିଳ୍ପସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଶିଳ୍ପୋଦ୍ୟୋଗୀ ସୁଶାନ୍ତ କୁମାର ପଣ୍ଡା, ଶିଳ୍ପୋଦ୍ୟୋଗୀ ସଂପାଦକ ଡ. ଶିବବ୍ରତ ରାଉତ, ବିଶିଷ୍ଟ ଉଦ୍ୟୋଗୀ ପ୍ରଶାନ୍ତ କୁମାର କର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସୋମବାର ଅପରାହ୍ନରେ କାଳିଆବୋଦା ମହାଶ୍ମଶାନରେ ଅନୁଷ୍ଠିତ ଶେଷକୃତ୍ୟରେ ସ୍ୱର୍ଗତଃ. ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ ମୁଖାଗ୍ନି ଦେଇଥିଲେ । ଡ. ସାହୁଙ୍କ ବିୟୋଗ ଓଡ଼ିଶାର ଶିଳ୍ପଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

# ଲୁଟେରା ଗିରଫ, ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ରମେଶ ଦଳବେହେରା (୩୯) ନାମକ ଜଣେ ଲୁଟେରାକୁ ପୋଲିସ ଗିରଫ କରିବା ସହ ତା'ନିକଟରୁ ୧୯ଗ୍ରାମ୍‌ର ସୁନାଚେନ ଜବତ କରିଛି । ଏତଲାକାରୀ ଶିବ ନାୟକ କନ୍ଧମାଳରୁ ହଳଦୀ ଆଣି ଭୁବନେଶ୍ୱର ବ୍ୟବସାୟୀଙ୍କୁ ଯୋଗାଇ ଥାଆନ୍ତି । ଗତ ଦୁଇ ମାସ ହେବ ସେ ଭୁବନେଶ୍ୱରରେ ବାନ୍ଧବୀଙ୍କ ସହ ରହୁଛନ୍ତି । ସପ୍ତାହେ ପୂର୍ବରୁ କୃଷ୍ଣ ପାଲଟାସିଂ ସେମାନଙ୍କ





ସହିତ ରହୁଥିଲେ । ଅକ୍ଟୋବର ୨୨ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ତାଙ୍କ ବାନ୍ଧବୀଙ୍କ ସହ ବଜାରକୁ ଯାଇଥିଲେ । ରାତି ସାଢେ ୧୦ଟାରେ ଫେରି ଦେଖିଥିଲେ ଯେ, ଘରେ ଆସବାବପତ୍ର ଏଣେତେଣେ ପଡ଼ିଛି ଏବଂ କୃଷ୍ଣ ଘରେ ନାହିଁ । ସେ ଖୋଜଖବର କରି ଜାଣିଲେ ଯେ, ଆଲମାରୀରେ ଥିବା ସୁନାଚେନ ଓ ଗୋଟିଏ ରୂପା ବ୍ରାସ୍‌ଲେଟ୍ ଚୋରି ହୋଇଛି । କୃଷ୍ଣ ସହ ଯୋଗାଯୋଗ କରିବା ବିଫଳ ହେବାରୁ ଭରତପୁର ଥାନାରେ ଏତଲା କରିଥିଲେ । ତଦନ୍ତରୁ ଜଣାପଡିଥିଲା ଯେ, କୃଷ୍ଣ ବ୍ରହ୍ମପୁର ଯାଇ ରମେଶ ଦଳବେହେରାକୁ ଚୋରି ଗହଣା ବିକ୍ରି କରିଛନ୍ତି । ଭରତପୁର ଥାନା ପୋଲିସ ଗୋପାଳପୁର ଥାନା ସହାୟତାରେ ରମେଶ ଦଳବେହେରାକୁ ଗିରଫ କରିଥିବା ବେଳେ କୃଷ୍ଣଙ୍କୁ ପାଇନାହାନ୍ତି । କୃଷ୍ଣଠାରୁ ରମେଶ ୨୭ ହଜାର ଟଙ୍କାରେ କିଣିଥିଲା ଏବଂ ୫୦ ହଜାର ଟଙ୍କାର ଏକ ବାଇକ୍ ତାକୁ ପରେ ଦେବ ବୋଲି କହିଥିଲା । ଗିରଫ ରମେଶ ସୁନା ଚେନ୍‌କୁ ପୋଲିସକୁ ହସ୍ତାନ୍ତର କରିବା ପରେ ତାକୁ ଗିରଫ କରାଯାଇଥିଲା । ସୋମବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବିମାନଯାତ୍ରୀଙ୍କ ଦୁର୍ଦ୍ଦଶା

ଭୁବନେଶ୍ୱର (ସବ୍ୟୁ): ରବିବାର ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଏୟାରଇଣ୍ଡିଆ ଏକ୍ସପ୍ରେସ୍ (ଆଇଏକ୍ସ-୧୦୬୧) ବିମାନରେ ଭୁବନେଶ୍ୱର ଯାତ୍ରୀ ନାହିଁ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିଲେ ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ନୂଆଦିଲ୍ଲୀ ବିମାନବନ୍ଦରରେ ଏୟାରଇଣ୍ଡିଆ ଏକ୍ସପ୍ରେସ୍‌ରେ ଟିକେଟ୍ କାଟି ଭୁବନେଶ୍ୱର ଫେରିବାକୁ ଥିବା ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗତ ସନ୍ଧ୍ୟା ୭ଟାରେ ୧୭ ନମ୍ବର ଗେଟ୍ ନିକଟରେ ପହଞ୍ଚିଥିଲେ। କାରଣ ଟିକେଟ୍‌ରେ ୧୭ ନମ୍ବର ଗେଟ୍ ବୋଲି ଲେଖାଯାଇଥିଲା। ମାତ୍ର ଭୁବନେଶ୍ୱର ଯାତ୍ରୀମାନେ ସେଠାରେ ପହଞ୍ଚିବାରୁ ସେମାନଙ୍କୁ ୫ ନମ୍ବର ଗେଟ୍‌କୁ ଯିବାଲାଗି କୁହାଗଲା। ତେଣୁ ବିମାନଯାତ୍ରୀମାନେ ୫ନମ୍ବର ଗେଟ୍ ନିକଟରେ ପହଞ୍ଚିବାରୁ ସେମାନଙ୍କୁ ଗେଟ୍ ମ୍ୟାନେଜର କହିଲେ ଯେ, ଭୁବନେଶ୍ୱର ବିମାନଟି ୨୨ ନମ୍ବର ଗେଟ୍‌ରେ ଛାଡିବ। ତେଣୁ ବହୁ କଷ୍ଟରେ ଯାତ୍ରୀମାନେ ସେମାନଙ୍କ ଲଗେଜ୍ ଧରି ୨୨ ନମ୍ବର ଗେଟ୍ ପାଖରେ ଏକତ୍ରିତ ହୋଇ ଏଠି ସେଠି ବସିରହିଲେ।

ଭୁବନେଶ୍ୱର ବିମାନଟି ସନ୍ଧ୍ୟା ୮ଟା ୧୦ରେ ଛାଡିବାର ଥିଲା। ସେ ସମୟ ଅତିକ୍ରାନ୍ତ ହୋଇଗଲା। ଯାତ୍ରୀମାନେ ପ୍ରାୟ ୨ଘଣ୍ଟା କାଳ ବିମାନ ଅପେକ୍ଷାରେ ରହିବ ବ୍ୟସ୍ତ ଓ ବିବ୍ରତ ହେବାରୁ ସେମାନଙ୍କୁ ୨୨ ନମ୍ବର ଗେଟ୍ ପାଖରୁ ୯ ନମ୍ବର ଗେଟ୍ ନିକଟକୁ ଘଉଡାଇ ଦିଆଗଲା। ଏପଟେ ଡିସ୍‌ପ୍ଲେରେ ମଧ୍ୟ ଭୁବନେଶ୍ୱର ଆସିବା ବିମାନଟିର କୌଣସି ସୂଚନା ନଥିଲା। ୯ ନମ୍ବର ଗେଟ୍‌ର ମ୍ୟାନେଜର ସେହି ବିଳମ୍ବର କାରଣ ଜାଣିନାହାଁନ୍ତି ବୋଲି କହିଲେ।

ଉଲେଖନୀୟ ଯେ, ବିମାନର ପାଇଲଟ୍ ଓ ଏୟାରହୋଷ୍ଟେସ୍ ମାନେ ମଧ୍ୟ ବିମାନ ସଂପର୍କରେ ସୂଚନା ନପାଇ ବ୍ୟସ୍ତ ହୋଇ ଏପଟ ସେପଟ ହେଉଥିବା ଦେଖାଯାଇଥିଲା। ବିମାନ ଯାତ୍ରୀମାନେ ୯ ନମ୍ବର ଗେଟ୍ ନିକଟରେ ମ୍ୟାନେଜର ଓ ବିମାନବନ୍ଦରର ଅନ୍ୟ କର୍ମଚାରୀଙ୍କ ଉପରେ ଉତ୍‌କ୍ଷିପ୍ତ ହୋଇ ପାଟିତୁଣ୍ଡ କରିବାରୁ ଏକ ପ୍ରକାର ବିକ୍ଷୋଭ ହେଲା ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୈବାତ୍ ସେହି ସମୟରେ ବିଦେଶାଗତ ଗୋଟିଏ ବିମାନ ପହଞ୍ଚି ଭୁବନେଶ୍ୱର ଯିବ ବୋଲି ଜଣାପଡିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ରାତି ୧୦ଟା ପରେ ଏହି ବିମାନରେ ଯାତ୍ରୀମାନେ ବସିବା ପରେ ରାତ୍ରୀ ପ୍ରାୟ ୧୨ଟାରେ ବିମାନଟି ଅବତରଣ କରିଥିଲା ଏବଂ ଲଗେଜ୍ ଧରି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଲା ବେଳକୁ ରାତି ୧୨ଟା ୩୦ ବା ୧ଟା ହୋଇଯାଇଥିଲା। ଏହି ଘଟଣାକୁ ଯାତ୍ରୀମାନେ ଘୋର ନିନ୍ଦା କରିଛନ୍ତି।

# ରେଭେନ୍ସାରେ ଝାଡ଼ାବାନ୍ତି ନିବାରଣ କରିବାକୁ ଏଆଇଡିଏସଓର ଦାବି

କଟକ, (ସାବ୍ୟୁ) ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ଓ ଭାର୍ଗବୀ ହଷ୍ଟେଲରେ ଡାଇରିଆରେ ଆକ୍ରାନ୍ତ ନିବାରଣ, ସମସ୍ତ ଛାତ୍ରମାନଙ୍କର ଉପଯୁକ୍ତ ଚିକିତ୍ସା ଏବଂ ସଂକ୍ରମଣକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ହଷ୍ଟେଲ ଓ କ୍ୟାମ୍ପସର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା, ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ବିଶ୍ୱବିଦ୍ୟାଳୟର ଡିସପେନ୍ସାରୀରେ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ପର୍ଯ୍ୟାପ୍ତ ପରିମାଣରେ ଔଷଧର ବ୍ୟବସ୍ଥା କରିବା, ବିଶ୍ୱବିଦ୍ୟାଳୟର ନିଜସ୍ୱ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଆଦି ଦାବିରେ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟିର ଉପସଭାପତି କସକ ଜେନା ଓ ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଛାତ୍ର ଅଭିଜିତ ଜେନା, ସୌଦାମିନୀ ପଣ୍ଡା, ସ୍ୱପ୍ନାରାଣୀ ନାୟକ, ସନ୍ତୋଷ ବେହେରା ପ୍ରମୁଖ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଇଷ୍ଟ ହଷ୍ଟେଲ ଓ ଭାର୍ଗବୀ ହଷ୍ଟେଲର ୨୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ସେମାନଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗତ ଜୁଲାଇ ମାସରେ ମଧ୍ୟ ନିୟୁ ପିଜି ଓ ଧର୍ମପଦ ହଷ୍ଟେଲର ଅନ୍ତେବାସୀମାନେ ଡାଇରିଆରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହି ପରିସ୍ଥିତିରେ କର୍ତ୍ତୃପକ୍ଷ ଯଦି ଉପରୋକ୍ତ ଦାବି ଗୁଡ଼ିକୁ ପୂରଣ କରିବା ଦିଗରେ ବିହିତ ପଦକ୍ଷେପ ନ ନିଅନ୍ତି ତେବେ ଛାତ୍ରଆନ୍ଦୋଳନକୁ ଦୁର୍ବାର କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

# ପ୍ରଥମ ଅଫିସିଆଲ ପୋଷ୍ଟର, ଜାନୁଆରୀରେ ଆସିବ ଫିଲ୍ମ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଅନ୍ୟତମ ପୁରୁଣା, ପ୍ରଯୋଜନା ସଂସ୍ଥା ଅମୀୟ ପଟ୍ଟନାୟକ ପ୍ରଡ଼କ୍ସନ୍ସ ତାର ନିର୍ମାଣାଧୀନ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'ର ପ୍ରଥମ ଅଫିସିଆଲ ପୋଷ୍ଟର ସାମ୍ନାକୁ ଆଣିଛି। ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏହି ଫାଣ୍ଟାସୀ-କମେଡି-ହରର ଫିଲ୍ମର ନିର୍ଦ୍ଦେଶନା ଦେଉଥିବା ବେଳେ ଏହାର ପ୍ରଯୋଜନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ। ଇତି ମଧ୍ୟରେ ଏହାର ଫାର୍ଷ୍ଟ ଲୁକ ଉନ୍ମୋଚିତ ହୋଇଥିବା ବେଳେ ଚଳଚ୍ଚିତ୍ରଟି ଜାନୁଆରୀ ୨୦୨୬ରେ ନିକଟସ୍ଥ ସିନେମାଘରକୁ ଆସିବାକୁ ଯାଉଛି। ଚଳଚ୍ଚିତ୍ରର ସଂଜ୍ଞା ବଦଳେଇ ଦେଇଥିବା 'କର୍ମ'ର ଅଭୁତପୂର୍ବ ସଫଳତା ସାଙ୍ଗକୁ 'ପ୍ରତୀକ୍ଷା' ଜାତୀୟ ପୁରସ୍କାର ଲାଭ ପରେ ଏବେ ହିନ୍ଦୀରେ ନିର୍ମିତ ହେବାକୁ ଯାଉଛି। ଏହିପରି ସମୟରେ 'ମନ୍ତ୍ରମୁଗ୍ଧ'ର ନିର୍ମାଣ ସହିତ ଅନୁପମ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏପରି କାହାଣୀକୁ ନେଇ ଆଗରୁ କେବେ ଚଳଚ୍ଚିତ୍ର ନିର୍ମାଣ ହୋଇ ନାହିଁ। ବ୍ରହ୍ମପୁରର ଧରାକୋଟ ରାଜମହଲରେ ୫୦ ଦିନର ସୁଟିଂ 'ମନ୍ତ୍ରମୁଘ'କୁ ଭିନ୍ନ ଦର୍ଶକୀୟ ଉପଲବ୍ଧି ଆଣିଦେବ। କେବଳ ସେତିକି ନୁହେଁ, ଚଳଚ୍ଚିତ୍ରରେ ଓଡ଼ିଶାର ସଂସ୍କୃତି, ବୈଚିତ୍ର ପ୍ରତିଫଳିତ ହେବା ସହିତ କାହାଣୀକୁ ଅଭିନବ ଢଙ୍ଗରେ ଉପସ୍ଥାପିତ କରାଯାଇଛି। ରାଜମାହଲ ଚଳଚ୍ଚିତ୍ରକୁ ଏକ ଭିନ୍ନ ପ୍ରେକ୍ଷାପଟ ଦେଇଥିବା ବେଳେ ଏକ ସମ୍ଭ୍ରାନ୍ତ ପୃଷ୍ଠଭୂମି ପ୍ରସ୍ତୁତ କରିଛି।

# ଓଡ଼ିଶାରେ ବକ୍ସାଇଟ୍ ଖଣିର ଖନନ ଆତ୍ମନିର୍ଭର ଭାରତକୁ ଶକ୍ତିଶାଳୀ କରିବାର ଚାବିକାଠି

ଭୁବନେଶ୍ୱର, (ସବ୍ୟୁ): ପ୍ରମୁଖ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ସାମାଜିକ ପ୍ରବକ୍ତାମାନେ ରାଜ୍ୟର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାରକୁ ଅନଲକ୍ କରିବା ପାଇଁ ତୁରନ୍ତ, ନିର୍ଣ୍ଣାୟକ ଏବଂ ସମୟସୀମାବଦ୍ଧ ନୀତିଗତ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି - ଏହାକୁ ଆତ୍ମନିର୍ଭର ଏବଂ ବୀକଶିତ ଭାରତ ଆଡକୁ ଭାରତର ଯାତ୍ରାରେ ହଜିଯାଇଥିବା ଲିଙ୍କ ବୋଲି କହି ବିବେଚନା କରିଛନ୍ତି। ଆଇଡେଂଟ ସାମାଜିକ କଲ୍ୟାଣ ସଂଗଠନ ଏବଂ ଫିଜିହା ଏକ ବିକାଶ ମଂଚ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏକ ଜାତୀୟ ୱେବିନାରରେ, ଅଂଶଗ୍ରହଣକାରୀମାନେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କୁ ସମ୍ଭାବ୍ୟତାରୁ ଉତ୍ପାଦନ, ଦ୍ରୁତ-ଟ୍ରାକିଂ ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମତା ଏବଂ ଡାଉନଷ୍ଟ୍ରିମ୍ ବିକାଶ ଆଡ଼କୁ ନିର୍ଣ୍ଣାୟକ ଭାବରେ ଯିବାକୁ ଆହ୍ୱାନ କରିଛନ୍ତି। ରଣନୈତିକ ସଂସ୍କାର ଏବଂ ସହଯୋଗୀ କାର୍ଯ୍ୟାନ୍ୱୟନ ସହିତ, ଓଡ଼ିଶା ଭାରତର ବିଶ୍ୱ ଆଲୁମିନିୟମ୍ ନେତୃତ୍ୱକୁ ନେତୃତ୍ୱ କରିପାରିବ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଏହାର ସ୍ଥିତିକୁ ମଜବୁତ କରିପାରିବ ଏବଂ ଆତ୍ମନିର୍ଭର ଏବଂ ବୀକ୍ଷିତ ଭାରତ ଆଡକୁ ଦେଶର ଯାତ୍ରାକୁ ଶକ୍ତିଶାଳୀ କରିପାରିବ। ଏହି ୱେବିନାରଟି ଆଇଡେଂଟର ସମ୍ପ୍ରତି ଉନ୍ମୋଚିତ ଶ୍ୱେତପତ୍ର "ଓଡିଶାର ସମ୍ଭାବନାକୁ ଖଣି: ଆତ୍ମନିର୍ଭର ଭାରତ ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି" ଅନୁସରଣ କରୁଛି, ଯାହା ବକ୍ସାଇଟ୍, ଲୁହା ଖଣି ଏବଂ କୋଇଲାକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ପାଇଁ ରାଜ୍ୟର ସର୍ବଶ୍ରେଷ୍ଠ ରଣନୈତିକ ଲିଭର ଭାବରେ ଚିହ୍ନଟ କରିଛି। ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଓଡ଼ିଶାର ବକ୍ସାଇଟ୍ ସମ୍ଭାବନାକୁ ଉନ୍ମୁକ୍ତ କରିବା କେବଳ ଏକ ଶିଳ୍ପ ଆବଶ୍ୟକତା ନୁହେଁ ବରଂ ଅନ୍ତର୍ଭୁକ୍ତିମୂଳକ ସମୃଦ୍ଧିର ଏକ ପଥ ଯାହା ସ୍ଥାନୀୟ ଉଦ୍ୟୋଗୀତା, ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ସବୁଜ ଶିଳ୍ପ କ୍ଲଷ୍ଟର ମାଧ୍ୟମରେ ୨.୪ ନିୟୁତ ନିଯୁକ୍ତି ସୃଷ୍ଟି ଏବଂ ୧୦,୦୦୦ ରୁ ଅଧିକ ଏମଏସଏମଇକୁ ସଶକ୍ତ କରିବାରେ ସକ୍ଷମ ହେବ।

# ଅଧିକାରୀ ମାନେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ: ଜିଲ୍ଲାପାଳ

ଖୋର୍ଦ୍ଧା: (ସବ୍ୟୁ): ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି। ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କୁ ଅଧିକାରୀ ମାନେ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷ୍ମମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା , ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଶୋକ ଆର୍ଟ ଆଣ୍ଡ କ୍ରାଫ୍ଟକୁ ମାରିଟାଇମ୍ ଏକ୍ସଲେନ୍ସ ପୁରସ୍କାର



ଭୁବନେଶ୍ୱର, (ସବ୍ୟୁ): ମହାରାଷ୍ଟ୍ର ମୁମ୍ବାଇର ନେସ୍କୋ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି ଇଣ୍ଡିଆ ମାରିଟାଇମ୍ ୱିକ୍ (ଆଇଏମଡବ୍ଲ୍ୟୁ) ୨୦୨୫। ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମାରଟାଇମ୍ ୱିକ୍‌ରେ ଓଡ଼ିଶା ପୁରୀ ଜିଲା ପିପିଲିର ଶିଳ୍ପୀ ଅଶୋକ ସାହୁଙ୍କ ଅଶୋକ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌କୁ ମିଳିଛି ମାରିଟାଇମ୍ ଏକ୍ସଲେନ୍ସ ପୁରସ୍କାର। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଓ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସାନ୍ତନୁ ଠାକୁର ଶିଳ୍ପୀ ଅଶୋକ ଓ ତାଙ୍କ ପୁଅ ଗୁରୁଦାସ ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓଡିଶା ସରକାରଙ୍କ ସହଯୋଗରେ ଖୋଲାଯାଇଥିବା ଏହି ଷ୍ଟଲ୍‌ରେ ଓଡିଶାର ପଥର କାରୁକାର୍ଯ୍ୟ, ପଟ୍ଟଚିତ୍ର, ଟସର ପେଣ୍ଟିଙ୍ଗ, ତାଳପତ୍ର ଚିତ୍ର ଆଦି ପ୍ରଦର୍ଶନ କରାଯାଇଥିଲା। ଶିଳ୍ପୀ ଅଶୋକ ଓ ତାଙ୍କ ପୁଅଙ୍କ ଦ୍ୱାରା ପଥରରେ ତିଆରି କରାଯାଇଥିବା ଭଗବାନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପର ପ୍ରତିକୃତି ବେଶ ପ୍ରଶଂସନୀୟ ଥିଲା। ଏହି ବିଶ୍ୱରୂପରେ ହୋଇଥିବା ନିଖୁଣ କାରୁକାର୍ଯ୍ୟ ପାଇଁ ଅଶୋକ ଆର୍ଟ କ୍ରାଫ୍ଟକୁ ମାରିଟାଇମ୍ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଳ୍ପୀ ଅଶୋକଙ୍କ ପଥର କାରକାର୍ଯ୍ୟକୁ ଦେଖି ମୁମ୍ବାଇର ଦୁଇଟି ସଂସ୍ଥା ପକ୍ଷରୁ ମନ୍ଦିର ତିଆରି ନିମନ୍ତେ ତାଙ୍କୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଶିଳ୍ପୀ ଅଶୋକ ଓ ତାଙ୍କ ସଂସ୍ଥା ଆଗାମୀ ଦିନରେ ଚୁକ୍ତି ସ୍ୱାକ୍ଷର କରିବେ।

## ପାରଳାଖେମୁଣ୍ଡିରେ ଭଜନ ସମାରୋହର ଆୟୋଜନ

ଭୁବନେଶ୍ୱର (ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରଳା କଳା ସଂସ୍କୃତି ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଓଡିଶାର ବିଶିଷ୍ଟ ଭଜନ ଗାୟକ ଶ୍ରୀଚରଣ, ଅଞ୍ଜଳି ମିଶ୍ର ଏବଂ ଅନେକ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ରାଜନଅର ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହର ଆୟୋଜନ ହେବାକୁଯାଉଛି। ଏହାକୁ ପାରଳାଖେମୁଣ୍ଡିର ସହସ୍ରାଧିକ ଲୋକ ଗତବର୍ଷ ମାନଙ୍କରୁ ଏହାର ଆଦର କରିଆସୁଥିଲାବେଳେ ଚଳିତ ବର୍ଷ ମଧ୍ୟ ଏହା ଆହୁରି ସମାରୋହରେ ପାଳିତ ହେବ ବୋଲି ପାରଳା କଳା ସଂସ୍କୃତି ସେବା ଟ୍ରଷ୍ଟର ଅଧ୍ୟକ୍ଷ ତଥା ପାରଳା ମାଟିର ସୁଯୋଗ୍ୟ ସନ୍ତାନ ଡଃ ତିରୁପତି ପାଣିଗ୍ରାହୀ ଏବଂ ପାରଳାଖେମୁଣ୍ଡିର ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଜଣାଇଛନ୍ତି। ଏହି ଆଧ୍ୟାତ୍ମିକ ମଞ୍ଚରେ ଓଡିଶାର ବିଶିଷ୍ଟ ଗାୟକମାନେ ସନ୍ଧ୍ୟା ୬ ଘଟିକାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଭଜନ ସଙ୍ଗୀତ ପରିବେଷଣ କରିବେ।

# ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରୁଛି ୧୬ ରଥ

କଟକ, (ସବ୍ୟୁ):ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ନିୟମିତ ଭାବେ ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି । ଏହି ରଥରେ ଖଚିତ ଏଲଇଡି ପ୍ୟାନେଲ୍ ରେ ପ୍ରଦର୍ଶିତ ହେଉଥିବା ଭିଡିଓ ବାର୍ତ୍ତାକୁ ଜନସାଧାରଣ ବିଶେଷ କରି ଛାତ୍ର ଛାତ୍ରୀମାନଙ୍କୁ ଆକର୍ଷିତ କରୁଛି। ଏହା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ସଚେତନତା ଏବଂ ଆଗ୍ରହ ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ୧୩ ଲକ୍ଷରୁ ଅଧିକ ସାଧାରଣ ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି । ଗତ ଅକ୍ଟୋବର ୧୮, ୨୦୨୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୧୬ଟି ସାଇବର ରଥକୁ



ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ୍ ଜିଲ୍ଲା ସକ୍ରିୟ ଭାବେ ସାମିଲ ହୋଇ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଭିନ୍ନ ଜିଲ୍ଲାମାନଙ୍କରେ ବହୁ ସଂଖ୍ୟାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଛି। ଏଥି ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସାଇବର ସଚେତନତା ସମ୍ବଳିତ ପାମ୍ପଲେଟ୍ ବଣ୍ଟନ କରାଯିବା ସହ ଏଲଇଡି ପ୍ୟାନେଲ୍ ମାଧ୍ୟମରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ ହେଉଛି। ବିଭିନ୍ନ ଜିଲ୍ଲା ପୋଲିସ ତରଫରୁ ସଚେତନତା ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଯୁବକ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ବଢ଼ାଇବା ପାଇଁ, ଜିଲ୍ଲା ତଥା ରାଜ୍ୟ ସ୍ତରରେ ବିତର୍କ, କୁଇଜ୍ ଏବଂ ରିଲ୍ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହା ସହିତ, ସାଇବର୍ ସ୍ୱଚ୍ଛତା ଏବଂ ସୁରକ୍ଷିତ ଡିଜିଟାଲ୍ ବ୍ୟବହାର ଉପରେ ଶିକ୍ଷାନୁଷ୍ଠାନ ଏବଂ ସର୍ବସାଧାରଣ ସ୍ଥାନରେ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରାଯାଉଛି। ଏହାବ୍ୟତୀତ ଅନଲାଇନ ମାଧ୍ୟମରେ ସେକ୍ସଟର୍ସନ ସଂକ୍ରାନ୍ତିୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଭିଡିଓ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରାଯାଇ ସଚେତନତାର ବାର୍ତ୍ତା ଦିଆଯାଉଛି। ସ୍ଥାନୀୟ କଳାକାରଙ୍କ ସହଯୋଗରେ ଷ୍ଟାଣ୍ଡ ଅପ କମେଡି, ପଥପ୍ରାନ୍ତ ନାଟକ, ୱ୍ୟାକାଥନ ଭଳି ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯାହାକୁ ଦର୍ଶକ ମାନେ ଆଗ୍ରହର ସହ ଉପଭୋଗ କରିବା ସହ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ ହେଉଥିବା ପରିଲକ୍ଷିତ ହେଉଛି। ଏହି ସାଇବର ସୁରକ୍ଷା ଅଭିଯାନରେ ସାଧାରଣ ନାଗରିକ ସାମିଲ ହୋଇ ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ସହ ପୋଲିସର ଭୂମିକାକୁ ପ୍ରଶଂସା କରିଥିଲେ ।

## ଶ୍ୟାମାଖୁଣ୍ଟା ବ୍ଲକ ଏଏଇ ପ୍ରଶାନ୍ତ ସେନାପତିଙ୍କ ନାଁରେ ସଙ୍ଗୀନ୍ ଅଭିଯୋଗ

# ଏକାଧିକ ନାବାଳକଙ୍କୁ ଯୌନ ନିର୍ଯାତନା ମାମଲାରେ ଥାନାରେ ଅଟକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଏଏଇ ପ୍ରଶାନ୍ତ ସେନାପତିଙ୍କ ନାମରେ ସଙ୍ଗୀନ୍ ଅଭିଯୋଗ ଆଣିଲେ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ମହାନ୍ତ। ଶ୍ୟାମାଖୁଣ୍ଟା ବ୍ଲକ ଏଏଇ ଶ୍ରୀ ସେନାପତି ଆଦିବାସୀ ନାବାଳକ ଛାତ୍ର ମାନଙ୍କୁ ଜୌନ ଅସାଦଚରଣ କରିଥିବାନେଇ ଅଭିଯୋଗ ଆଣିଲେ ଏକାଧିକ ଅନ୍ତେବାସୀ ନାବାଳକ ଛାତ୍ରା ପ୍ରକାଶ ଯେ, ରବିବାର ସକାଳେ ବିଦ୍ୟାଳୟକୁ ଏଏଇ ଏକ କାର୍ଯ୍ୟର ତଦାରଖ କରିବାକୁ ଯାଇଥିଲେ। ପୁଣି ସନ୍ଧ୍ୟାରେ ମନ୍ଦ ଉଦ୍ଦେଶ୍ୟ ରଖି ହଷ୍ଟେଲକୁ ଯାଇ ଏଏଇ ସେନାପତି ନାବାଳକ ଛାତ୍ର ମାନଙ୍କୁ ଧମକ ଚମକ ଦେବା ସହ ହଷ୍ଟେଲ ନିକଟସ୍ଥ ଏକ ଅନ୍ଧାର ସ୍ଥାନକୁ ନେଇ ଏକାଧିକ ନାବାଳକଙ୍କ ସମ୍ବେଦନଶୀଳ ଅଙ୍ଗକୁ ଛୁଇଁ ଜୌନ ଅସଦାଚରଣ କରିବା ସହ ନାବାଳକ ମାନଙ୍କୁ ବିଭିନ୍ନ ପ୍ରକାରର ଅଶ୍ଳୀଳ ଜୌନ ନିର୍ଯାତନା ଦେଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ୨୧୯/୨୫ ମାମଲା ରୁଜୁ ହୋଇ ଅଭିଯୁକ୍ତ ଏଏଇ ସେନାପତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲିଛି। ବିଭିନ୍ନ ସମୟରେ ଏହି ଏଏଇଙ୍କ ନାମରେ ଦୁର୍ନୀତି କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଅନ୍ୟପକ୍ଷରେ ଏହି କୁଚରିତ୍ର ଏଏଇଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି

ବାରିପଦା, (ସବ୍ୟୁ) : ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୯୩ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୨୯୩ଗୋଟି ଅଭିଯୋଗ ମଧ୍ୟରୁ ୨୬୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୨ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୭ଟି ଆପତ୍ତିର ତକାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୫,୦୦୦/-ଟଙ୍କା ମଞ୍ଜୁର କରିଛନ୍ତି ।

## ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ସମାରୋହ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ସମାରୋହ ଟେକ୍ନୋମେଲିସ୍ମା-୨୦୨୫ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ ଧରମବୀର ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ ଡିଆରଡିଓର ଗ୍ରୁପ ଡାଇରେକ୍ଟର ଡଃ ଅରୁଣ କୁମାର ରାୟ ବକ୍ତବ୍ୟ ରଖି ଉତ୍ତମ ମଣିଷ ହେବା ତଥା ବୈଜ୍ଞାନିକ ମନୋଭାବ ସହିତ ଉଦ୍ଭାବନ ପ୍ରୟାସୀ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ବୁଗୁଡେଇ ପୌରହିତ୍ୟ କରି ଜୀବନର ଶ୍ରେଷ୍ଠ କର୍ମଶୈଳୀକୁ ଆପଣେଇ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେବା ସହିତ ମାଟି ସେମାନଙ୍କୁ ପ୍ରଣତି ଜଣାଏ ଯେଉଁମାନେ ବିନା କ୍ଷମତାରେ ବି ପଥର ପଡିଲେ ସହି ସମାଜ ପାଇଁ ଖଣ୍ଡା ନହୋଇ ଢାଲ ସଦୃଶ୍ୟ ହୋଇଥାନ୍ତି ବୋଲି ଦର୍ଶାଇଥିଲେ। ପରିଚାଳନା ସମିତିର ସଭାପତି କାହ୍ନୁ ।ସୋରେନ୍ ଏବଂ ସଦସ୍ୟ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ସୁସ୍ଥ ତଥା ଆଦର୍ଶ ସମାଜ ସହ ଦେଶ ଗଠନ କରିବାର ସ୍ୱପ୍ନକୁ ସାକାର କରିବା ସକାଶେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ମୁଖପାତ୍ର ଦି ରେଭିଲେସନକୁ ଲୋକାର୍ପଣ କରାଯାଇଥିଲା। ଏଥିରେ ବେଷ୍ଟ ଷ୍ଟୁଡେଣ୍ଟ ଭାବେ ମେକାନିକାଲ ବିଭାଗର ଛାତ୍ର ପୀୟୂଷ ମହାନ୍ତି ଏବଂ ଏମ୍ଏସଇ ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ର ସୁକାନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଆକର୍ଷଣୀୟ ପ୍ରତିଯୋଗୀତାରେ ମିସ୍ ଏମଏସଇ ଭାବେ ପ୍ରୀତି ପରିଣିତା ଦଣ୍ଡପାଟ ଓ ମିଷ୍ଟର ଏମଏସଇ ଭାବେ ପ୍ୟାରେଲାଲ ମାରାଣ୍ଡୀ ଏବଂ ଏମଏସଇ ହାୟାର ସେକେଣ୍ଡାରୀ ସ୍କୁଲର ମିସ ଏମଏସଇ ଏଚଏସଏସ ଶୁଭଶ୍ରୀ ଜେନା ଓ ମିଷ୍ଟର ଏମଏସଇ ଏଚଏସଏସ ଭାବେ କାର୍ତ୍ତିକ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗୀତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ଆଦିର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ରାମ୍ପ ଶୋ ଓ ଚିତ୍ତାକର୍ଷକ ନୃତ୍ୟ ତଥା ଅଲିଉଡ ଜଗତର ସିନେ ଆର୍ଟିଷ୍ଟ ସ୍ୱରାଜ ବାରିକ, ଅନ୍ତରା ଚକ୍ରବର୍ତ୍ତୀ କଳାକାର ମାନଙ୍କର ବହୁମୁଖୀ ପ୍ରତିଭା ସମସ୍ତଙ୍କ ମନ ମୋହିଥିଲା। ପ୍ରାରମ୍ଭରେ ଡଃ ରଣଜିତ୍ କୁମାର ସାହୁ ସ୍ୱାଗତ ଜଣାଇଥିବାବେଳେ ଅଧ୍ୟାପିକା ମମତା ମହାନ୍ତ ଧନ୍ୟବାଦ ଦେଇଥିଲେ ।

## ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ୍ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଓ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ପୌରହିତ୍ୟ କରିଥିବାବେଳେ ପ୍ରାକ୍ତନ ଭାରତୀୟ ରେଡକ୍ରସ ଓଡିଶା ଶାଖାର ସମ୍ପାଦକ ମେଜର୍ କାଉନ୍ସଲେର ଏହି ଶିବିରରେ ଯୋଗ ଦେଇଥିଲେ । ଆଜି ପ୍ରଥମ ଦିବସରେ ରିସୋର୍ସପରସନ୍ ଭାବେ ଯୋଗଦେଇ ସନ୍ୟାସୀ ଜେନା ଏଚ୍ଆଇଭି ଏଡ୍ସ ସଚେତନତା, ହର ପ୍ରସାଦ ମହାପାତ୍ର ରେଡକ୍ରସର ଇତିହାସ ଏବଂ ଡଃ ଦିଲ୍ଲୀପ୍ କୁମାର ଭୋଇ ପ୍ରାଥମିକ ଉପଚାର ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ । ଜିଲ୍ଲା ସଂଯୋଜକ ଶ୍ରୀ ଦାଶ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ । ଦ୍ୱିତୀୟ ଦିବସରେ




ଡଃ କଳ୍ପନା ଦାସ ମୁଖ୍ୟଅତିଥି, ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା ମୁଖ୍ୟବକ୍ତା, ଅତିରିକ୍ତଏସ୍.ପି. ଦିପକ କୁମାର ଗୋଛାୟତ, ଯୁବ ରେଡକ୍ରସ କନ୍‌ଭେନର ସେକ୍ରେଟାରୀ ରାଇମଣି ମାରାଣ୍ଡି, ଜିଲ୍ଲା ଯୁବ ରେଡକ୍ରସ ରାଜେଶ୍ କୁମାର ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡଃ ବେହେରା ଓ ମେଜର୍ ଦାସ ରେଡକସ୍ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଶିବିରର ଉଦଘାଟନ କରିଥିଲେ । ୪୦ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ପ୍ରାୟ୧୪୫ଜଣ ସ୍ୱେଚ୍ଛାସେବୀ ଓ ୧୫ଜଣ ଯୁବରେଡକ୍ରସ୍ ବାଲେଶ୍ୱର ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ସୁଧିର ମୁଦୁଲି ରକ୍ତଦାନର ଉପକାର ଓ ଆବଶ୍ୟକତା ସମ୍ପର୍କରେ, ଏମ୍‌ଭିଆଇ ସାଲଖୁ ମୁର୍ମୁ ସଡ଼କ ସୁରକ୍ଷା ଏବଂ ମୟୂରଭଞ୍ଜ ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ରାଜେଶ୍ କୁମାର୍ ଦାଶ ପ୍ରାକୃତିକ ଉପଚାର ଓ ନିରାମୟ ଜୀବନ ଶୀର୍ଷକ ଉପରେ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ଦେଇଥିଲେ। ୨ତାରିଖରେ ଏକ ରକ୍ତଦାନ ଶିବିର କରାଯାଇ ଜିଲ୍ଲା ରକ୍ତ ବ୍ୟାଙ୍କ ସହାୟତାରେ ୩୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସ୍ୱେଚ୍ଛାସେବୀ ମାନେ ଶ୍ରମଦାନ ମାଧ୍ୟମରେ କଲେଜ୍ ପରିଷରର ସଫେଇ କରିଥିଲେ ।

## ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ୍ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ୍ ଖେଳ ପଡ଼ିଆରେ ୬୯ତମ ଜିଲ୍ଲା ବିଦ୍ୟାଳୟ ସମୂହ ଦୌଡ଼ କୁଦ ଓ ଯୋଗାସନ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମୁଖ୍ୟଅତିଥି ଭାବରେ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଭାତୀ ପରିଡା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଅନସ୍ଲୋ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ, ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ଛତ୍ରପୁର ବ୍ଲକ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ଭୀଷ୍ମଗିରି ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମହରି ନାୟକ ଯୋଗ ଦେଇଥିଲେ । ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବର୍ଗର ୮ ରୁ ଅଧିକ ପ୍ରତିଯୋଗି ମାନେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ ।

## ନବମ ଶ୍ରେଣୀ ଛାତ୍ରକୁ ଶାରୀରିକ ନିର୍ଯାତନା

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରକୁ ସ୍କୁଲର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟଙ୍କ ଦ୍ୱାରା ଛାତ୍ରଙ୍କୁ ଆଣ୍ଠେଇବା ସହିତ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଛାତ୍ରର ମା ପ୍ରଗତିକା ସାହୁ ଅଭିଯୋଗ କରିଛନ୍ତି । କପିଳମୁନି ହାଇସ୍କୁଲରେ ତାଙ୍କ ପୁତ୍ର ନବମ ଶ୍ରେଣୀ ଛାତ୍ର ଅନ୍ୟ ସେକ୍ସନର ଛାତ୍ର ସହିତ ଖେଳୁଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ।

## କାର୍ତ୍ତିକ ପୂର୍ଣ୍ଣମୀରେ ଡଙ୍ଗା ଭସାଣ ନିମନ୍ତେ ତୁଠ ପ୍ରସ୍ତୁତି

କଟକ, (ସ୍ୱପ୍ର): ଉତ୍କଳୀୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ଡଙ୍ଗା ଭଷାଣର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି। ଏହି ଅବସରରେ ଆସନ୍ତା ବୁଧବାର କାର୍ତ୍ତିକପୂର୍ଣ୍ଣମୀ ଅବସରରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ୫୩ନଂ ଓ୍ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ତାଳଦଣ୍ଡା କେନାଲ ବନ୍ଧର ମାଟିକୁ ସମତୁଲ କରି ଡଙ୍ଗା ଭଷାଇବା ନିମନ୍ତେ ଦୁଇଟି ଅସ୍ଥାୟୀ ତୁଠ ନିର୍ମାଣ କରିବା ସହିତ ଦରଖାପାଟଣାର ପୁଷ୍ଟି ବଗିଚା ଓ ନଡିଆବାରିରେ ଥିବା ପୁଷ୍କରଣୀର ଦଳକୁ ମଧ୍ୟ ଜେସିବି ମେସିନ ସହାୟତାରେ ସଫା କରିଛନ୍ତି । କର୍ପୋରେଟର ଶ୍ରୀ ଜେନାଙ୍କ ସମୟପଯୋଗୀ ପଦକ୍ଷେପକୁ ଓ୍ୱାର୍ଡବାସୀ ପ୍ରଶଂସା କରିଛନ୍ତି ।



## ମୁଜାଗଡ ବନାଞ୍ଚଳରେ ହାତୀକୁ ଗୁଳି, ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ହାତୀ ମୃତ୍ୟୁକୁ ନେଇ ଏବେ ଚର୍ଚ୍ଚାରେ ମୁଜାଗଡ ବନାଞ୍ଚଳ । ଗତ ଶନିବାର ଦିନ ଏହି ବନାଞ୍ଚଳର ବିରିକୋଟ ନିକଟସ୍ଥ ବାଣିଆପଲ୍ଲୀ ଗାଁ ନିକଟକୁ ଲାଗି ରହିଥିବା ଜଙ୍ଗଲରେ ଦନ୍ତା ହାତୀ ମୃତ୍ୟୁ ହୋଇଥିଲା । ଖବର ପାଇ ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତେବେ ହାତୀଟି କ୍ଷତାକ୍ତ ଅବସ୍ଥାରେ ମରି ପଡ଼ିଥିଲା । ସେତେବେଳେ ହାତୀ ମୃତ୍ୟୁର କାରଣ ବନବିଭାଗ ସ୍ପଷ୍ଟ କରିନଥିଲା । ତଦନ୍ତ ପରେ ପରେ ଜଣାପଡିଲା ହତୀଟିକୁ ଗୁଳି କରି ହତ୍ୟା କରାଯାଇଛି । ଏହି ଘଟଣାରେ ସୋମବାର ଦିନ ସଂପୃକ୍ତ ଅଭିଯୁକ୍ତ ବାଣିଆପଲ୍ଲୀ ଗ୍ରାମର ଉମାକାନ୍ତ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଯାଇଥିବା ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି ସୁଚନା ଦେଇଛନ୍ତି । ଅଭିଯୁକ୍ତ ଠାରୁ ୨ ଟି ଦେଶୀ ବନ୍ଧୁକ ଓ ବ୍ୟବହୃତ ବିସ୍ଫୋରକ ଦ୍ରବ୍ୟ ମଧ୍ୟ ଜବତ ହେଇଛି ।

## ଗଞ୍ଜାମ ଜିଲ୍ଲାରେ ମୋବାଇଲ ଆପ୍ ଜରିଆରେ ମତ୍ସ୍ୟଜୀବୀ ଗଣନା

ଛତ୍ରପୁର, (ସବ୍ୟୁ): ମତ୍ସ୍ୟ ବିଭାଗ ଭାରତ ସରକାରଙ୍କ ପକ୍ଷରୁ ଆଜି ଠାରୁ ପଞ୍ଚମ ଜାତୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ଆରମ୍ଭ ହୋଇଛି । ଗଞ୍ଜାମ ଜିଲାରେ ୪ଟି ଉପକୂଳ ବ୍ଲକ ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ବ୍ଲକର ୨୭ ଗୋଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁରେ ଆରମ୍ଭ ହୋଇଛି ଜନଗଣନା । ତାଲିମପ୍ରାପ୍ତ ଗଣନାକାରୀମାନେ ସର୍ଭେରେ ନିୟୋଜିତ ହୋଇ ଘରଘର ବୁଲି ଗଣନା କରୁଛନ୍ତି । ଏହି କାର୍ଯ୍ୟ ଡିସେମ୍ବର ୧୮ ପ୍ରର୍ଯ୍ୟନ୍ତ ଚାଲିବ । ଏହି ଗଣନା କାର୍ଯ୍ୟ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଥମ ଥର ପାଇଁ ବ୍ୟାସ୍ (ଭିଓ୍ୱାଇଏଏସ୍) ମୋବାଇଲ ଆପ ଜରିଆରେ କରାଯାଉଛି । କେତେ ସଂଖ୍ୟକ ମତ୍ସ୍ୟଜୀବୀ ରହୁଛନ୍ତି । ସେମାନଙ୍କର ଶିକ୍ଷା, ବୃତି ଓ ଉପଲବ୍ଧ ଭିତିଭୂମି ବାବଦରେ ତଥ୍ୟ ରହିବ । ଏହି ଜନଗଣନା ଦ୍ୱାରା ସଠିକ ସର୍ଭେ ପରେ ମତ୍ସ୍ୟଜୀବୀଙ୍କର ଏକ ସ୍ୱଚ୍ଛ ତାଲିକା ରହିବା ସହ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଏବଂ ବିଭିନ୍ନ ସମୟରେ କ୍ଷତିପୂରଣ ଦେବାରେ ଆଉ ସମସ୍ୟା ଦେଖାଯିବ ନାହିଁ । ଏହି ସର୍ଭେ ବେଳେ ମତ୍ସ୍ୟଜୀବୀଙ୍କ ପରିବାର ସଂଖ୍ୟା, ଜିବୀକା, ଆର୍ଥିକ, ଶିକ୍ଷା, ବୃତି,ଜାଲ,ଡଙ୍ଗା ଆଦି ବିଭିନ୍ନ ବିଷୟରେ ତଥ୍ୟ ନେଇ ଏହି ବ୍ୟାସ୍ ମୋବାଇଲ ଆପରେ ଆପଲୋଡ କରିବେ । ଏହି ସର୍ଭେ ହେଲେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପ୍ରକୃତ ସମସ୍ୟା ଲୋକଲୋଚନକୁ ଆସିପାରିବ । ଫଳରେ ସରକାର ଏହି ତଥ୍ୟକୁ ନେଇ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବା ଉଚିତ ବୋଲି ବହୁ ମତ୍ସ୍ୟଜୀବୀ ମାନେ କହିଛନ୍ତି । ଏହି ସର୍ଭେ ଶେଷଥର ପାଇଁ ୨୦୧୬ରେ ହୋଇଥିଲା । ସେହି ସମୟରେ ଗଞ୍ଜାମ ଜିଲାରେ ୨୭ଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁରେ ୧୦ ହଜାର ୬୦ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ବାସବାସ କରୁଥିଲେ । ଏବେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି ।



## ବୋମାମାଡରେ ଯୁବକ ଆହତ, ପୋଲିସର ଛାନ୍‌ଭିନ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳରେ ରବିବାର ରାତିରେ ଜଣେ ଯୁବକଙ୍କ ଉପରକୁ ବୋମା ମାଡ ହୋଇଛି । ଆହତ ଯୁବକ ଜଣଙ୍କ ହେଲେ ସେହି ଅଞ୍ଚଳର ଶିବ ବାହାଦୂର । ସୂଚନାପ୍ରକାରେ ଶିବ ଆଙ୍କୁଲି ଶିଳ୍ପାଞ୍ଚଳ ରାମମନ୍ଦିର ନିକଟରେ ଛିଡା ହୋଇଥିବା ବେଳେ ୨ ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ଉପରକୁ ବୋମା ମାଡ କରି ଫେରାର ହୋଇଯାଇଥିଲେ । ବୋମାଟି ଶିବଙ୍କ ବାମ ଗୋଡରେ ବାଜି ଫୁଟି ଯାଇଥିଲା । ଏଥିରେ ତାଙ୍କ ବାମ ଗୋଡରେ କ୍ଷତ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ଶିବ ବାହାଦୂରଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ପୂର୍ବ ଶ୍ରତ୍ରୁତାକୁ କେନ୍ଦ୍ର କରି ତାଙ୍କ ଉପରକୁ ବୋମା ମାଡ ହୋଇଥିବା ସନ୍ଦେହ କରାଯାଉଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ସେହିପରି ପୋଲିସ ଘଟଣା ସ୍ଥଳରୁ ବୋମା ଟୁକୁଡା ଜବତ କରିଛି ।

## ଜୋନାଲ ସ୍ତରୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡି

ବୁଗୁଡ଼ା, (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଆନୁକୁଲ୍ୟରେ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଜୋନାଲ ସ୍ତରୀୟ ଆନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ପିପୁଲ୍ସ କଲେଜ ପରିସରରେ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୁଗୁଡ଼ା ଦଳ ସୋମନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁଣ୍ଡମରାଇ ଦଳକୁ ୫୨-୧୪ ପଏଣ୍ଟରେ ହରାଇ ଚମ୍ପିଅନ ହୋଇଥିଲା । ଫାଇନାଲ ମ୍ୟାଚଟିକୁ ଆମ୍ପାୟର ଭଞ୍ଜ କିଶୋର ଗୌଡ ଓ ସୁନିଲ କୁମାର ନାୟକ ଏବଂ ରେଫେରି ଆକାଶ ପ୍ରଧାନ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ଦିପକ କୁମାର ସାହୁ, ଲାଇନ୍ସମ୍ୟାନ୍ ଭାବେ ସ୍ୱରାଜ ସାହୁ ଓ ଅକ୍ଷୟ ନାୟକ ନିୟୋଜିତ ଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ୩ କ୍ରୀଡା ଉପଦେଷ୍ଟା ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ୨ କ୍ରୀଡା ଉପଦେଷ୍ଟା ଆତ୍ମ ପ୍ରକାଶ ନାୟକ ଓ ଅଧ୍ୟାପକ ଦିଲ୍ଲୀପ ସେଠୀ ଯୋଗ ଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ କରିବା ସହ ବିଜେତା ପିପୁଲ୍ସ ଏଚଏସ୍ଏସ୍ ଦଳକୁ ଓ୍ୱିନର ଟ୍ରଫି ଏବଂ ଉପବିଜେତା ମୁଣ୍ଡମରାଇ ଏଚଏସ୍ଏସ୍ ଦଳକୁ ରନର୍ ଟ୍ରଫି ପ୍ରଦାନ କରିଥିଲେ । ଏଥି ସହ ଟୁର୍ଣ୍ଣାମେଣ୍ଟର ବେଷ୍ଟ ରାଡାର ଭାବେ ବୁଗୁଡା ଏଚଏସ୍ଏସ ଦଳର ଖେଳାଳି ରଶ୍ମିତା ଦଳେଇ ଓ ବେଷ୍ଟ ଡିଫେଣ୍ଡର ନନ୍ଦିନୀ ବେହେରା ଏବଂ ବେଷ୍ଟ ଅଲରାଉଣ୍ଡର ଭାବେ ମୁଣ୍ଡମରାଇ ଏଚଏସ୍ଏସ୍ ଦଳର ଖେଳାଳି ରାଣୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟକୁ ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପରିଚାଳନା କରିଥିଲା ବେଳେ ଜଗନ୍ନାଥ ମହାନ୍ତି, ବାଦଲ ସ୍ୱାଇଁ, ବିଭୁ ବେହେରା, ରବିନ୍ଦ୍ର ବେହେରା, ସୁଜଳ ପଟିଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଦକ୍ଷିଣ ଓଡ଼ିଶାରେ ମହିଳାଙ୍କ ସାଥିରେ ପାଓ୍ୱାର ପ୍ରଗତି

# ଏସ୍ଏଚଜି ମହିଳାଙ୍କ ନେତୃତ୍ୱରେ ଟିପିଏସ୍ଓଡିଏଲର ବିଦ୍ୟୁତ ବିଲ୍ ସଂଗ୍ରହ



ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳ ପାହାଡ଼, ନଦୀ, ଧାନକ୍ଷେତ ଏବଂ ଅପହଞ୍ଚ ଗାଁରେ ବିଜୁଳି ତାର ସଂଯୋଗ ହୋଇଛି ସେଠାରେ ଏବେ ଏକ ନୂଆ ଶକ୍ତି ନେତୃତ୍ୱ ନେଉଛି । ଆଉ ତାହା ହେଉଛି ମହିଳା ଶକ୍ତ । ମେସିନ୍ ନୁହେଁ ସ୍ମାର୍ଟ ଫୋନ୍, ରସିଦ ବହି ଏବଂ ଦୃଢ଼ ସଂକଳ୍ପକୁ ପାଥେୟ କରି ଏବେ ତୃଣମୂଳ ସ୍ତରରୁ ଶତାଧିକ ଗ୍ରାମୀଣ ମହିଳା ଓଡ଼ିଶାର ବିଦ୍ୟୁତ ନେଟଓ୍ୱର୍କକୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍)ର ଅଭିନବ ପ୍ରୟାସ ଯୋଗୁଁ ଏବେ ଦକ୍ଷିଣ ଓଡ଼ିଶାର ପାଞ୍ଚଟି ଜିଲ୍ଲାର ବିଦ୍ୟୁତ ବିଲ୍ ଆଦାୟ କ୍ଷେତ୍ରରେ ପ୍ରାୟ ୩୭୯ଟି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି) ର ମହିଳାମାନେ ନିଜକୁ ନିୟୋଜିତ କରିପାରିଛନ୍ତି । ଯାହା ସଶକ୍ତିକରଣ, ଉତ୍ତରଦାୟିତ୍ୱ, ସମାବେଶୀ ବିକାଶ ଏବଂ ଡିଜିଟାଲ ପ୍ରଗତି କ୍ଷେତ୍ରରେ ଏକ ନିରବ ବିପ୍ଳବ ସୃଷ୍ଟି କରି ପାରିଛି । ଏକ କ୍ଷୁଦ୍ର ପାଇଲଟ୍ ପ୍ରୋଜେକ୍ଟ ଭଳି ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ଏବେ ଗ୍ରାମୀଣ ଭାଗୀଦାରୀ କ୍ଷେତ୍ରରେ ଏକ ବିଶେଷ ମଡେଲ ଭାବରେ ପରିଣତ ହୋଇସାରିଛି । ଏହି ୩୭୯ଜଣ ମହିଳା ୩୭୯ଟି ଏସ୍ଏଚଜି ଗ୍ରୁପର ପ୍ରତିନିଧି କରୁଛନ୍ତି । ଯେଉଁମାନେ କି ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ସକ୍ରିୟ ହୋଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି । କେବଳ ଗଞ୍ଜାମ ଜିଲ୍ଲାରେ ୨୯୧ ଏସ୍ଏଚଜି ମହିଳା ଗୋଷ୍ଠୀ ବିଲ୍ ଆଦାୟ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଗଜପତିରେ ୬୩, ରାୟଗଡ଼ାରେ ୧୫, ବୌଦ୍ଧରେ ୮ ଏବଂ କନ୍ଧମାଳରେ ୨ଟି ଗୋଷ୍ଠୀ ଏଥିରେ ସାମିଲ ଅଛନ୍ତି । ଗତ ତିନି ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ବିଦ୍ୟୁତ ବିଲ୍ ଆଦାୟର କଭରେଜ ୬୭ ପ୍ରତିଶତରୁ ବଢ଼ି ୮୦ପ୍ରତିଶତରେ ପହଞ୍ଚିଛ । ଯାହା ଯୋଗୁଁ ବିଦ୍ୟୁତ ବିଲ୍ ଆଦାୟର ଦକ୍ଷତା ୮୨ ପ୍ରତିଶତରୁ ବୃଦ୍ଧି ପାଇ ୧୦୫ପ୍ରତିଶତରେ ପହଞ୍ଚି ପାରିଛି । ସେହିଭଳି ଏହି ମହିଳାମାନଙ୍କ ଯୋଗଦାନ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ମଧ୍ୟ ଏକ ପରିବର୍ତ୍ତନ ଆଣିଛି । ତିନିବର୍ଷ ପୂର୍ବେ ଯେଉଁଠାରେ ମାତ୍ର ୨୦୦୦ ଉପଭୋକ୍ତା ଡିଜିଟାଲ ମାଧ୍ୟମରେ ବିଲ୍ ପୈଠ କରୁଥିଲେ ଏବେ ସେ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି । ପ୍ରତି ମାସ ପ୍ରାୟ ୧୫ହଜାର ଉପଭୋକ୍ତା ଡିଜିଟାଲ ମାଧ୍ୟମରେ ଏସ୍ଏଚଜି ମହିଳାଙ୍କ ସହାୟତାରେ ବିଲ୍ ପୈଠ କରୁଛନ୍ତି । ଟିପିଏସ୍ଓଡିଏଲ୍ ତରଫରୁ ଡିଜିଟାଲ ସାକ୍ଷରତା କ୍ଷେତ୍ରରେ ଦିଆଯାଉଥିବା ପ୍ରଶିକ୍ଷଣ ଯୋଗୁଁ ବିଲ୍ ଆଦାୟରେ ସାମିଲ ହୋଇଥିବା ମହିଳାମାନେ ଡିଜିଟାଲ ଟ୍ରାନଜାକସନ ବାବଦରେ ଜାଣି ପାରିଛନ୍ତି । ଯାହା ଗ୍ରାମାଞ୍ଚଳକୁ ଆର୍ଥିକ ଭାବରେ ସଂଯୋଗ କରୁଥିବା ବେଳେ ପ୍ରଯୁକ୍ତିଗତ ଭାବେ ସଚେତନ ହେବାରେ ସହାୟକ ହୋଇ ପାରୁଛି । ମହିଳାମାନଙ୍କର ଏହି ଅଭୂତପୂର୍ବ ଯାତ୍ରା ଫଳରେ ଏବେ ସେମାନେ ମାସିକ ପ୍ରାୟ ୬କୋଟି ଟଙ୍କା ବିଦ୍ୟୁତ ବିଲ୍ ଆଦାୟ କରିବାରେ ସମର୍ଥ ହୋଇ ପାରିଛନ୍ତି । ଯାହା ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ବଣ୍ଟନ ସେବାକୁ ଆର୍ଥିକ ସ୍ତରରେ ସୁଦୃଢ଼ କରିଛି । ଏହି ମହିଳାମାନେ ନିଃସ୍ୱାର୍ଥପରଭାବେ ନିଜକୁ ନିୟୋଜିତ କରିପାରିଛନ୍ତି । ସେମାନେ ନୂଆ ଗ୍ରାହକଙ୍କୁ ଚିହ୍ନଟ କରିବା, ବିଦ୍ୟୁତ ସଂଯୋଗ ଗୁଡ଼ିକୁ ନିୟମିତ କରିବାରେ ସହାୟତା କରିବା ଓ ଟିପିଏସ୍ଓଡିଏଲକୁ ନୂଆ ମିଟର ସ୍ଥାପନ, ମିଟର ବଦଳାଇବା ଓ ଲୋଡ୍ ବୃଦ୍ଧି ଭଳି କାର୍ଯ୍ୟରେ ସହାୟତା କରୁଛନ୍ତି । ଯେତେବେଳେ ଗ୍ରାହକମାନେ ବିଲିଂ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏହି ମହିଳାମାନେ ପ୍ରଥମେ ଆଗେଇ ଆସନ୍ତି । ଏହି ରୂପାନ୍ତର ପଛରେ ରହିଛି ଟିପିଏସ୍ଓଡିଏଲର ନିରନ୍ତର ତାଲିମ ଓ ସାମର୍ଥ୍ୟର ବିକାଶ କ୍ଷେତ୍ରରେ ନିବେଶ । କମ୍ପାନୀ ତରଫରୁ ଡିଜିଟାଲ୍ ସାକ୍ଷରତା, ସୁରକ୍ଷିତ ଓ ବ୍ୟବସ୍ଥିତ ଭାବେ ଅର୍ଥ ପରିଚାଳନା, ଅଭିଯୋଗ ସମାଧାନ ଓ ଗ୍ରାହକ ନିୟୋଜନ ଉପରେ ପ୍ରଶିକ୍ଷଣ ଦିଆଯାଉଛି । ଏ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଏହି ଉଦ୍ୟମର ସଫଳତା ପ୍ରମାଣ କରୁଛି ଯେ ସଶକ୍ତିକରଣ କିପରି ବିକାଶର ରାସ୍ତା ଫିଟାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଲ୍ ସଂଗ୍ରହରେ ନିୟୋଜିତ କରି ଆମେ କେବଳ ଆମର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିନାହୁଁ ବରଂ ଶତାଧିକ ଗ୍ରାମୀଣ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଓ ଡିଜିଟାଲ୍ ସାକ୍ଷରତା ହାସଲ କରିବାର ଏକ ମାର୍ଗ ସୃଷ୍ଟି କରିଛୁ । ଏହି ମହିଳାମାନେ ଗାଁ ସ୍ତରରେ ପ୍ରଯୁକ୍ତି, ସ୍ୱଚ୍ଛତା ଓ ବିଶ୍ୱାସକୁ ସଂଯୋଗ କରି ପରିବର୍ତ୍ତନର ପ୍ରକୃତ ବାର୍ତ୍ତାବହ ସାଜି ପାରିଛନ୍ତି । ଟିପିଏସ୍ଓଡିଏଲ୍ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରେ ଏହି ସହଭାଗିତା ଦକ୍ଷିଣ ଓଡ଼ିଶାରେ ଶକ୍ତି କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣି ପାରିଛି । ଯାହା ଦିନେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା ତାହା ଏବେ ଏକ ସ୍ଥାୟୀ ବ୍ୟବସ୍ଥାରେ ପରିଣତ ହୋଇ ପାରିଛି । ସେମାନଙ୍କର କାହାଣୀ ପ୍ରମାଣ କରୁଛି ଯେ ଯେତେବେଳେ ମହିଳାମାନେ ନେତୃତ୍ୱ ନିଅନ୍ତି, ପ୍ରଗତି ଏକ ନୂଆ ଆଲୋକର ପଥରେ ଅଗ୍ରସର ହୁଏ - ଯାହା ଆତ୍ମବିଶ୍ୱାସ, ସମ୍ମାନ ଓ ଆଶାରେ ପ୍ରଜ୍ୱଳିତ ହୁଏ ଯାହାଦ୍ୱାରା ଜୀବନ, ଘର ଓ ସମଗ୍ର ଅଞ୍ଚଳର ଭବିଷ୍ୟତ ପ୍ରଭାବିତ ହୁଏ ।

# ଅଘୋଷିତ ବିଦ୍ୟୁତ କାଟ, ଜିଲ୍ଲାପାଳଙ୍କୁ ଅଭିଯୋଗ

ଠାକୁରଗଡ଼,(ସବ୍ୟୁ):ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ସାନହୁଲା , କୁରୁମଟାପ ପଞ୍ଚାୟତରେ କିଛି ଦିନ ହେବ ଅଘୋଷିତ ବିଦ୍ୟୁତ କାଟ କରାଯାଉଛି । ଅଘୋଷିତ ବିଦ୍ୟୁତ କାଟ କରାଯାଉଥିବା ଯୋଗୁଁ ଉପଭୋକ୍ତା ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । କୌଣସି କାରଣ ନ ଥାଇ ବିଦ୍ୟୁତ କାଟ କରାଯାଉଥିବା ବେଳେ ସାନହୁଲା ଗ୍ରାମର ଉପଭୋକ୍ତା ମାନେ ସୋମବାର ଦିନ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଛନ୍ତି । ଏଥିର ଏକ ନକଲ ରାଜ୍ୟ ଶକ୍ତି ମନ୍ତ୍ରୀ , ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଛି । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ , ବଉଣ୍ଡା ବିଦ୍ୟୁତ ସବ ଷ୍ଟେସନରୁ ସାନହୁଲା , କୁରୁମଟାପ ପଞ୍ଚାୟତ ର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସଯୋଗୀ କରଣ କରାଯାଇଛି । ବିଶେଷ କରି ଏହି ଅଞ୍ଚଳ ରେ ସଠିକ ଭାବରେ ବିଦ୍ୟୁତ ସେବା ଯୋଗାଇ ଦିଆଯାଉ ନାହିଁ । ପ୍ରତ୍ୟେକ ଦିନ ଜନ୍ତୁ ଶିକାର ବାହାନା କରି ରାତି ୧୦ ଟାରୁ ବିଦ୍ୟୁତ କାଟି ଦିଆଯାଉଥିବା ବେଳେ ସକାଳ ୬ ଟା ରେ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି । ଏ ପରିକି ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ଉପଯୁକ୍ତ ଉତ୍ତର ମିଳୁ ନାହିଁ । ସେଉଁ ମାନେ ବିଲ ସଠିକ ଭାବରେ ଦେଉ ଥିବା ସେମାନେ ବି ଅସୁବିଧା ଭୋଗୁଛନ୍ତି । ଏହି ଅଞ୍ଚଳ ରେ ଅନେକ ବିଦ୍ୟୁତ ତାର ଉଲୁଗି ରହିଥିବା ବେଳେ ସେ ଗୁଡିକ ଟଣା ଯାଉନଥିବା ଯୋଗୁଁ ଅନେକ ସମୟ ରେ ଦୁର୍ଘଟଣା ଘଟୁଛି । ଏ ନେଇ ବଉଣ୍ଡା ବିଦ୍ୟୁତ ବିଭାଗ କାର୍ଯ୍ୟ । ଳୟ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ବିଦ୍ୟୁତ କାଟ ବନ୍ଦ କରାନଗଲେ ସାନହୁଲା ଠାରେ ବଉଣ୍ଡା – ଆମଳକିଲ୍ଲ ପୂର୍ତ୍ତ ବିଭାଗ ରାସ୍ତା କୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଉପଭୋକ୍ତା ମାନେ ଚେତାବନୀ ଦେଇଛନ୍ତି । ଏ ନେଇ ବଉଣ୍ଡା ବିଦ୍ୟୁତ ବିଭାଗ ର ସଅଡିଓ ଅକ୍ଷୟ କୁମାର ସାହୁ କୁହନ୍ତି– ଲୋକେବିଦ୍ୟୁତ ତାରରୁ ହୁକ ପକାଇ ଜନ୍ତୁ ଶିକାର କରୁଛନ୍ତି । ଅନେକ ସମୟ ରେ ସେଥିପାଇଁ ବିଦ୍ୟୁତ ବିଭ୍ରାଟ ହେଉଛି ।

# ସିଆରିମଳିହାରେ କାର୍ତ୍ତିକେଶ୍ୱର ପୂଜା

ଠାକୁରଗଡ଼,(ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସିଆରିମଳିହା ଗ୍ରାମରେ ରବିବାର କାର୍ତ୍ତିକେଶ୍ୱର. ପୂଜା ଆରମ୍ଭ ହୋଇଛି । ଏଥି ପାଇଁ ଚଳଚଞ୍ଚଳ ସମଗ୍ର ଗାଁ । ଗାଁ ପୋଖରୀରୁ ରୀତିନୀତି ଅନୁସାରେ ପୂଜା ପାଠ କରି ପାଣି ଉଠାଇ କଳସ ଯାତ୍ରା କରି କଳସ ସ୍ଥାପନ କରିଥିଲେ । ପରେ ପୂଜା ଆରମ୍ଭ ହୋଇଥିଲା । ରଙ୍ଗବେରଙ୍ଗ ଆଲୋକମାଳା ଯୋଗୁଁ ଗ୍ରାମ ଝଲିଶି ଉଠିଥିଲା । ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ, ସନ୍ତୋଷ ପ୍ରଧାନ, ଦିବାକର ପ୍ରଧାନ, ମାନସ ରଞ୍ଜନ ବିଶ୍ୱାଳ, ଆମ୍ବସରମୁଣ୍ଡା ସମବାୟ ସମିତିର ସମ୍ପାଦକ ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ପୂଜା କାର୍ତ୍ତିକେଶ୍ୱର ପୂଜା କମିଟିର ସଭାପତି ଦୋଳଗୋବିନ୍ଦ ମାଝୀ ଓ ସମ୍ପାଦକ ସୁନ୍ଦର ଗଡ଼ନାୟକ , ଗ୍ରାମ ସଭାପତି ଲୋଚନ ମ । ଝିଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହେଉଛି ।

## ଘରୁ ବିଷାକ୍ତ ରଣା ସାପ ଉଦ୍ଧାର

ଠାକୁରଗଡ଼ ,(ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ରତିକାନ୍ତ ବେହେରା ଙ୍କ ଘରୁ ସୋମବାର ଦିନ ଏକ ବିଷାକ୍ତ ରଣା ସାପ ଉଦ୍ଧାର କରା ଯାଇଛି । ଏ ବାବଦ ରେ ଅଞ୍ଚଳ ରୁ ଏକ ରଣା ସାପ ରତିକାନ୍ତ ଘର ଭିତରୁ କୁ ପଶାଇ ଆସିଥିଲା ଛ ପରେ ବିଷାକ୍ତ ରଣା ସାପ ଟି ଘରେ ଘଉଡାଉ ଥିବା ବେଳେ ସାପ କୁ ତାଙ୍କ ଘରୁ ଯାଇ ନଥିଲା ଏ ପରେ ସାପ ଟି ବାହାରି ନଥିବା ବେଳେ ରତିକାନ୍ତ ଭୟ ରେ ଘରୁ ବାହାର କୁ ପଳାଇ ଆସିଥିଲେ ଛ ପରେ କିପରି ସୁରକ୍ଷିତ ଅବସ୍ଥା ରେ ସାପ ଟି ଉଦ୍ଧାର ହେବ ସେ ନେଇ ରତିକାନ୍ତ ସାପ ଉଦ୍ଧାର କାରୀ ମାଧପୁର ଅଞ୍ଚଳ ର ସିଦ୍ଧେଶ୍ୱର ଦାଶ ଙ୍କୁ ସୂଚନା ଦେଇଥିଲେ ଛ ଖବର ପାଇଁ ସିଦ୍ଧେଶ୍ୱର ରତିକାନ୍ତ ଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥା ରେ ବିଷାକ୍ତ ରଣା ସାପ କୁ ଉଦ୍ଧାର କରିଥିଲେ । ପରେ ନିକଟରେ ଥିବା ଜଙ୍ଗଲ ରେ ଉକ୍ତ ରଣା ସାପ କୁ ଛାଡିଥିଲେ ।

# ଗୋରୁପଲଙ୍କ ଦ୍ୱାରା ମୁଖ୍ୟରାସ୍ତା ଅବରୋଧ: ଶୁଣୁ ନାହାନ୍ତି ଏନ୍‌ଏସି କର୍ତ୍ତୃପକ୍ଷ



ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ଓ ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ସାରାମାଇଲ – ହିନ୍ଦୋଳ ମୁଖ୍ୟ ରାସ୍ତାର କାନ୍ଦରାଶୁଣି ଓ ତାରିଣୀ ବିହାର ନିକଟରେ ପ୍ରତି ଦିନ ସକାଳୁ ମୁଖ୍ୟ ରାସ୍ତା ଉପରେ ଗୋରୁ ପଲ ଗୋଠ ବାନ୍ଧି ବସି ରହି ଥିବାରୁ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧା ପ୍ରାପ୍ତ ହେଉଛି । କେବଳ ସେତିକି ନୁହେଁ ଏନ୍ ଏ ସି ର ପ୍ରବେଶ ପଥ ୧୨ ନଂ ୱାର୍ଡ ଧୂଳିଆମୁଣ୍ଡା ଠାରୁ ୩ ନଂ ୱାର୍ଡ ଅନ୍ତର୍ଗତ ବସ ଷ୍ଟାଣ୍ଡ ଛକ, ଅମଲାପଡ଼ା ସାହି ଓ ୨ ନଂ ୱାର୍ଡ ହରିହାଟ ସାହିର ମୁଖ୍ୟରାସ୍ତା ମାନଙ୍କରେ ଅପରାହ୍ନ ୩ ଟା ପର ଠାରୁ ଗୋରୁ ପଲ ମେଳି ବାନ୍ଧି ବସି ରହିଥିବାରୁ ଯାତାୟାତ ବାଧା ପ୍ରାପ୍ତ ହେଉ ଅଛି । ଏସମ୍ପର୍କରେ ଏନ୍ ଏ ସି କର୍ତ୍ତୃପକ୍ଷ ଓ ଉପଖଣ୍ଡ ପ୍ରଶାସନ ସମସ୍ତ ସମସ୍ୟା ଜାଣି ଶୁଣିବି ପଦକ୍ଷେପ ନେଉ ନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ସମାଲୋଚନା କରାଯାଉଛି । ୨୦୧୩ ମସିହା ଠାରୁ ହିନ୍ଦୋଳ ଏନ୍ ଏ ସି ଗଠନ ହେବା ପରେ ଏଠାରେ ଏଭଳି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ବୁଲା ଷଣ୍ଢଙ୍କ ସଂଖ୍ୟା ବଢିବା ସହିତ ସେମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର ଓ ମେଡିକାଲ୍ ଛକ ଆଦି ସ୍ଥାନ ମାନଙ୍କରେ ସଂଧ୍ୟା ପର ଠାରୁ ଷଣ୍ଢ ଲଢେଇ ଯୋଗୁଁ ଯାନ ବାହାନ କ୍ଷତିଗ୍ରସ୍ତ ହେଉଥିବା ବେଳେ ସ୍ଥାନୀୟ ଲୋକେ ଭୟଭିତ ହୋଇ ପଡୁଛନ୍ତି । ପରିସ୍ଥିତି ଏଭଳି ହୋଇ ପଡୁଚି ଜେ ଭାରିଯାନ ଓ ଚାରି ଚକିଆ ଯାନ ଯାତାୟାତ କରିବା ଦୁରର କଥା ଦୁଇ ଚକିଆ ଯାନ ଟିଏ ମଧ ସହଜରେ ଆଗକୁ ଗଡ଼ି ପାରୁ ନାହାଁ । ଲୋକ ଦେଖାଣିଆ ପଦକ୍ଷେପ ସ୍ୱରୂପ ସଦ୍ୟ ସମାପ୍ତ ଲକ୍ଷ୍ମୀ ପୂଜା ସମୟରେ ଏନ୍ ଏ ସି ପକ୍ଷରୁ ରାସ୍ତା ଉପରୁ ଗୋରୁ ପଲଙ୍କୁ ହଟାଇବା ପାଇଁ କେତେକ ସଫେଇ କର୍ମଚାରିଙ୍କୁ ସାମୟିକ ନିୟୋଜିତ କରାଯାଇ ଥିବା ଦେଖା ଯାଇଥିଲା । ତେବେ ତାପର ଠାରୁ ସେ ସବୁ ବନ୍ଦ ହୋଇ ଯାଇଛି । ଫଳରେ ଗୋରୁ ପଲ ଯଥା ପୂର୍ବମ୍ ତଥା ପରମ୍ ରାସ୍ତା ଉପରେ ଆଡ୍ଡା ଜମାଇ ବସି ରହୁ ଛନ୍ତିଛି ଏଠାରେ ଗୋରୁ ପଲଙ୍କୁ ନିୟନ୍ତ୍ରଣ କରିବା, ନିଜ ଗୁହାଳେ ବାନ୍ଧି ରଖିବା ପାଇଁ ଏନ୍ ଏ ସି ପକ୍ଷରୁ କେବଳ ମଝିରେ ମଝିରେ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଆଯାଏ । ତା ପର ଠାରୁ ସାଉଣ୍ଡ ମାଧ୍ୟମରେ ପ୍ରଚାର ଦିର୍ଘ୍ ଦିନ ଧରି ବନ୍ଦ ରହି ଥାଏ । ସରକାରୀ ସ୍ତରରେ ଏ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଏନ୍ ଏ ସି ବାସି ଦୃଢ ଦାବି କରିଛନ୍ତି ।

# ଅଗ୍ନିସ୍ୱରୂପା ମହିଳା କର୍ମଚାରୀ ସଂଘର କିନ୍ନର ସମାଜ ପ୍ରତି ସଚେତନତା ବୈଠକ



ତାଳଚେର,(ସବ୍ୟୁ):ତାଳଚେର ପଂଚାୟତ ସମିତି ସଭାଘର ଠାରେ ଅଗ୍ନିସ୍ୱରୂପା କୋଲ୍ ମାଇନସ୍ ମହିଳା କର୍ମଚାରୀ ସଂଘ ତରଫରୁ କିନ୍ନର ସମାଜ ପ୍ରତି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଳଚେର ଅଂଚଳରେ ବସବାସ କରୁଥିବା କିନ୍ନର ମାନଙ୍କୁ ଏକଜୁଟ୍ କରି କିଭଳି ସେମାନଙ୍କ ନିମନ୍ତେ ମାନବିକ ଅଧିକାର ସହିତ ବିଭିନ୍ନ ସଂସ୍ଥା ଓ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇ ଜୀବନକୁ ସଠିକ୍ ରାସ୍ତାରେ ନେଇ ପାରିବେ ଏବଂ କିନ୍ନର ମାନଙ୍କ ଯୋଗ୍ୟତା ଭିତିକ ନିଯୁକ୍ତି ପାଇ ପାରିବେ ସେଥିପାଇଁ ମହିଳା କର୍ମଚାରୀ ସଂଘ ସହଯୋଗ କରିବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ମୁଖ୍ୟଅତିଥି ଭାବେ ମା ହିଙ୍ଗୁଳା ଫାଉଣ୍ଡେସନ୍ ଓଡିଶାର ମୁଖ୍ୟ ପରିଚାଳକ ତଥା ନିର୍ଦ୍ଦେଶକ ପୁରୁଷୋତମ ଦାଶ, ମୁଖ୍ୟବକ୍ତା ଭାବେ ତାଳଚେର କଂଗ୍ରେସ୍ ର ବିଧାୟକ ପ୍ରାର୍ଥୀ ପ୍ରଫୁଲ ଦାସ, ଆଇନଜୀବୀ ସୁଶୀଲ କୁମାର ମିଶ୍ର, ପୂର୍ବତନ ନଗରପାଳ କେଶବ ଭୂତିଆ, ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଧୀରମୋହନ ରାୟ ମଂଚାସୀନ ଥିଲେ । ସୌଭାଗ୍ୟ ନାୟକ ମଂଚ ପରିଚାଳନ କରିଥିବା ବେଳେ ନାରୀ ସୁରକ୍ଷା ପରିଷଦର ଅଧ୍ୟକ୍ଷା ସସ୍ମିତା ମହାନ୍ତି, ପୁଷ୍ପଲତା ମହାନ୍ତି, ପୂଜାରିଣୀ ନାୟକ, ବୀଣାପାଣି ମହାନ୍ତି, କୁନ୍ତଳା ମହାପାତ୍ର, ବେଦମତୀ ମହାପାତ୍ର, ଅନିତା ମହାନ୍ତି, ପୁଷ୍ପଲତା ପ୍ରଧାନ, କିନ୍ନର ସଂଘର ସଭାପତି, ବାଦଲ ସାହୁ, ଚଗଲା ନାଏକ, ସଂପାଦକ ଭବାନୀ ଦେବୀ ଏବଂ କିନ୍ନର ସଂଘର ୪୦ ଜଣ ସଦସ୍ୟ ଉପସ୍ଥିତ ଥିଲେ । ସଂଘର ସଭାପତି ପ୍ରମିଳା ସାହୁ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷାବିତ୍ ତଥା ସମାଜସେବୀ ଶୋଭାଗିନୀ ଦେବୀ, ଯୁବନେତା ସତ୍ୟବ୍ରତ ଗଡନାୟକ, ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂପାଦିକା ସବିତା ସିଂ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ଟ୍ରକ ମାଲିକଙ୍କ ଭାଙ୍ଗିଯିବ କି ମେରୁଦଣ୍ଡ !

ତାଳଚେର,(ସବ୍ୟୁ): ଶିଳ୍ପନଗରୀ ତାଳଚେର ଦେଶ ଓ ରାଜ୍ୟକୁ କୋଇଲା ଖଣି ଓ ଅନ୍ୟାନ୍ୟ ରାଷ୍ଟ୍ରଉଦ୍ୟୋଗ କମ୍ପାନୀ ଗୁଡ଼ିକରୁ ରାଜସ୍ୱ ଦେବାରେ ଏନମ୍ବର ସ୍ଥାନ ପାଇଛି। କୋଇଲା ଯୋଗୁଁ ଆଜି ତାଳଚେର ପ୍ରସଦ୍ଧି ଲାଭ କରିପାରିଛି। ଏହି କୋଇଲାକୁ ଭିତିକରି ବିଭିନ୍ନ ଶିଳ୍ପ କଳକାରଖାନା ମାନ ଗଢ଼ି ଉଠିଛି। କଳକାରଖାନା ଗୁଡ଼ିକୁ ଟ୍ରେନ ଓ ଟ୍ରକ ଯୋଗେ କୋଇଲା ପରିବହନ କରାଯାଇଥାଏ। ତାଳଚେର କ୍ଷତିଗ୍ରସ୍ତ ଅଂଚଳବାସୀମାନେ ଟ୍ରକ ଖଣ୍ଡିଏ ଖଣ୍ଡିଏ ଲୋନରେ ଆଣି କୋଇଲା ପରିବହନ କରି ନିଜର ପେଟପାଟଣା ସହ ଅନ୍ୟର ପେଟପାଟଣା ବୁଝିଥାନ୍ତି। ଏଠାରେ ଟ୍ରକ ବ୍ୟବସାୟୀ ମୁଖ୍ୟ ବ୍ୟବସାୟ ହୋଇଥିବା ବେଳେ ସେମାନଙ୍କୁ ପ୍ରଚୁର ପରିମାଣରେ କୋଇଲା ମିଳିପାରୁ ନଥିବାରୁ ଟ୍ରକ ଗୁଡ଼ିକ ଦୀର୍ଘ ଦିନ ହେବ ଠିଆହୋଇ ରହିଥାନ୍ତି। ଯେଉଁମାନେ ଟ୍ରକ ଖଣ୍ଡିଏ ଖଣ୍ଡିଏ କିଣିଛନ୍ତି ସେମାନେ ଏବେ ଟ୍ରକ ଋଣ ପରିଷଧକୁ ନେଇ ଅସମର୍ଥ ବୋଲି କିଛି ଟ୍ରକମାଲିକ ଏହା ପ୍ରକାଶ କରିଛନ୍ତି। ଏପରିକି, ଟ୍ରକ ଗୁଡ଼ିକର ୩–୪ଟି କିସ୍ତି ପରିଶୋଧ କରିପାରୁନଥିବାରୁ ଫାଇନାନ୍ସ କମ୍ପାନୀ ଆସି ଘରେ ଜଗି ରହୁଛି। ଏହି ପରିସ୍ଥିତିରେ କିପରି ଚଳିବ ସେମାନଙ୍କ ଘର ସଂସାର, କ'ଣ କରିବେ ତାକୁ ନେଇ ଟ୍ରକମାଲିକର ଚିନ୍ତା ବଢ଼ି ଯାଇଛି। ଅନେକ ଟ୍ରକମାଲିକ ମାନେ ନିଜର ସୁନାଗହଣାକୁ ବ୍ୟାଙ୍କରେ ବନ୍ଧକ ଦେଇ ଅର୍ଥ ନେଇ ଲୋନ ପରିଷଧ କରୁଛନ୍ତି। ଏପରି ଅଚଳାବସ୍ଥା ଯଦି ଲାଗି ରହେ ତେବେ ଟ୍ରକ ଡ୍ରାଇଭର, ହେଲପର ଇତ୍ୟାଦି ହାତବାନ୍ଧି ଘରେ ବସି ରହିବେ ବୋଲି କୁହାଯାଉଛି। ପୂର୍ବରୁ ଜଣେ ମାଲିକ ମାସକୁ ୧୫ରୁ ୨୦ଟ୍ରିପ କୋଇଲା ଲୋଡ଼ ପାଉଥିଲେ ବେଳେ ବର୍ତମାନ ୭–୮ଟ୍ରିପ୍ ପାଇବା କଷ୍ଟକର ହୋଇପଡ଼ିଛି। କେନ୍ଦ୍ର ସରକାର ଟ୍ରେନ ଯୋଗେ କୋଇଲା ପରିବହନକୁ ଅଧିକ ଗୁରୁତ୍ୱରେ ଦେଉଥିବା ବେଳେ ଏହା ଏବେ ମାଲିକଙ୍କ ପାଇଁ କାଳ ସାଜିଛି ବୋଲି ମାଲିକମାନେ ପ୍ରକାଶ କରିଛନ୍ତି। ତେଣୁ ପ୍ରଶାସନ ଏହାକୁ ବିଚରାକରି ଟ୍ରକ ଯୋଗେ କୋଇଲା ପରିବହନକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଟ୍ରକମାଲିକମାନେ ଦାବି କରିଛନ୍ତି ।

## ବ୍ୟବସାୟୀଙ୍କ ଅପହରଣ ଘଟଣା : ୬ ଅଭିଯୁକ୍ତଙ୍କ ବ୍ୟାଙ୍କଏକାଉଣ୍ଟ ବନ୍ଦ

# ୩ଜଣ ଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଇଲାକାରେ ଅପହରଣ କରିବାପରେ ବ୍ୟବସାୟୀଙ୍କ ମୁଣ୍ଡ ଜାମିନ ରଖି ୮୦ଲକ୍ଷ ଟଙ୍କା ଦାବି ଘଟଣାରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଏକାଉଣ୍ଟ ବନ୍ଦ କରିବା ସହ ଅଧିକ ତଦନ୍ତ ପାଇଁ ୩ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କଲା ବୈଶିଙ୍ଗା ପୁଲିସ ।ପ୍ରାପ୍ତ ସୂଚନା ମୁତାବକ ବାରିପଦା ସହରର ଷ୍ଟେସନ ବଜାର ଅଞ୍ଚଳର ସୁନୀଲ ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ କାମଧେନୁ ରାଇସ ମିଲ ରହିଥିବା ବେଳେ ସେ କିଛି ଜଣକ ସହ ମିଶି ବେତନଟୀ ଥାନା ଅଞ୍ଚଳରେ ଏକ ଜମି କାରବାରରେ ଟଙ୍କା ନେଣ ଦେଣକୁ ନେଇ ବିବାଦ ଉପୁଜିଥିଲା । ଯାହାର ଫଳ ସ୍ୱରୂପ ସେଥିରେ ଜଡିତ କିଛି ଯୁବକ ସୁନୀଲକୁ ଯୋଜନା କରି ଅପହରଣ କରିଥିଲେ। ତେବେ ସୁନୀଲର ମୁଣ୍ଡ ଜାମିନ ରଖି ଛାଡିବା ପାଇଁ ପରିବାର ଲୋକଙ୍କୁ ୮୦ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ । ଅପହରଣକାରୀ ମାନେ ଗୋଟିଏ ବ୍ୟାଗରେ ଥିବା ମୁଣ୍ଡଜାମିନ ଟଙ୍କା ନେଇ ସୁନୀଲକୁ ଛାଡି ଦେଇଥିଲେ। ଏହି ଘଟଣାକୁ ନେଇ ପରିବାରବର୍ଗ ଲୋକେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ସହଯୋଗ ନେଇଥିଲେ । ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଦଳ ବାଲେଶର ଏବଂ ମୟୁରଭଞ୍ଜର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶନିବାର ୪ ଜଣ ଅଭିଯୁକ୍ତ ଓ ରବିବାର କିଙ୍ଗପିନ ଏବଂ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସମେତ ମୋଟ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସମସ୍ତଙ୍କ ଜାମିନ ନାମଞ୍ଜୁର କାରଣରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ୯ ଟଙ୍କା ନେଣଦେଣ ହୋଇଥିବା ନେଇ ସୋମବାର ସମସ୍ତ ୬ ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଏକାଉଣ୍ଟ ବନ୍ଦ କରିଲା ବୈଶିଙ୍ଗା ପୁଲିସ । ଅଧିକ ତଦନ୍ତ ପାଇଁ ୩ଜଣ ଅଭିଯୁକ୍ତ କିଙ୍ଗପିନ ବାରିପଦା ଭଞ୍ଜପୁର ଅଞ୍ଚଳର ସ୍ୱେଚ୍ଛାକୃତ ଅବସର ନେଇଥିବା ପୁଲିସ କର୍ମଚାରୀ ଦାମୋଦର ରାଉତ, ରୁପ୍ସା ଅଞ୍ଚଳର ଅରମାନ ଖାନ ଔରଫ ଜାଫର ଅହମଦ ଖାନ, ରାଜା ଔରଫ ରାଜେଶ ବାରିକଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଛି ବୈଶିଙ୍ଗା ପୁଲିସ ।

## ମନ୍ଦିରରୁ ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା

ନୀଳଗିରି,(ସବ୍ୟୁ): କିଛି ଦିନ ଧରି ନୀଳଗିରି ଅଞ୍ଚଳରେ ବିଭିନ୍ନ ମନ୍ଦିର ଦେବା ଦେବୀ ମନ୍ଦିର ସମେତ ବିଭିନ୍ନ ଘରୁ ଚୋରି ହେଉଥିବା ବେଳେ କିଛି ଦିନ ପୂର୍ବରୁ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ବଙ୍ଗୀୟ ଫେରିବାଲାକୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବଙ୍ଗୀୟ ଫେରିବାଲା ନୀଳଗିରିର ବିଭିନ୍ନ ଅଞ୍ଚଳରେ ପ୍ରାଦୁର୍ଭାବ ବଢ଼ାଇ ଚାଲିଛି। ଗତ ରବିବାର ଦିନ ମିତ୍ରପୁର ଉଦଳା ରାସ୍ତାରେ ସିନ୍ଦୂରଗୈରା ଛକ ନିକଟରେ ଥିବା ମାଆ ସିନ୍ଦୁରଗୌରାଙ୍କ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ପାଖାପାଖି ସାତରୁ ଆଠ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବାର ଜଣା ପଡ଼ିଛି। ଏପରିକି ମାଆଙ୍କ ମୁଖାକୁ ମଧ୍ୟ ତାଡି ନେଇ ଯାଇଥିବାର ଦେଖିବାକୁ ମିଳିଛି। ସକାଳେ ବ୍ରାହ୍ମଣ ଆସି ଦେଖେ ତ ତାଲା ଭଙ୍ଗା ଯାଇଥିବା ବେଳେ ସମସ୍ତ ସୁନା ଅଳଙ୍କାର ଚୋରି ହୋଇଥିବାର ଦେଖି ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଏନେଇ ପୋଲିସ କୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ପାଞ୍ଚ ଜଣ ମୁର୍ଶିଦାବାଦ ଅଞ୍ଚଳର ଫେରିବାଲାଙ୍କୁ ଅଟକ ରଖି ପଚରାଉଚରା କରୁଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି।

## କଳାକାର ପକ୍ଷରୁ ୪୦ତମ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ

# କଳା ଓ କଳାକାର ସବୁବେଳେ କାଳଜୟୀ




ଅନୁଗୁଳ ,(ସବ୍ୟୁ) : ଅନୁଗୁଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ୪୦ ତମ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍ଘାଟନ କରିଥିଲେ । ଶ୍ରୀ ପ୍ରିତୀମୟ ନିଜ ଅଭିଭାଷଣରେ କହିଲେ କଳା ଓ କଳାକାର ସବୁବେଳେ କାଳଜୟୀ । ଏହି କଳାକାର ମାନଙ୍କ ହସ କାନ୍ଦ ଭରା ଅଭିନୟ ଖାଲି ମନୋରଞ୍ଜନ ଯୋଗାଏ ନାହିଁ ସମାଜ ରେ ଏକତାଓ ଭାଇଚାରା ବୁଣିବାରେ ସହାୟତା କରିଥାଏ । ମନୋରଞ୍ଜନ ସହ ପ୍ରତିଭା ଚୟନ କ୍ଷେତ୍ରରେ କଳାକାର ଅନୁଷ୍ଠାନର ଭୂମିକା ପ୍ରଶଂସନୀୟ ସହ ଜିଲ୍ଲାରେ ସର୍ବାଗ୍ରେ ବୋଲି ଶ୍ରୀ ପ୍ରୀତିମୟ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ରୂପେ ଗୁରୁ ଶରତ ପାଣି,ସନାତନ ନାୟକ,ଶାନ୍ତନୁ ନାୟକ ଯୋଗ ଦେଇଥିଲେ । କଳାକାର ସଦସ୍ୟମାନେ ହରି ଗୁରୁଜୀଙ୍କ ଲିଖିତ ଓ ଗୁରୁ ବିପିନ ବିହାରୀ ଦାସଙ୍କ ନିର୍ଦ୍ଦେଶିତ ଆବାହନୀ ସଙ୍ଗୀତ କଳାକାର ଆମେ କଳାକାର.. ଗାନ କରିଥିଲେ । କଳାକାରର ସଭାପତି ବିରେନ୍ଦ୍ର ପ୍ରଧାନ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସଂସ୍ଥାର କାର୍ଯ୍ୟାବଳୀ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଡ଼ା କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର, ଅନିତା ସିଂହ ଦେଓ ଓ ପ୍ରଫୁଲ୍ଲ ସାହୁ ଉପସ୍ଥିତ ରହିଥିଲେ । ସମ୍ପାଦକ ବିଦ୍ୟାଧର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ । ପ୍ରତିଯୋଗିତାର ପ୍ରଥମ ଦୁଇ ଦିନରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସଂଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ବଣିକ ସଂଘର ସଭାପତି ଦୀପକ କୁମାର ବର୍ମା ଓ ଅବସରପ୍ରାପ୍ତ ସୁବେଦାର ମେଜର ତଥା ଜିଲ୍ଲା ଡିଫେନ୍ସ ଭେଟେରାନ ସଭାପତି ଅନିଲ କୁମାର ମହାନ୍ତି ଙ୍କୁ ସମ୍ମାନିତ କରାଯାଇଥିଲା । ବରିଷ୍ଠ ସଦସ୍ୟ ଡ଼ ବୈରାଗୀ ଚରଣ ମଲ୍ଲୀକ ମଞ୍ଚ ପରିଚାଳନା କରିଥିବା ବେଳେ କଳାକାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଶିଶୁ ବାଟିକାରେ ସାଧବପୁଅ ବୋହୁ ବନ୍ଦାଣ



ଢେଙ୍କାନାଳ,(ସବ୍ୟୁ):ଢେଙ୍କାନାଳ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ବଜାୟ ରଖିବାପାଇଁ ଶିଶୁ ବାଟିକାର ଶିଶୁ ଭାଇ ଭଉଣୀମାନଙ୍କୁ ସାଧବ ପୁଅ ବୋହୁ ବେଶ କରାଯାଇ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର କୋଷାଧ୍ୟକ୍ଷ ଉମା ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ତୁଳସୀ ମାତାଙ୍କୁ ପୂଜନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାଟିକା ଶ୍ରେଣୀରେ ଖେଳକୁଦ କରୁଥିବା ୨୨ଜଣ ଶିଶୁ ସାଧବ ପୁଅ ଏବଂ ୨୨ଜଣ ସାଧବ ବୋହୁ ହୋଇ ବନ୍ଦାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୮ଜଣ ଶିଶୁ ଶଙ୍ଖ,ଘଣ୍ଟ,ଗିନି,ଢୋଲ,ତୂରୀ ବଜାଇ ନିକଟସ୍ଥ ଜେଲ ପୋଖରୀରେ ଡଙ୍ଗା ଭସାଇଥିଲେ। ବାଟିକା ପ୍ରମୁଖ ରଶ୍ମିବାଳା ଦାସ,ଶୈଖିକ ପ୍ରମୁଖ ପ୍ରିତୀମୟୀ ଆଚାର୍ଯ୍ୟଙ୍କ ସହିତ ମମତା ନନ୍ଦ,ଅର୍ଚ୍ଚନା କବି ଶତପଥୀ,ସୋନାଲୀ ରଣା,ଚିନ୍ତାମଣି ନାଥ,ଶାନ୍ତିଲତା ରଣା ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବରେ କାରାଗାର ଅଧିକ୍ଷକ ହେମନ୍ତ କୁମାର ସେଠୀ,ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା,ସଭାପତି ବାବୁ ବୃନ୍ଦ ମହାଳିକ,ସମ୍ପାଦକ ଗଗନବିହାରୀ ନାୟକ,ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ,ସହ ପ୍ରଧାନ ଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# 'ବକେୟା ଅର୍ଥ ନମିଳିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ



ଢେଙ୍କାନାଳ,(ସବ୍ୟୁ):ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ୍ ଅଧିନସ୍ଥ କଙ୍କଡାହାଡ ଗ୍ରାମପଂଚାୟତରେ ଦୀର୍ଘ ଦେଢ ବର୍ଷ ପୂର୍ବରୁ 'ଆମ ଓଡିଶା ନବୀନ ଓଡିଶା'ରେ ଆସିଥିବା ଉନ୍ନତିମୂଳକ କାର୍ଯ୍ୟ ପଂଚାୟତର ବିଭିନ୍ନ ସ୍ଥାନରେ କାର୍ଯ୍ୟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାହାର ବକେୟା ଅର୍ଥ ମିଳି ନଥିବାରୁ ୬ଗୋଟି ଗ୍ରାମର ଲୋକମାନେ ତଥା ଉକ୍ତ ପଂଚାୟତର ସମିତିସଭ୍ୟା ରାଧା ବେହେରା ଆଜି ଢେଙ୍କାନାଳସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ପହଁଚି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ସମିତିସଭ୍ୟା ଶ୍ରୀମତୀ ବେହେରାଙ୍କୁ ତତ୍‌କାଳୀନ କନିଷ୍ଠ ଯନ୍ତ୍ରୀ ନିବେଦିତା ପରିଡା ଦୁଇଟି କାର୍ଯ୍ୟର ଦାୟିତ୍ୱ ଦେଇଥିଲେ । ସେଥି ମଧ୍ୟରୁ ଗୋଟିଏ କଙ୍କଡାହାଡ ପ୍ରାଥମିକ ବିଦ୍ୟାଳ୍ୟର ଅତିରିକ୍ତ ଶ୍ରେଣୀଗୃହ ଓ ଅନ୍ୟଟି କଙ୍କଡାହାଡ ପଂଚାୟତରେ ଥିବା ସାରିଅାଁ ଗ୍ରାମର ୮ନମ୍ବର ୱାର୍ଡର ଏକ କୋଠାଘର, ଯାହାର ଅଟକଳ ମୂଲ୍ୟ ୩ଲକ୍ଷ ଟଙ୍କା । ଆଜି ପର୍ଯ୍ୟନ୍ତ ଦୀର୍ଘ ଦେଢ ବର୍ଷ ବିତିଯାଇଥିଲେ ମଧ ତାହାର ଅର୍ଥ ମିଳିପାରି ନାହିଁ । କନିଷ୍ଠ ଯନ୍ତ୍ରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଲେ ମଧ ସେମାନେ କର୍ଣ୍ଣପାତ କରୁନାହାଁନ୍ତି ବୋଲି ଶ୍ରୀମତୀ ବେହେରା କହିଛନ୍ତି । ଯାହାକି ବିଭିନ୍ନ ସମୟରେ ଯେଉଁ ଲୋକ କାମ କରିଥିଲେ ସେମାନେ ଘରକୁ ଆସି ଗାଳି ଗୁଲଜ କରିବା ସହ ଅପ୍ରୀତିକର ପରିବେଶ ସୃଷ୍ଟି କରୁଛନ୍ତି । ଯେଉଁ ଲୋକମାନଙ୍କଠୁଁ ଧାର୍ କରଜ କରି ଟଙ୍କା ଅଣି କାମ କରିଥିଲେ ସେମାନେ ମଧ ଘରକୁ ଆସି ଧମକ ଚମକ ଦେଉଛନ୍ତି । ଯଦି ଏହି ଟଙ୍କା ନ ମିଳେ ତେବେ ଆତ୍ମହୂତି ଦେବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି କାର୍ଯ୍ୟ କରିଥିବା କଙ୍କଡାହାଡ, ନାଗିଆପଶି, ଶୁଆଖାଇକାଟେଣୀ, କାଙ୍କଡପାଳ, ନୂଆଗାଁ ଓ ନରଣପୁର ଇତ୍ୟାଦି ୬ ଗୋଟି ଗ୍ରାମର ବ୍ୟକ୍ତିମାନେ ତଥା ସମିତିସଭ୍ୟା ଶ୍ରୀମତୀ ବେହେରା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ପାଲଲହଡା ,(ସବ୍ୟୁ):ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଗୁଳ ଜିଲ୍ଲାପାଳଙ୍କର ମାସିକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଅନୁଗୁଳ ଜିଲ୍ଲାପାଳ ଅବଦୁଲ ଏମ ଅଖତାର ଅଧ୍ୟକ୍ଷତା କରି ୩୭ଗୋଟି ବ୍ୟକ୍ତିଗତ ଓ ୮ଗୋଟି ସାମୁହିକ ଏଇଭଳି ମୋଟ ୪୫ଟି ଅଭିଯୋଗର ଶୁଣାଣି କରିଥିଲେ । ଉକ୍ତ ୪୫ଟି ମାମଲା ମଧ୍ୟରୁ ୭ଟି ଅଭିଯୋଗର ତତକ୍ଷଣାତ ଶୁଣାଣି କରିଥିବାବେଳେ ଖମାର ଥାନା ଅନ୍ତର୍ଗତ କୁରୁମୂଳା ଗ୍ରାମର ଗଣେଶ୍ୱର ନାଏକଙ୍କୁ ୭୫୦୦ଟଙ୍କା ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଶ୍ରୀ ଅଖତାର ପ୍ରଦାନ କରିଥିଲେ । ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ବ୍ୟତୀତ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ,ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଉପଖଣ୍ଡ ଅରକ୍ଷୀ ଅଧିକାରୀ କୈଳାଶ ଚନ୍ଦ୍ର ସେଠି, ପଂଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଙ୍କ ସମେତ ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ ସମସ୍ତ ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# କୁଳଡିହା ଅଭୟାରଣ୍ୟରୁ ପୁଣି ଧରାହେଲେ ୪ ଶିକାରୀ

ନୀଳଗିର,(ସବ୍ୟୁ): 1ଳଗିରି ଉପଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟରୁ ପୁଣି ଚାରି ଶିକାରୀଙ୍କୁ ଧରାହେଲେ। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଗୋଟିଏ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩.୨୬ରେ ମୟୂରଭଞ୍ଜର ଜିଲା କପ୍ତିପଦା ଥାନା ଅଧିନସ୍ଥ ମାଙ୍କଡପଡା ପଦାଘାଟ ଚେମଟଟା ଲଧାସାହି ର ଅଭିଯୁକ୍ତ ରାବଣ କଟୁଆଳ (୧୯), ମହାଦେବ କଟୁଆଳ (୨୦) ,ଶଙ୍କର ନାୟକ (୧୯) ପକୋ କାଟୁଆଳ ( ୨୦) କୁଳଡିହା ରେଞ୍ଜ ରେ ପଶୁ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। କାଳେ ଟ୍ରାକିଂ କ୍ୟାମେରାରେ ଶିକାରୀଙ୍କ ଫଟୋ ରହିଯିବ, କାଳେ ଧରାପଡିଯିବେ ଭାବି ଚାରୋଟି ଟ୍ରାକିଂ କ୍ୟାମେରାକୁ ଭାଙ୍ଗି ନେଇ ଆସିଥିଲେ। ସେଥିରୁ ଦୁଇଟିକୁ ପୋଖରୀକୁ ଫିଙ୍ଗି ଦେଇଥିବାବେଳେ ଦୁଇଟି ଭଗ୍ନ କ୍ୟାମେରା କୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ ସମୟରେ ଘଟଣା ଜଣାପଡିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ଚାରିଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଗ୍ନ ଏ.ଆଇ କ୍ୟାମେରା ଜବତ କର ବନ୍ୟପ୍ରାଣୀ ରେଞ୍ଜ ଓ.ଆର. ମାମଲା ନଂ. ୧୧କେ ୨୦୨୫–୨୬ ର ଅଧିକ ତଦନ୍ତ କରିବା ସହ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି।)

# ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ

ତାଳଚେର,(ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅନୁଗୋଳ ଜିଲ୍ଲା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ବିଶିଷ୍ଟ ଅତିଥି ଭାବରେ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଓଷ୍ଟାର ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ଉପସଭାପତି ରାଜଲକ୍ଷ୍ମୀ ବେହେରା, ସଂପାଦିକା ଯୁଗପ୍ରଭା ସାବତ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଓଷ୍ଟାର ସଂପାଦକ ପ୍ରଣବ ଜେନା, ମାଣିକେଶ୍ ସ୍ୱାଇଁ, ରମାକାନ୍ତ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଓ ମଧୁସୂଦନ ଦେ ପ୍ରମୁଖ ଯୋଗଦାନ କରି ସଂଗଠନରେ ଶିକ୍ଷୟିତ୍ରୀମାନଙ୍କର ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂପାଦକ ତ୍ରିଲୋଚନ ଦାସ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ ।

# ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଓସେପାର ଯୁଗ୍ମ ନିର୍ଦ୍ଦେଶକ




ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ଖଇରବଣିସ୍ଥିତ ଖଇରିବଣି ଆଶ୍ରମ ବିଦ୍ୟାଳୟକୁ ସୋମବାର ଦିନ ଓସେପା ର ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପରିଦର୍ଶନ କରିଛନ୍ତି । ୧୮ ନଂ ଜାତୀୟ ରାଜପଥ ପାର୍ଶରେ ଅବସ୍ଥିତ ଏହି ଆଶ୍ରମ ବିଦ୍ୟାଳୟ ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ , ରାଜ୍ୟସ୍ତରୀୟ ତଥା ଜାତୀୟ ସ୍ତରରେ ବିଭିନ୍ନ ପୁରସ୍କାର ଜିତି ଅଞ୍ଚଳ ପାଇଁ ଗର୍ବ ସାଉଁଟି ଚାଲିଛି । ପ୍ରଧାନ ଶିକ୍ଷୟତ୍ରୀ ବିନିତା ଦାସ ଅତିଥି ଜିତେନ୍ଦ୍ର ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଆଶ୍ରମ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ । ଶ୍ରୀଯୁକ୍ତ ନାୟକ ଚଳିତ ଶିକ୍ଷା ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସ୍ତରୀୟ ଚୟନ ପାଇଁ ଖଇରିବଣି ଆଶ୍ରମ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିବା ସହ ଯାଞ୍ଚ ମଧ୍ୟ କରିଥିଲେ । ଏହି ଅବସରରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନଡପୁର ସାଧନ କେନ୍ଦ୍ର ସଂଯୋଜକ ଗଙ୍ଗାଧର ମହାନ୍ତି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟ ର ଶୈକ୍ଷିକ ବାତାବରଣ, ଶ୍ରେଣୀଗୃହ ଶିକ୍ଷାଦାନ, ପରିବେଶ , ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳାର ବାତାବରଣ , ଜଳ ପରିଚାଳନା ପ୍ରଣାଳୀ, ସ୍ୱଚ୍ଛତା ଭଳି ବିଭିନ୍ନ ଦିଗକୁ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ ।ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ସୃଜନାତ୍ମକ କାର୍ଯ୍ୟ କରିବା ପାଇଁ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ, ପୁରାତନ ଛାତ୍ର ସଂସଦ ସଭ୍ୟ ସଭ୍ୟା ତଥା ଅଭିଭାବକ ମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରି ବୁଝିଥିଲେ ।

# ଖଣି ପରିବେଶିତ ଯୋଡ଼ା ଅଞ୍ଚଳ ଧୂଳିଧୂଆଁରେ ଜର୍ଜରିତ

କେନ୍ଦୁଝର , (ଜିପ୍ର) : ସଂପ୍ରତି ଯୋଡ଼ା ପୌର ପାଳିକା ପ୍ରତିଟି କ୍ଷେତ୍ରରେ ଅବହେଳା ହେଉଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଯୋଡ଼ାରେ ନୂତନ ବସଷ୍ଟାଣ୍ଡ ଓ ଟ୍ରକ ଟର୍ମିନାଲ ନିର୍ମାଣ ଲାଗି ଜାଗା ଚିହ୍ନଟ ହୋଇ ସାରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । କେନ୍ଦୁଝର ଜିଲ୍ଲାର ସମ୍ପୂର୍ଣ୍ଣ ଖଣି ପ୍ରଭାବିତ । ଯୋଡା ପୌରପାଳି ରପାଳିକାର ଉନ୍ନୟନ ନେ ଯୋଜନା ନା ଅଟକି ରହୁଛି। ଖଣି ପରିବେଷ୍ଟିତ ଯୋଡା ଅଞ୍ଚଳ ଧୂଳି ଧୂଆଁରେ ଜର୍ଜରିତ ହୋଇ ଜିଲ୍ଲା ରାଜକୋଷକୁ ଜିଲ୍ଲା ଖଣିଜ ପାଣ୍ଠି ଆକାରରେ ବାର୍ଷିକ ୧୪ ଶହ କୋଟି.ଟଙ୍କାରୁ ଉର୍ଦ୍ଧ୍ୱ ଜିଲ୍ଲା ଉନ୍ନୟନ କାର୍ଯ୍ୟରେବିନିଯୋଗ ପାଇଁ ଦେଉଛି । ୨୦୧୫ମସିହା ସେପ୍ଟେମ୍ବର ମାସ ଠାରୁଏଯାବତ କେବଳ ଯୋଡା ଖଣି ମଣ୍ଡଳପ୍ରାୟ ୧୬ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱଜିଲ୍ଲା ଖଣିଜ ପାଣ୍ଠିକୁ ଦେଇଛି । ସେହିପରିରାଜ୍ୟ ସରକାରଙ୍କୁ ଖଣି ରାଜସ୍ୱ ବାବଦରେ୨୦୨୪- ୨୫ ଆର୍ଥିକ ବର୍ଷରେ କେବଳଯୋଡା ଖଣି ମଣ୍ଡଳ ୧୯ ହଜାର କୋଟିଟଙ୍କା ଖଣି ରାଜସ୍ୱ ଦେଇ ଥିଲ । ୨୦୨୩- ୨୪ ଆର୍ଥିକ ବର୍ଷରେ ୨୧ହଜାର କୋଟି ଟଙ୍କା ରାଜସ୍ୱ ଦେଇଥିଲା ।ଏତଦବ୍ୟତୀତ ସୁପ୍ରିମ କୋର୍ଟଙ୍କନିର୍ଦ୍ଦେଶକ୍ରମେ ଦୁର୍ନୀତି କରିଥିବା ଖଣିଲି ଲିଜଧାରୀମାନେ ଜରିମାନା ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାୟ ୧୫ ହଜାରକୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୈଠ କରିଛନ୍ତି।ଏହି ସମସ୍ତ ଅର୍ଥ ଯୋଡା ଖଣି ମଣ୍ଡଳରୁଯାଉଥିବା ବେଳେ କେନ୍ଦୁଝର ଜିଲ୍ଲାର ଖଣି ସହର ଯୋଡାର ବିକାଶ ହୋଇ ପାରୁନାହିଁ । ଯୋଡା ସହ ସର୍ବନିମ୍ନଆବଶ୍ୟକ ନୂତନ ବସଷ୍ଟାଣ୍ଡ,ଟ୍ରକ ଟର୍ମିନାଲ, ପରିବା ମାର୍କେଟ, ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଆମିଷ ବଜାର, ସହରର ଗଳିକନ୍ଦିର ରାସ୍ତା ନିର୍ମାଣ ପ୍ରଭୃତି ଯୋଜନା ଅଟକି ରହିଛି । ପୂର୍ବତନ ସାଂସଦ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ର ଯୋଡା ବସଷ୍ଟାଣ୍ଡ ଓ ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜନ କରିଥିଲେ ବୋଲି ତତ୍କାଳୀନ ଯୋଡ଼ା ବିଜେଡି ସଭାପତି ନିରଞ୍ଜନ ବହିଦାର କହିଛନ୍ତି। ମାତ୍ର ତତ୍କାଳୀନ ସରକାରଙ୍କ ଉଦାସୀନତା ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁ.ଯୋଜନା ଗୁଡିକ ଫଳପ୍ରଦ ହୋଇପାରିଲା ନାହିଁ । ବିଶେଷକରି ସ୍ଥାୟୀବସଷ୍ଟାଣ୍ଡ, ମାର୍କେଟ କମ୍ପ୍ଲେକ୍ସ, ପରିବାବଜାର ନ ଥିବାରୁ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଛି ।ବର୍ତ୍ତମାନର ବସଷ୍ଟାଣ୍ଡଟି ଅତ୍ୟନ୍ତ ଛୋଟ ଜାଗାରେ ହୋଇଥିବାରୁଁ ତିନୋଟି ବସ ରହିଲେ ଯାତାୟାତ ବନ୍ଦହୋଇ ଯାଉଛି ।ନୂତନ ବସଷ୍ଟାଣ୍ଡ ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆଗକୁ ଯାଇ ନାହିଁ । ରାଜ୍ୟ ସରକାର ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ ହେଁ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଭୂତତ୍ତ୍ୱ ବିଭାଗପକ୍ଷରୁ ପରିବହନ ବିଭାଗକୁ ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର କରାଯାଇ ନାହିଁ । ପ୍ରାୟ ୨.୫ ଏକର ଜମିରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ବସଷ୍ଟାଣ୍ଡ ନିର୍ମାଣର ଯୋଜନା ଶୀତଳ ଭଣ୍ଡାରରେ ରହିଯାଇଛି । କମାରଯୋଡା ଠାରେ ଜିଲ୍ଲା ଖଣିଜ ପାଣ୍ଠିର ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟ୍ରକ ଟର୍ମିନାଲ ଯୋଜନା ମଧ୍ୟ ଅଟକି ରହିଛି । ପରିବା ବଜାର ଓ ମାର୍କେଟ କମ୍ପ୍ଲେକ୍ସ ଯୋଜନାର କୌଣସି ରୂପ ରେଖ ବର୍ତ୍ତମାନ ସୁଦ୍ଧା ପୌରପାଳିକା ପକ୍ଷରୁ ନିଆ ଯାଇ ନାହିଁ । ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡା ବିଡ଼ିଓ ଡେନିସ ବେହେରା ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାରୀ ସ୍ତରରେ ଓ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ଆଲୋଚନା ଜାରି ରହିଛ ବୋଲି ଟାଇଡ଼ିଙ୍ଗସକୁ କହିଛନ୍ତି।

# ପ୍ରତିଶ୍ରୁତି ପରେ ବିଜେଡ଼ିର ଧାରଣା ପ୍ରତ୍ୟାହୃତ

ସିମୁଳିଆ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଧୀନସ୍ଥ ଛଚିନ୍ଦାରୁ ତୁଡୁଗାଁ ପର୍ଯ୍ୟନ୍ତ ଥିବା ଗ୍ରାମୀଣ ଉନ୍ନୟନ ବିଭାଗର ଅଧୀନରେ ଥିବା ମୁଖ୍ୟ ରାସ୍ତା ସମେତ ସିମୁଳିଆରେ ବିଭିନ୍ନ ରାସ୍ତା ଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି । ଯାହା ଫଳରେ ସାଧାରଣ ଲୋକେ ଯିବାଆସିବା କରିବାରେ ଅସୁବିଧା ସମ୍ମୁଖୀନ ହେବା ସହ ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଥିବା ଦେଖିବାକୁ ମିଳିଛି । ଅଧିକାରୀଙ୍କୁ ଅବଗତ କରିବା ପରେ ମଧ୍ୟ ଠିକାଦାରଙ୍କ କାର୍ଯ୍ୟ ମନ୍ଥର ଯୋଗୁଁ ତାର ପ୍ରତିବାଦରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ପ୍ରତିନିଧିଙ୍କ ସହ ଗ୍ରାମୀଣ ଉନ୍ନୟନ କାର୍ଯ୍ୟାଳୟ ସାମ୍ମୁଖରେ ଗଣ ଧାରଣାରେ ବସିଥିଲେ। ଏହି ଗଣଧାରାଣାରେ ଜିଲ୍ଲା ପରିଷଦ ପ୍ରତିନିଧି ଅନନ୍ତ ପ୍ରସାଦ ପାଢ଼ୀ,ସବଙ୍ଗ ପଞ୍ଚାୟତ ସରପଞ୍ଚ ଅମ୍ବିକା ଓଝା,ପୁରୁଷୋତ୍ତମପୁର ପଞ୍ଚାୟତ ସରପଞ୍ଚ କାମିନୀ ଲତା ସେଠି, ବରି ପଞ୍ଚାୟତ ସରପଞ୍ଚ ବିମଳ ବରଣ ଲେଙ୍କା,ପୂର୍ବତନ ସରପଞ୍ଚ ଉମାକାନ୍ତ ନାୟକ, ବାଟି ପଞ୍ଚାୟତ ସମିତି ସଭ୍ୟ କାଳନ୍ଦୀ ନାୟକ, ଜୟନ୍ତ କୁମାର ନାୟକଙ୍କ ସମେତ ବହୁ ଜନ ସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ। ଦୀର୍ଘ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ଧାରଣା ଦେବା ପରେ ଧାରଣା ସ୍ଥଳକୁ ଅଧିକ୍ଷଣ ଯନ୍ତ୍ରି ଅମୀୟ କୁମାର ସେଠି ଘଟଣା ସ୍ଥଳରେ ପହଁଞ୍ଚି ଅଭିଯୋଗ ପତ୍ର ଗ୍ରହଣ କରିବା ସହ ୧୫ ଦିନ ଭିତରେ ଉକ୍ତ ସମସ୍ତ ରାସ୍ତାକୁ ଯାତାୟାତ ଯୋଗ୍ୟ କରିବା ଓ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୂର୍ଣ୍ଣ କାମ ଶେଷ କରିବା ସହିତ ଅନ୍ୟ ସମସ୍ୟାର ଯଥାଶୀଘ୍ର ସମାଧାନ ଦେବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୧୯ଟିକିଆ ଝାଡଖଣ୍ଡୀ ହାତୀପଲ ସାଜିଛି ରକ୍ତମୁଖା

# ପୃଥକ୍ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର

ବେତନଟୀ/ବାରିପଦା/ମୋରଡ଼ା, (ସବ୍ୟୁ): (ସବ୍ୟୁ)--ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ଫୁଲବାଡିଆ ଇଲାକାରେ ୧୯ଟିକିଆ ଝାଡଖଣ୍ଡୀ ହାତୀପଲ ଏବଂ ବଡାମପୁର ଇଲାକାରେ ୧୧ଟିକିଆ ଶିମିଳିପାଳ ହାତୀପଲ ବିଚରଣ କରୁଥିବା ବେଳେ ଉଭୟ ହାତୀପଲଙ୍କ ଆକ୍ରମଣରେ ଜଣକର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି ।ମୃତକ ଜଣକ ହେଉଛନ୍ତି ମୋରଡା ଥାନା ଅଧୀନ ମୁଣ୍ଡାବଣି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କ ପୁଅ ଅଶୋକ ଟୁଡୁ (୫୪) । ସୂଚନା ଅନୁଯାୟୀ ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ଗଡିଗାଁ ପଞ୍ଚାୟତ ମୁଣ୍ଡାବଣି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କ ପୁଅ ଅଶୋକ ଟୁଡୁ(୫୪) ରବିବାର ଅପରାହ୍ନରେ ଫୁଲବାଡିଆ ଗ୍ରାମ ନିକଟସ୍ଥ ଏକ ଡାହିକୁ ଯାଇଥିବା ବେଳେ ଝାଡ଼ଖଣ୍ଡି ହାତୀ ହାବୁଡରେ ପଡିଯାଇଥିଲେ।ହାତୀ ଅଶୋକଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ସ୍ଥାନୀୟ ଲୋକେ ଏବଂ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀ କବଳରୁ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କିଶାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବା ଜାଣି କାର୍ଯ୍ୟରତ ଡାକ୍ତର ତାଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ଅଶୋକଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା ପକ୍ଷରୁ ଖବରପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପହଞ୍ଚି ମୃତ ଦେହ ଜବତ କରିବାସହ ମୋରଡା ଥାନାରେ ୪୩ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟଏକ ଘଟଣା କ୍ରମରେ ସେହି ରବିବାର ରାତିରେ ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ ଫାଳଝରି ଗ୍ରାମର ବ୍ରହ୍ମାନନ୍ଦ ମହାନ୍ତଙ୍କ ପୁଅ ଭଞ୍ଜ କିଶୋର ମହାନ୍ତ ହାତୀ ଦେଖିବାକୁ ଯାଇ ଶିମିଳିପାଳ ହାତୀ ଆକ୍ରମଣର ଶିକାର ହୋଇ ଖଣ୍ଡିଆ ଖାବରା ହୋଇଥିବା ବେଳେ ତାଙ୍କୁ ମଧ୍ୟ ଗୁରୁତର ଅବସ୍ଥାରେ ଉଦ୍ଧାରକରି କିଶାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଦେଖି ସୋମବାର ଡାକ୍ତର ତାଙ୍କୁ ଘରକୁ ପଠାଇଦେଇଥିବା ଜଣାପଡିଛି। ଦୁଇଟି ଯାକ ଘଟଣାକୁ ନେଇ ସମଗ୍ର ଅଞ୍ଚଳ ଏବେ ହାତୀଆତଙ୍କରେ ଆତଙ୍କିତ ହେବା ସହ ଲୋକଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି।ଏପଟେ ବନବିଭାଗ ପକ୍ଷରୁ ଲୋକମାନଙ୍କୁ ସତର୍କ କରାଯାଇଥିବା ଏବଂ ବଣୁଆ ହାତୀପଲଙ୍କ ଗତିବିଧି ଅନୁଧ୍ୟାନ ପାଇଁ ଗଜସାଥୀ ସମେତ ବନପାଳ ଓ ବନରକ୍ଷୀ ପ୍ରମୁଖଙ୍କୁ ମୁତୟନ କରାଯାଇଥିବା ନେଇ ବେତନଟୀ ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି ।

# ଯୁଗ୍ମ ଅଭିଯୋଗ ଶୁଣାଣି



କେନ୍ଦୁଝର ,(ଜିପ୍ର / ସବ୍ୟୁ):କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ ସୋମବାର ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ଲାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୨୦୭ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୮୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା ।ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୦ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।

# ଡ଼ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କେନ୍ଦୁଝର, (ସବ୍ୟୁ): ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ଼ ଜନାର୍ଦ୍ଦନ ଦାଶଙ୍କ ପରଲୋକ ହୋଇଯାଇଛି। ଗତ ଦୁଇ ତିନି ଦିନ ଧରି ଗ୍ୟାସ ଜନିତ ରୋଗରେ ପୀଡିତ ଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଭାବେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଜିଲ୍ଲାରେ କ୍ରୀଡାର ବିକାଶରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିଲେ। ଜଣେ ଅବସର ପ୍ରାପ୍ତ ଭୁତତ୍ତ୍ୱ ବିତ ହେବା ସହିତ ରାଜ୍ୟ ଅଲମ୍ପିକ ଆସୋସିଏସନ, ତୀରନ୍ଦାଜ ସଙ୍ଘ, ଫୁଟବଲ ସଙ୍ଘ, ଖୋଖୋ ସଙ୍ଘ, କବାଡି ସଙ୍ଘ, ଥ୍ରୋ ବଲ ସଙ୍ଘ, ଅଥଲେଟିକ ସଙ୍ଘ ର ରାଜ୍ୟ ଉପସଭାପତି ଭାବେ ଦୀର୍ଘ ଦିନ ବ୍ୟାପୀ କାର୍ଯ୍ୟରତ ଥାଇ ବହୁ ପ୍ରତିଭା ସୃଷ୍ଟିର ମାର୍ଗ ପାଲଟି ଯାଇଥିଲେ । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ମରଶରୀର କେନ୍ଦୁଝର ଷ୍ଟାଡିଅମରେ ପହଞ୍ଚିବା ପରେ ରାଜ୍ୟ ଓଏଏ ଓସିଏ ଏବଂ ଫାଓର କର୍ମକର୍ତ୍ତା ଅଭିଜିତ ପାଲ, ଧୀରେନ ପଲେଇ , ରାଜ୍ୟ ଆସୋସିଏସନ ପକ୍ଷରୁ ସଂଘ ପତାକା ଘୋଡାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଏକ କ୍ରୀଡା ଯୁଗର ଅବସାନ ଘଟିଲା ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ରୀଡା କୋଚ ଜିତେନ୍ଦ୍ର ମହାକୁଡ , ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ , କ୍ରୀଡା ସଂସ୍ଥା କର୍ମକର୍ତ୍ତା ସୁରେଶ ପଟନାୟକ ,ସରୋଜ ରଣା ,ସଂଗ୍ରାମ ପଟ୍ଟନାୟକ ,ରବିନ୍ଦ୍ର କୁମାର ପାଢୀ, ଗିରିଶ ହୋତା , ସନାତନ ବେହେରା,ପ୍ରଶାନ୍ତ ସାହୁ , ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର , ଉପନଗରପାଳ ବରଦା ଦାସ , ଜିଲ୍ଲା ରେଡକ୍ରସ ଯୁଗ୍ମସମ୍ପାଦକ ଏ ଆର ଖାନ ,ଭାଜପା ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ,ଦିଲୀପ ପଣ୍ଡା , ଓକିଲ ସଂଘ ସଭାପତି ଆଲୋକ ମହାନ୍ତ , ବରିଷ୍ଠ ନାଗରିକ ରମାନରାୟଣ ଦିବେଦୀ ଗଣମାଧ୍ୟମ ପ୍ରତିନିଧି ,ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସ୍ଥାନୀୟ ଆଦର୍ଶ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# କୁଳିଅଣା ଥାନାର ଏକତା ଦୌଡ

କୁଳିଅଣା ,(ସବ୍ୟୁ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ କୁଳିଅଣା ଥାନା ଆଇ ଆଇ ସି ପ୍ରଦୀପ କୁମାର. ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେକେଣ୍ଡ ଅଫିସର ପ୍ରକାଶ କୁମାର ଗୋସ୍ୱାମୀ, ଏ ଏସ ଆଇ ଗଙ୍ଗା ଧର ସିଂ କନେଷ୍ଟବଳ ଗୁରୁଚରଣ ମୁଖି ,ସାଗର ହାଁସଦା, ମହିଳା କନେଷ୍ଟବଳ ନିରୁପମା ବେହେରା , ସତ୍ୟ ଭାମା ପତ୍ର ହୋମଗାର୍ଡ ବାସୁଦେବ ସେଠି ତଥା ସମସ୍ତ ଥାନା କର୍ମଚାରୀ ହୋମଗାର୍ଡ ସାମିଲ ହେବା ସହିତ ବାବା ବଳିଆ ମହାବିଦ୍ୟାଳୟ ଅଧ୍ୟକ୍ଷ - ସଂଯୁକ୍ତା ମହାନ୍ତି ଙ୍କ ନିର୍ଦ୍ଦେଶ ରେ ଏନ ଏସ ଏସ ସି ଓ ଶୁଭ୍ରଂଶୁ ଗିରି , ଜଗଦୀଶ ପାଲବାବୁ, ରାଜାରାମ ମହାନ୍ତ , ଅରୁଣ କୁମାର ବେହେରା, ଶୁକଦେବ ଘୋଷ ସହିତ ଅନେକ ଛାତ୍ର ଛାତ୍ରୀ ଏକତା ଦୌଡ ରେ ଅଙ୍ଗସଗ୍ରହଣ କରିଥିଲେ ।

# ସ୍ମୃତିଚାରଣ ସଭା

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଢେଙ୍କିକୋଟ ର ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ବିଦ୍ୟାଧର ସାହୁ ( ଶୁକ ନନା)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଢେଙ୍କିକୋଟ ବାସଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ଏହି ଅବସରରେ ସେହି ଦିବଗଂତଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଓ ପୁସ୍ତକ ପିତୃସ୍ମୃତି ଉନ୍ମୋଚନ ହୋଇଥିଲା।ଝ ଏହି କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ହୋଇ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରାଣବଲ୍ଲବ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କରଞ୍ଜିଆ ଅଟୋନୋମସ କଲେଜ ଅଧକ୍ଷ ଭାଗୀରଥୀ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଢେଙ୍କିକୋଟ ର ବରିଷ୍ଠ ଡାକ୍ତର ପୂର୍ଣ୍ଣଚନ୍ଦ୍ର ବଳ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ମହାନ୍ତ,ନାରାୟଣଚନ୍ଦ୍ର ଲେଙ୍କା, ନାରାୟଣଚନ୍ଦ୍ର ସାମଲ, ଅଲେଖ ସିଂହ, ବରିଷ୍ଠ ବ୍ୟକ୍ତି ସମାଜସେବୀ ବୈଲୋଚନ ବେହେରା ମଞ୍ଚାସୀନଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶିକ୍ଷାବିତ ତଥା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର କୁଳମଣି ମଣ୍ଡଳ । କାର୍ଯ୍ୟକ୍ରମ୍ମୁ ପରିଚାଳନା କରିଥିଲେ ସାମ୍ବାଦିକ ସଞ୍ଜୟ କୁମାର ସାହୁ ।

# ଧୂପକାଠିରେ ଜଳିଗଲା ମହିଳାଙ୍କ ଶବ

ବାସୁଦେବପୁର,(ସବ୍ୟୁ): ଦଶ ଟଙ୍କିଆ ଧୂପକାଠିରେ ସରକାରୀ ମେଡିକାଲରେ ଜଳିଗଲା ମହିଳାଙ୍କ ମୃତ ଦେହ । ହଠାତ୍ ଶବଗୃହରେ ହୁ ହୁ ହୋଇ ଜଳିଲା। ଧୂଆଁର ଆଚ୍ଛାଦିତ ହୋଇ ପଡିଲା ଶବ ଗୃହ । ଉପସ୍ଥିତ ସୁରକ୍ଷା କର୍ମୀମାନେ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ଏମିତି ଅଭାବନୀୟ ଘଟଣା ଘଟିଛି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ବାସୁଦେବପୁର ବ୍ଲକର ଗୋପବନ୍ଧୁନଗର ପଞ୍ଚାୟତର ବୁଢିଛକର କମଳାକାନ୍ତ ଡଗରାଙ୍କ ପତ୍ନୀ ଯଶୋଦା ଡଗରା। ଗୋରୁ ଗୋଡେଇବାକୁ ଯାଇ ପାଣିରେ ପଡି ଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକ ପାଣିରୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ପାଇଁ ଶବ ଗୃହ ମଧ୍ୟରେ ରଖି ଏକ ଧଳା କପଡା ପକାଇଥିଲେ। ଶବ ପାଖରେ ଦଶ ଟଙ୍କିଆ ଧୂପ କାଠି ଲଗାଇ ଥିଲେ। ଧୂପ କାଠିରୁ ନିଆଁ ଗଦି ଉପରେ ପଡି ନିଆଁ ଲାଗି ଗଦି ହୁ ହୁ ହୋଇ ଜଳି ଯିବାରୁ ଶବଟି ପୋଡିଯାଇଛି। ଏହା ସହିତ ଏହି ଘରରେ ଥିବା ଏସସି ଓ ଇଲେଟ୍ରି ସାମଗ୍ରୀ ଜଳି ଯାଇଛି। ମେଡିକାଲରେ ଥିବା ସୁରକ୍ଷା କର୍ମୀ ନିଆଁରେ ପାଣି ଢାଳି ଆୟତ୍ତ କରିଥିଲେ।

# ନାବାଳିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ



ଆଗରପଡ଼ା,(ସବ୍ୟୁ):ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବା ପରେ ଧାରୁଆ ଅସ୍ତ୍ରରେ ଯୁବକ ଆକ୍ରମଣ କରିଥିଲେ ବୋଲି ଆଗରପଡ଼ା ଥାନାରେ ଅଭିଯୋଗ ହୋଇଛି। କୌଣସି ସୂତ୍ରରୁ ଖବରପାଇ ଥାନାଧିକାରୀ ଦେବରାଜ ଜେନା ତତକ୍ଷଣାତ ଘଟଣା ସ୍ଥଳରେ ପହଁଚିଥିଲେ ଓ ଅଭିଯୁକ୍ତଙ୍କୁ ଧାନକ୍ଷେତ ମଧ୍ୟରେ ପ୍ରାୟ ୨କିମି ଦୌଡ଼ି ଧରିବାକୁ ସଫଳ ହୋଇଛନ୍ତି । ଘଟଣାରୁ ପ୍ରକାଶ,ଆଗରପଡ଼ା ଥାନା ଅନ୍ତର୍ଗତ ଘଣ୍ଟଗଡ଼ିଆ ସ୍ଥିତ ସାହାଡ଼ଗଡ଼ିଆ ଠାରେ ୧୫ବର୍ଷ ହେବ ନାବାଳିକା(୧୨) ତାଙ୍କ ପରିବାର ସହ ରହୁଥିଲେ। ତାଙ୍କ ମୂଳ ଘର ମହୁଲଡିହା ଥାନା ଅନ୍ତର୍ଗତ ବାଲିଡିହା ଗ୍ରାମରେ। ସୋମବାର ସକାଳ ସମୟରେ ନାବାଳିକା ଘର ନିକଟସ୍ଥ କେନାଲକୁ ଶୌଚ ହେବାକୁ ଯାଇଥିଲେ। ସୋସୋ ଥାନା ଅଂଚଳର ଦୁଇ ଭାଇ କେନାଲରେ ମାଛ ଧରୁଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ସାନଭାଇ ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏଥିରେ ନାବାଳିକା ଅରାଜି ହୋଇ ଜୋରରେ ଚିତ୍କାର କରିଥିଲେ। ଯୁବକ ଧରାପଡ଼ି ଯିବା ଭୟରେ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଆଘାତ କରି ଧାନକ୍ଷେତ ମଧ୍ୟରେ ପକାଇ ଦେଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ତତକ୍ଷଣାତ ଥାନାଧିକାରୀ ଶ୍ରୀଜେନା ଘଟଣାସ୍ଥଳରେ ପହଁଚି ପ୍ରାୟ ୨କିମି ପର୍ଯ୍ୟନ୍ତ ଗୋଡ଼ାଇ ଗୋଡ଼ାଇ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏହି ସଂପର୍କରେ ଥାନା କେସ-୨୦୫/୨୫,ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ଶ୍ରୀଜେନା ଅଧିକ ତଦନ୍ତ ଜାରୀ ରଖିବା ସହ ପୀଡିତାଙ୍କୁ ଡାକ୍ତର ମାଇନା ପାଇଁ ପଠାଇଛନ୍ତି । ପୀଡିତାଙ୍କ ମୁହଁ,ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାରୁ ସେ ବର୍ତ୍ତମାନ ଭଦ୍ରକ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

# ଖୁମୁଡିହା ଗାଁ ଜଙ୍ଗଲରେ ୨ ଦନ୍ତା

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବଜାର ଠାରୁ ୩ କିମି ଦୂର ଖୁମୁଡିହା ଗାଁ ପାଖ ଜଙ୍ଗଲ ରେ ୨ ଦନ୍ତା।ବହୁ ଦିନ ଆଗରୁ ଗୋଟିଏ ଦନ୍ତା ହାତୀ ଠାକୁରମୁଣ୍ଡା ଅଞ୍ଚଳରେ ରହି ଆସୁଛି। ସେ କୌଣସିପ୍ରକାର ଧନ ଜୀବନ ନଷ୍ଟ କରେ ନାହିଁ ସେ ଭଦ୍ର ହାତୀ ଭାବରେ ପରିଚିତ । ଗତ ଦୁଇ ଦିନ ଆଗରୁ ଆଉ ଗୋଟିଏ ଦନ୍ତା କେନ୍ଦୁଝର ଜିଲ୍ଲାରୁ ବୈତରଣୀ ନଦୀ ପାର ହୋଇ ଏହି ଦନ୍ତା ସହିତ ମିଶି ରହୁଛି। ଆଜି ଅପରାହ୍ନ ୪ ଟା ସମୟରେ ହଠାତ ୨ ଟି ଦନ୍ତ ଖୁମୁଡିହା ଗାଁ ଜଙ୍ଗଲ ରୁ ବାହାରି ପିଚୁ ରାସ୍ତାରା ଯାଉଥିବାର ଲୋକେ ଦେଖି ଛାନିଆ ହୋଇ ଯାଇଥିଲେ।

# ଖୋଲିଲା ଉପନିବନ୍ଧକ କାର୍ଯ୍ୟାଳୟ

ଠାକୁରମୁଣ୍ଡା ,(ସବ୍ୟୁ): ସରକାରଙ୍କ ଘୋଷଣା ପରେ ଶନିବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ତହସିଲରେ ଉପ ନିବନ୍ଧକ କାର୍ଯ୍ୟାଳୟ ଉଦଘାଟନ ହୋଇଯାଇଛି । ଏହି କ୍ରମରେ ଠାକୁରମୁଣ୍ଡା ତହସିଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଠାକୁରମୁଣ୍ଡା ତହସିଲରେ ଉପ - ନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି । ତହସିଲଦାର ସମ୍ମିତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜମି ପଞ୍ଜିକରଣ ପାଇଁ ଦୂର ଦୁରାନ୍ତକୁ ଯାଇ କିପରି ଖର୍ଚ୍ଚାନ୍ତ ହେଉଥିଲେ ତାର ଉଦାହରଣ ଦେଇଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସରୋଜିନୀ ହେମ୍ବ୍ରମ ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଥିଲେ ।

# ଦୁର୍ନୀତି ଅଭିଯୋଗରେ ପଞ୍ଚାୟତରେ ତଦନ୍ତ ଆରମ୍ଭ

ସୋର,(ସବ୍ୟୁ): ସୋର ବ୍ଲକ କେଦାରପୁର ପଞ୍ଚାୟତରେ ଦୁର୍ନିତି ହୋଇଥିବା ନେଇ ଗତ ଜୁନ ମାସ ୨୫ ତାରିଖରେ ଗ୍ରାମର ମିହିର ପାଣି ଓ ଅନ୍ୟ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।ଫଳରେ ସୋର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ ରଞ୍ଜନ ନାଥ,ଏଇଇ ତରୁଣକାନ୍ତ ନନ୍ଦୀ, ଜେଇ ମୋନାଲିସା ପତି, ପିଇଓ ସୁଧାକର ବେହେରା ପ୍ରମୁଖ ଉପସ୍ଥିତ ରହି କାଗଜପତ୍ର ଯାଞ୍ଚ କରିବା ସହିତ କ୍ଷେତ୍ର ପରିଦର୍ଶନ କରି ଫେରିଥିଲେ। ଏହି ସମୟରେ ସରପଞ୍ଚ ସୁପ୍ରିୟା ଜେନା ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।ତେବେ ଦୁର୍ନୀତି ଅଭିଯୋଗକୁ ସରପଞ୍ଚ ସୁପ୍ରିୟା ଜେନା ଖଣ୍ଡନ କରିଛନ୍ତି।

# କାଠ ଭର୍ତ୍ତି ଟାଟାଏସି ଗାଡ଼ି ଜବତ

ନୀଳଗିରି ,(ସବ୍ୟୁ): ନୀଳଗିରି ବନ ବିଭାଗ ପକ୍ଷରୁ ରବିବାର ଦିନ ଏକ ଚୋରା କାଠ ଭର୍ତ୍ତି ଟାଟା ଏ ସି ଗାଡ଼ିକୁ ଜବତ କରାଯାଇଛି। ସୂଚନା ଅନୁସାରେ ନିଳଗିରି ମିତ୍ରପୁର ରାସ୍ତାର ଗୋପିନାଥପୁର ଲେବୁଲ କ୍ରସିଂ ନିକଟରେ ଏକ ଧଳା ରଙ୍ଗର ଟାଟା ୨୦୭ଗାଡ଼ି (ଓ ଆର୍୦୫ଏପି୮୨୮୯) ଗାଡ଼ିରେ ତୁଡ୍ରା ଲଗ୍ ୧୧ପିସ୍ ଯାହା ୩୦ସିଫ୍ଟକୁ ବନ ବିଭାଗ ଜବତ କରିଛି। ନିଳଗିରି ଫରେଷ୍ଟର ରାମଚନ୍ଦ୍ର ବେହେରାଙ୍କ ସମେତ ବବିଶ୍ମିତା ସାହୁ, ଗାର୍ଡ, ସମେତ ସବୁଜବାହିନି ସାମିଲ ଥିଲେ। ଏନେଇ ନିଳଗିରି ବନବିଭାଗ ପକ୍ଷରୁ ଏକ ମାମଲା (୧୨ଏନ୍/୨୦୨୫-୨୬) ରୁଜୁ ହୋଇଥିବାର ନିଳଗିରି ରେଞ୍ଜର ମନୱାର୍ ଖାଁ ସୂଚନା ଦେଇଛନ୍ତି।

# ପରିବହନ ବିଭାଗର ଯାଞ୍ଚ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ


ସୋର,(ସବ୍ୟୁ): ବାଲେଶ୍ୱର ପରିବହନ ବିଭାଗ ତରଫରୁ କଲେଜ ଛକରେ ଚଢ଼ାଉ କରି ଫାଇନ ଆଦାୟ କରାଯାଇଥିବା ଜଣାପଡିଛି।ବାଲେଶ୍ୱର ପରିବହନ ବିଭାଗର କନିଷ୍ଠ ଏମଭିଆଇ ଦୀନେଶ ରଞ୍ଜନ ବେହେରା,ଦେବସ୍ମିତା ନାୟକ, ସୋର ଥାନା ଏସଆଇ ସୌମ୍ୟ ରଞ୍ଜନ ଜେନା, କନେଷ୍ଟବଳ ମମତା ସେଠୀଙ୍କୁ ନେଇ ଏକ ଟିମ କଲେଜଛକ ନିକଟରେ ହେଲମେଟ, ଲାଇସେନ୍ସ, ଫିଟନେସ, ଇନ୍ସୁରାନ୍ସ, ଡ୍ରଙ୍କ ଆଣ୍ଡ ଡ୍ରାଇଭ ଚିକିଙ୍ଗ କରିଥିଲେ। ଏହି ସମୟରେ ମୋଟ ଦୁଇ ଲକ୍ଷ ଅଠର ହଜାର ଟଙ୍କାର ଫାଇନ ଆଦାୟ କରାଯାଇଥିଲା। ଏହି ଚେକିଂ ସମୟରେ ସୋର ଥାନାରେ କାର୍ଯ୍ୟରତ ଏପିଆର କନେଷ୍ଟବଳ ସାମିଲ ହୋଇଥିଲେ।

# ସୁରଭି ମହୋତ୍ସବରେ ବାଲିକା କଳା ପ୍ରଦର୍ଶିତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ମଣ୍ଡଳସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା, ପାଣ୍ଡବ ଚରଣ ମହାଳିକ, ଭାଗୀରଥି ମହାଳିକ ପ୍ରମୁଖଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାକୃତୀ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବାଲୁକା ନିର୍ମିତ ସ୍ତୁପର ଶିର୍ଷରେ ଜଗନ୍ନାଥଙ୍କ ପ୍ରତିକୃତି ସହ ସୁରଭି ସ୍ୱାଗତ ଛବି ଉଚ୍ଚକୋଟୀର ହୋଇଥିଲା। ଜଗନ୍ନାଥ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ପ୍ରତିଯୋଗୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅତିଥି ଓ ଅଭିଭାବକମାନେ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ।

## ଆସନ୍ତା୨୩ ରେ ଟାଟା ଷ୍ଟିଲ ଯୋ ରନ-ଏ-ଥନର ଦ୍ୱିତୀୟ ସଂସ୍କରଣ

# ମୋଟ ପୁରସ୍କାର ରାଶି ୫.୬୭ ଲକ୍ଷ ଟଙ୍କା




କେନ୍ଦୁଝର/ଯୋଡ଼ା, (ଜିପ୍ର/ ସବ୍ୟୁ): : ଟାଟା ଷ୍ଟିଲ ପକ୍ଷରୁ ଟାଟା ଷ୍ଟିଲ ଯୋ ରନ-ଏ-ଥନର ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି । ଚଳିତ ବର୍ଷର ବିଷୟବସ୍ତୁ ହେଉଛି ପ୍ରତି ପାଦ ଏକ ସବୁଜ ଭବିଷ୍ୟତ ଆ । ରନ-ଏ-ଥନ ର ଦ୍ୱିତୀୟ ସଂସ୍କରଣ ଓ କେନ୍ଦୁଝର ଜିଲ୍ଲାର ଯୋଡ଼ା ଠାରେ ଆୟୋଜିତ ହେବ।

ଟାଟା ଷ୍ଟିଲ ଓର୍ ମାଇନ୍ସ ଆଣ୍ଡ କ୍ୱାରିଜ (ଓଏମ୍କ୍ୟୁ) ଡିଭିଜନର ଏହି ସିଗ୍ନେଚର କାର୍ଯ୍ୟକ୍ରମ ନଭେମ୍ବର ୨୩ ସକାଳ ୬ଟାରୁ କେନ୍ଦ୍ରୀୟ ଖେଳ ପ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ୧୦ କିମି ଓ ୭ କିମି (ପୁରୁଷ ଓ ମହିଳା), ୫ କିମି (ବାଳକ ଓ ବାଳିକା) ଏବଂ ଏକ ଅଣପ୍ରତିଯୋଗିତାମୂଳକ ୨ କି.ମି. (ଦିବ୍ୟାଙ୍ଗ) ଭଳି ୩ଟି ପ୍ରତିଯୋଗିତାମୂଳକ ଦୌଡ଼ ରହିଛି।ଏହି ଦୌଡରେ ମୋଟ ପୁରସ୍କାର ରାଶି ୫.୬୭ ଲକ୍ଷ ଟଙ୍କା ରଖାଯାଇଛି ।ଓଏମ୍କ୍ୟୁର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର କହିଛନ୍ତି ଯେ, ଯୋ ରନ-ଏ-ଥନ ୨୦୨୫ରେ ସାଧାରଣଲୋକଙ୍କୁ ଏକତ୍ରିତ କରିବା ସହ ଫିଟ୍ନେସ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଏଥିସହିତ ପ୍ରତ୍ୟେକ ପ୍ରତିଯୋଗୀ ପାଇଁ ଟାଟା ଷ୍ଟିଲ ଦାରା ଗୋଟିଏ ଚାରା ରୋପଣ କରାଯିବ ଟାଟା ଷ୍ଟିଲ ଜାମସେଦପୁର, କୋଲକାତା, ନୁଆମୁଣ୍ଡି ଏବଂ ମେରାମଣ୍ଡଳୀ ଭଳି ନିଜର କାର୍ଯ୍ୟକ୍ଷେତ୍ରରେ ଦୌ ଆୟୋଜନ କରୁଛି ।ଏହି ଅବସରରେ ଟାଟା ଷ୍ଟିଲ ଯୋ ଚିଫ ରାଜେଶ କୁମାର ଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିସିଇଟି ଛାତ୍ରଛାତ୍ରୀଙ୍କ ଅଭୂତପୂର୍ବ ସଫଳତା




ବାଲେଶ୍ୱର,(ସବ୍ୟୁ): ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ବୈଷୟିକ ଓ ଯାନ୍ତ୍ରିକ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନେଇ ଦୁଇଦିବସିୟ ହାକାଥନ୍-୨୦୨୫ ପ୍ରତିଯୋଗିତା, ରାଉରକେଲା ସ୍ଥିତ ବିଜୁପଟ୍ଟନାୟ ୟୁନଭରସିଟି ଅଫ୍ ଟେକ୍ନୋଲୋଜି (ବି.ପି.ୟୁ.ଟି.) ଦ୍ୱାରା ନଭେମ୍ବର ୦୧ ଓ ୦୨ ତାରିଖରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ସର୍ବମୋଟ ୫୦୫ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୦ଟି ଟିମ୍ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଏଥିରେ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି)ର ଫାଲକନ୍-୨.୦ ଛାତ୍ର ଛାତ୍ରୀମାନେ ପ୍ରବଲେମ୍ ଷ୍ଟେଟ୍ମେନ୍ଟ-୧୦ରେ ପ୍ରଥମସ୍ଥାନ ଗ୍ରହଣ କରି ୩୦,୦୦୦/- ଅର୍ଥ ରାଶି ପୁରସ୍କାର ଲାଭ କରିଛନ୍ତି। ଏଥିରେ ବିସିଇଟିର ଛାତ୍ର ବିଶ୍ୱଜୀବନ ପଣ୍ଡା, ବିଶ୍ୱଜିତ ପାଢ଼ୀ, ଅଙ୍କିତା ପୁଥାଳ, ଅନୀଲ କୁମାର ପାଢ଼ୀ, ଅର୍ପିତା ମିଶ୍ର ଅଂଶଗ୍ରହଣ କରିଥିଲେ। ବିସିଇଟିର ଉପାଧ୍ୟକ୍ଷ ପ୍ରାଧ୍ୟାପକ ଜ୍ୟୋତିରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମେନ୍ଟରସିପ୍ ଦ୍ୱାରା ଛାତ୍ର ଛାତ୍ରୀମାନେ ଉପରୋକ୍ତ ଗୌରବର ଅଧିକାରୀ ହୋଇପାରିଛନ୍ତି। ଏଥିନିମନ୍ତେ ଅନୁଷ୍ଠାନର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ କୃତି ଛାତ୍ରଛାତ୍ରୀ ତଥା ମେନ୍ଟର ପ୍ରଧାପକ ରାଉତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ, ଅଧକ୍ଷ ଡ. ଶିବେନ୍ଦ୍ର କୁମାର ଘଡାଇ, ଉପାଧ୍ୟକ୍ଷ ଜେୟୋତିରଞ୍ଜନ ରାଉତ, ଏକାଡେମିକ୍ ଡିନ୍ ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏ.ସି.ର ମୁଖ୍ୟ ଡ. ଧୃରେନ୍ଦ୍ର କୁମାର ଜେନା, ଆଇ.ଆଇ.ସି.ର ମୁଖ୍ୟ ଡ. ମୃତ୍ୟୁଞ୍ଜୟ ଦାସ ସମସ୍ତ କୃତି ଛାତ୍ର ଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ମୁଖ୍ୟ ଡ. ମନ୍ମଥ କୁମାର ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ସହ ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧/୧)

**ଅର୍ଜ୍ଜୁନ-ବିଷାଦଯୋଗଃ**

ଧୃତରାଷ୍ଟ୍ର ଉବାଚ

**ଧର୍ମ୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ॥ ୧ ॥**

ଧୃତରାଷ୍ଟ୍ର ଉବାଚ- ହେ ସଞ୍ଜୟ ! ମାମକାଃ (ଦୁର୍ଯ୍ୟୋଧନପ୍ରଭୃତୟଃ ମତ୍ପୁତ୍ରାଃ) ଚ ପାଣ୍ଡବାଃ (ଯୁଦ୍‌ଧିଷ୍ଠିରାଦୟଃ ପାଣ୍ଡୁପୁତ୍ରାଃ) ଏବ ଧର୍ମ୍ମକ୍ଷେତ୍ରେ (ଧର୍ମ୍ମବୁଦ୍ଧେଃ ଅଭିବୃଦ୍ଧିକାରଣତ୍ୱାତ୍ ଧର୍ମ୍ମଭୂମୌ) କୁରୁକ୍ଷେତ୍ରେ ଯୁଯୁତ୍ସବଃ (ଯୋଦ୍ଧୁମିଚ୍ଛନ୍ତଃ) ସମବେତାଃ (ମିଳିତାଃ) (ସନ୍ତଃ) କିଂ ଅକୁର୍ବତ (କୃତବନ୍ତଃ) ॥ ୧ ॥

# ଉତ୍ତରାଧିକାରୀ ରାଜନୀତିର ଶେଷ କେବେ?

ଚଳିତ ବିହାରର ସାଧାରଣ ନିର୍ବାଚନ ଉପରେ ଏବେ ସଚେତନ ଶିକ୍ଷିତ ଜନସାଧାରଣଙ୍କ ଦୃଷ୍ଟି । ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ତଥା ପଡୋଶୀ ରାଜ୍ୟ ଓଡ଼ିଶାରେ ଏହି ନିର୍ବାଚନ ଉପରେ ସମସ୍ତଙ୍କର ଆଗ୍ରହ ରହିବା ସ୍ୱାଭାବିକ । ଉଭୟ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA ) ଓ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ( INDIA) ମେଣ୍ଟ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହେବ ଏବଂ ଏଥିରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସଫଳ ହୋଇ ସରକାର ଗଢ଼ିବ ବୋଲି କେତେକ ଆଶା କରୁଥିବା ବେଳେ ଆଉ କେତେକ ଏଥିରେ ଇଣ୍ଡି ମେଣ୍ଟର ବିଜୟ ହେବ ବୋଲି ଭାବୁଛନ୍ତି ।

ଏକଦା ବିହାରରେ ମୁଖ୍ୟମନ୍ତ୍ରୀ ଥିବା ଲାଲୁ ପ୍ରସାଦ ଯାଦବ ଦୁର୍ନୀତିରେ ଛନ୍ଦି ହୋଇ କ୍ଷମତାଚ୍ୟୁତ ହେବା ପରେ ତାଙ୍କର ସହଧର୍ମିଣୀ ରାବ୍ରି ଦେବୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇ ଥିଲା ଏବଂ ପରୋକ୍ଷରେ ଲାଲୁ ପ୍ରସାଦ ଯାଦବ ବିହାରର ଶାସନ ଚଳାଉଥିଲେ । କାରଣ ରାବ୍ରି ଦେବୀ ଶିକ୍ଷିତା ହୁଅନ୍ତୁ ବା ଅଶିକ୍ଷିତା ହୁଅନ୍ତୁ ସେଥିରେ ସାଧାରଣ ଲୋକଙ୍କର କିଛି ଯାଏ ଆସେ ନାହିଁ । ମାତ୍ର ସରକାର ଚଳାଇବା ଲାଗି ଯେଉଁ ସାମାନ୍ୟ ଅଭିଜ୍ଞତା ଆବଶ୍ୟକ, ତାହା ମଧ୍ୟ ତାଙ୍କର ନଥିଲା । ଅବଶ୍ୟ ସାମାନ୍ୟ ଅଭିଜ୍ଞତା ସେ ସ୍ୱାମୀ ଲାଲୁ ଯାଦବଙ୍କଠାରୁ ଶିଖି ଥିବେ । ହେଲେ ସେଥିରେ ତ ପୁରା ରାଜ୍ୟର କାମ ଚଳିବ ନାହିଁ । ତେଣୁ ଲାଲୁ ପ୍ରସାଦ ସେତେବେଳେ ମୁଖ୍ୟମନ୍ତ୍ରୀ ନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ସବୁ କାର୍ଯ୍ୟ ସେ କରି ଚାଲିଥିଲେ ପତ୍ନୀଙ୍କ ନାମରେ । ରାଜା ରାଜୁଡାଙ୍କ ଶାସନରେ ଏପରି ପରିବାଦର ଶାସନ ହୁଏତ ଚାଲୁଥିଲା, ଏ କଥା କୌଣସି ଭାରତୀୟଙ୍କୁ ଅଛପା ନଥିଲା । ଲାଲୁ ଯାଦବ ଏବେ ଅସୁସ୍ଥ ହୋଇ ଏବେ ହ୍ୱିଲ ଚେଆର ଉପରେ ବସି ଯିବା ଆସିବା କରିବା ପରେ ତାଙ୍କର ପୁତ୍ର ଆର୍.ଜେ.ଡି. ନେତା ତେଜସ୍ୱୀ ଯାଦବ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି ଓ ନିଜର ପିତା, ମାଆଙ୍କ ପରି ବିହାରର ମୁଖ୍ୟମନ୍ତ୍ରୀ ହେବାକୁ ଆଶା ପ୍ରକାଶ କରି କହିଛନ୍ତି, 'ମୋତେ ଥରେ ସୁଯୋଗ ଦିଅନ୍ତୁ, ଗୁଣ୍ଡାମାନଙ୍କୁ ମାସ କେତେଟାରେ ଜେଲ ପଠାଇ ଦେବି ।' ମାତ୍ର ଭାରତୀୟମାନେ ପାରିବାରିକ ରାଜନୀତିକୁ ଏବେ ଘୃଣା କରିବାକୁ ଆରମ୍ଭ କରିଛନ୍ତି । ଏପରି ପରିବାରବାଦ ବିରୋଧରେ ବିଜେପି ସ୍ୱର ଉତ୍ତୋଳନ କରିବା ଯଥାର୍ଥ । ଅବଶ୍ୟ ବିଜେପିରେ କୌଣସି କୌଣସି ପରିବାର ଲୋକଙ୍କୁ ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟକ୍ଷ ରାଜନୀତିରେ ସୁଯୋଗ ଦିଆଯାଇଛି ବୋଲି କୁହାଯାଇପାରେ । ମାତ୍ର ଉତ୍ତରାଧିକାରୀ ସୂତ୍ରରେ ପ୍ରତ୍ୟକ୍ଷ ରାଜନୀତିରେ ଗୋଟିଏ ଦଳରୁ ବାପା ଓ ପୁଅ ରାଜନୀତି କରିବା ଅନୁଚିତ । ଗାନ୍ଧିଜୀ ଭାରତକୁ ସ୍ୱାଧୀନ କରିବା ପରେ ନିଜେ ସେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରି ନଥିଲେ । ତାଙ୍କ ବଂଶରେ ବି କାହାରିକୁ ସେ ପ୍ରତ୍ୟକ୍ଷ କ୍ଷମତା ରାଜନୀତିରେ ପ୍ରବେଶର ସୁଯୋଗ ଦେଇ ନଥିଲେ । ତାଙ୍କର ବଂଶଧର ନହେଲେ ବି ନେହରୁଙ୍କ ସେ ଉତ୍ତରାଧିକାରୀ ବୋଲି କୁହା ଯାଉଥିଲା ଏବଂ ଭାରତରେ ପ୍ରଧାନମନ୍ତ୍ରୀ ହେବା ଲାଗି ଗାନ୍ଧିଜୀ ସର୍ଦ୍ଦାର ପଟେଲଙ୍କ ପରିବର୍ତ୍ତେ ନେହରୁଙ୍କୁ କାହିଁକି ଚାହିଁଲେ, ସେ ବିଷୟରେ ସମ୍ୟକ ଭାବେ କେହି ଗବେଷକ ଗବେଷଣା କରି ତାହାର ଯଥାର୍ଥତା ପ୍ରତିପାଦନ କରିଥିବା ପରି ମନେ ହୁଏ ନାହିଁ । ନେହରୁ ମଧ୍ୟ ପ୍ରଧାନମନ୍ତ୍ରୀ ଥିବା ବେଳେ ତାଙ୍କ ଅନ୍ତିମ ଜୀବନରେ ତନୟା ଇନ୍ଦିରା ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁ ନଥିଲେ । ବରଂ ତାଙ୍କ ଇଚ୍ଛା ଓ ଅନ୍ୟମାନଙ୍କର ଇଚ୍ଛାକୁ ସେ ସମ୍ମତି ଦେଇଥିବାରୁ ଲାଲ ବାହାଦୂର ଶାସ୍ତ୍ରୀ ନେହରୁଙ୍କ ପରେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ତତ୍କାଳୀନ ଜଣେ ବିଶିଷ୍ଟ ନେତା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଜଣେ ଜ୍ୟୋର୍ତିବିଦଙ୍କୁ ରାଜେନ୍ଦ୍ର ପ୍ରସାଦ ପଠାଇଥିଲେ ନେହରୁଙ୍କୁ ପ୍ରଭାବିତ କରିବାକୁ । ଜଣେ ବାଙ୍ଗରା ବା ଗେଡା ଲୋକ ନେହରୁଙ୍କ ପାଇଁ ଓ ଦେଶ ପାଇଁ କ୍ଷତିକାରକ ବୋଲି ଦର୍ଶାଇବାକୁ ଏହି ଯୋଜନା କରାଯାଇଥିଲା । ମାତ୍ର ଅସୁସ୍ଥ ନେହରୁଙ୍କ ଉପରେ ଜ୍ୟୋର୍ତିବିଦଙ୍କ ଜ୍ୟୋର୍ତିବାଣୀ କୌଣସି ପ୍ରଭାବ ପକାଇ ପାରି ନଥିଲା ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ହିଁ ନେହରୁ ପରୋକ୍ଷରେ ତାଙ୍କର ଉତ୍ତରାଧିକାରୀ ଭାବେ ମନୋନୀତ କରିଥିଲେ ପଛେ, ତନୟା ଇନ୍ଦିରାଙ୍କୁ କରି ନଥିଲେ । ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ହେବା ପରେ କିନ୍ତୁ ନିଜର କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧିଙ୍କୁ ତାଙ୍କର ଉତ୍ତରାଧିକାରୀ ହେବାର ସୁଯୋଗ ଦେଉଥିଲେ । ଦୁର୍ଭାଗ୍ୟବଶତଃ ସେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇବାରୁ ତାଙ୍କ ଅନ୍ତେ ରାଜୀବ ଗାନ୍ଧି ଓ ରାଜୀବ ଗାନ୍ଧିଙ୍କ ପରେ ରାହୁଲ ଗାନ୍ଧି ଉତ୍ତରାଧିକାରୀ ସୂତ୍ରରେ ହିଁ ରାଜନୀତିକୁ ଆସିଲେ । ଏବେ ରାଜୀବଙ୍କ ପତ୍ନୀ ସୋନିଆ, ପୁତ୍ର ରାହୁଲ ଓ କନ୍ୟା ପ୍ରିୟଙ୍କା ଲୋକସଭାର ସାଂସଦ ଅଛନ୍ତି । ଗୋଟିଏ ପରିବାରରୁ ତିନି ଜଣ ଲୋକସଭାରେ ସାଂସଦ ହେବା ବଡ଼ ବିଚିତ୍ର କଥା । ମାତ୍ର ତାହା ହିଁ ସତ୍ୟ ।


## ସଙ୍କଳ୍ପ

**ଉଚ୍ଚ ହେବା ପାଇଁ,କର ଯେବେ ଆଶା,**
**ଉଚ୍ଚ କର ଆଗେ ,ନିଜ ମାତୃଭାଷା ।।**
**ଗଙ୍ଗାଧର ମେହେର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବନ୍ଦେ ମାତରମ୍ : ଅଖଣ୍ଡ ଭାରତର ଆତ୍ମା



**ଡକ୍ଟର ସଚ୍ଚିଦାନନ୍ଦନ ଯୋଶୀ**

୨୦ ନଭେମ୍ବର ୧୯୦୯ରେ 'କର୍ମଯୋଗୀନ୍'ରେ ବନ୍ଦେ ମାତରମ୍ ସଂଗୀତର ଅନୁବାଦ ପ୍ରକାଶ ପାଇଥିଲା। ସେତେବେଳକୁ ଏହି ଗୀତ ଭାରତୀୟ ଏକତାର ଭାବନାରେ ସମାହିତ ହୋଇସାରିଥିଲା। ଲୋକମାନେ ଏହାକୁ ଶୋଭାଯାତ୍ରାରେ ଗାଉଥିଲେ, ଘରେ ଗାଉଥିଲେ। ପ୍ରାନ୍ତ ଏବଂ ଧର୍ମ ନିର୍ବିଶେଷରେ ଲୋକମାନଙ୍କ ହୃଦୟକୁ ଛୁଇଁ ସାରିଥିଲା ଏବଂ ସେମାନଙ୍କୁ ଦେଶପ୍ରେମରେ ଉଦବୁଦ୍ଧ କରି ଦେଉଥିଲା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଶବ୍ଦ ଏକ ଦେଶକୁ ଏକାଠି ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ କରିଥିଲା ଏବଂ ଶ୍ରୀ ଅରବିନ୍ଦଙ୍କ ଇଂରାଜୀ ଭାଷାରେ ଅନୁବାଦ ନୂତନ ପିଢ଼ି ଏବଂ ବିଶ୍ୱକୁ ସ୍ୱାଧୀନତା ପାଇଁ ଭାରତର ଡାକ ଶୁଣାଇବାର ସେତୁ ପାଲଟିଥିଲା। 'କର୍ମଯୋଗୀନ'ରେ ଏହି ଗୀତର ପ୍ରକାଶନ କେବଳ ଅନୁବାଦ ନଥିଲା: ଏହା ଏକ ଆନ୍ଦୋଳନକୁ ଜାଗ୍ରତ କରିଥିଲା, ଏକ ବିଚାରଧାରାକୁ ସ୍ୱର ଏବଂ ଦୃଷ୍ଟିକୋଣ ପ୍ରଦାନ କରିଥିଲା ଯାହା ଦୁଇ ଦଶନ୍ଧି ଧରି ପ୍ରତ୍ୟେକ ବିଭାଜନରୁ ଊର୍ଦ୍ଧ୍ୱରେ ଭାରତକୁ ଏକାଜୁଟ କରିବାରେ ସହାୟକ ହୋଇଥିଲା।

୧୮୯୬ ମସିହାରେ ଯେତେବେଳେ ରବୀନ୍ଦ୍ରନାଥ ଟାଗୋର ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଏହାକୁ ସ୍ୱର ଦେଇଥିଲେ, ସେତେବେଳେ ଲୋକମାନେ ପ୍ରଥମେ ଏକ ଭଜନ ପରି ବନ୍ଦେ ମାତରମ୍ ଉଦ୍ଗାନ ଶୁଣିଥିଲେ। ସେହି ସନ୍ଧ୍ୟାରେ, ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ଗୀତର ସ୍ୱର ଗୁଡ଼ିକ ଅବଜ୍ଞା ନୁହେଁ, ବରଂ ଭକ୍ତିର ଥିଲା। ଦଶ ବର୍ଷ ପରେ, ୧୯୦୫ ମସିହାରେ, ଯେତେବେଳେ ବଙ୍ଗ ବିଭାଜନ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା ସେତେବେଳେ ଟାଗୋରଙ୍କ ଭଣଜା ଅବନୀନ୍ଦ୍ରନାଥ ଟାଗୋର ଭାରତ ମାତାଙ୍କର ଏକ ଚିତ୍ର ଆଙ୍କିଥିଲେ। ସେଥିରେ ଗେରୁଆ ଲୁଗା ପିନ୍ଧିଥିବା ଜଣେ ମହିଳା ହାତରେ ଶସ୍ୟ, ପୁସ୍ତକ ଏବଂ ଜପମାଳା ଧରିଥିଲେ। ଏହା ବଙ୍କିମ ଚନ୍ଦ୍ରଙ୍କ କବିତାରେ ବର୍ଣ୍ଣିତ ପ୍ରତିମୂର୍ତ୍ତି ପରି ଥିଲା। ଏହି ଗୀତ କେବଳ ଜଣେ କବିଙ୍କ କଳ୍ପନା ନଥିଲା ଏହା ଗୋଟିଏ ଆତ୍ମାର ଯନ୍ତ୍ରଣାଦାୟକ ଚିତ୍କାର ଥିଲା ଯାହା ମାତୃଭୂମିର ଅସ୍ତିତ୍ୱ ଏବଂ ସୁରକ୍ଷା ପାଇଁ ତୀବ୍ର ଇଚ୍ଛାଶକ୍ତିକୁ ପୋଷଣ କରୁଥିଲା। ଏହା ବର୍ଷ ବର୍ଷ ଧରି ଗଭୀର ଭାବରେ ରହିଥିଲା। ଯେତେବେଳେ ବ୍ରିଟିଶ ପ୍ରଶାସକମାନେ ଲୋକମାନଙ୍କୁ ''ରାଣୀ ଦୀର୍ଘଜୀବୀ ହୁଅନ୍ତୁ'' ଗୀତ ଗାଇବାକୁ ବାଧ୍ୟ କରୁଥିଲେ, ସେତେବେଳେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଗୋଟିଏ ରାତିରେ ଏହି ଗୀତ ଲେଖିଥିଲେ। ଏହା ଅନେକ ଦଶନ୍ଧି, ଏପରିକି ଶହ ଶହ ବର୍ଷ ଧରି ଯନ୍ତ୍ରଣାର କାବ୍ୟିକ ଅଭିବ୍ୟକ୍ତି ଥିଲା। ଏହା ଏକ ରାଷ୍ଟ୍ରକୁ ଜାଗ୍ରତ କରିବା ପାଇଁ ଏକ ଆତୁର ଆହ୍ୱାନ ଥିଲା ଦୀର୍ଘକାଳୀନ ଯନ୍ତ୍ରଣା ସହିବା ଦ୍ୱାରା ଅର୍ଦ୍ଧ-ସଚେତନ ହୋଇଯାଇଥିଲା।

କଂଗ୍ରେସ ସମ୍ମିଳନୀ ଠାରୁ ଆରମ୍ଭ କରି ଲାହୋରର ଫାଶୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍ ବିଦ୍ରୋହର ଶ୍ୱାସ ପାଲଟିଥିଲା। ଭଗତ୍ ସିଂ, ଚନ୍ଦ୍ରଶେଖର ଆଜାଦ, ବଟୁକେଶ୍ୱର ଦତ୍ତ ଏବଂ ଆହୁରି ଅନେକ ଲୋକ ମୃତ୍ୟୁର ସାମ୍ନା କରିବା ବେଳେ ଏହାକୁ ଜୋର୍ କରି ଗାଇଥିଲେ। ସୁଭାଷ ଚନ୍ଦ୍ର ବୋଷ ଏହାକୁ ଭାରତୀୟ ଜାତୀୟ ସେନାର ପଦଯାତ୍ରାର ସ୍ୱରରେ ପରିଣତ କରିଥିଲେ। ଏହା ଶୋଭାଯାତ୍ରା ଗୁଡ଼ିକରେ ଗାନ କରାଯାଉଥିଲା ଏବଂ କାରାଗାରରେ ବନ୍ଦୀମାନେ ଏହାକୁ ଗୁଣୁ ଗୁଣାଉଥିଲେ । ଏହା ସାଧୁ ଓ ସୈନିକ, ବିଦ୍ୱାନ ଓ କୃଷକ, ହିନ୍ଦୁ, ମୁସଲମାନ, ସମସ୍ତ ଧର୍ମ ଓ ବିଶ୍ୱାସର ଲୋକଙ୍କୁ ଏକତ୍ର କରିଥିଲା ଏବଂ ପ୍ରାର୍ଥନା ଓ ପ୍ରତିବାଦ ଉଭୟର ମନ୍ତ୍ର ପାଲଟିଥିଲା।

ଶ୍ରୀ ଅରବିନ୍ଦ ଏହାକୁ ପ୍ରଥମେ ଅନୁବାଦ କରିନଥିଲେ, ଅନେକ ଭାରତୀୟ ଏବଂ ଇଂରାଜୀ ବିଦ୍ୱାନ ଏହି ଗୀତକୁ ଇଂରାଜୀରେ ଅନୁବାଦ କରିଥିଲେ। ଏହା ଉର୍ଦ୍ଦୁ ସମେତ ବିଭିନ୍ନ ଭାରତୀୟ ଭାଷାରେ ମଧ୍ୟ ଅନୁବାଦ କରାଯାଇଥିଲା। ଭାରତୀୟ ପ୍ରଶାସନିକ ସେବାରେ ଥିବା ଜଣେ ବ୍ରିଟିଶ ଡବ୍ଲ୍ୟୁ.ଏଚ୍. ଲି ୧୯୦୬ ମସିହାରେ ଏହାକୁ ଇଂରାଜୀରେ ଅନୁବାଦ କରିଥିଲେ। ଯେତେବେଳେ 'ବନ୍ଦେମାତରମ୍' ଶବ୍ଦ ଉଚ୍ଚାରଣ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଥିଲା, ସେତେବେଳେ ଏହାକୁ ଅଜ୍ଞାତ ଭାବେ ଅନୁବାଦ କରାଯାଇଥିଲା। ତେବେ, ଅରବିନ୍ଦ ଘୋଷଙ୍କ ଦ୍ୱାରା ଇଂରାଜୀ ଅନୁବାଦ, ବଙ୍ଗଳା ଭାଷାର ମୂଳ ଗୀତ ସହିତ ସଂଲଗ୍ନ ହୋଇଛି। ଅନ୍ୟ କୌଣସି ଗୀତ ଭିନ୍ନ ଭିନ୍ନ ପିଢ଼ି ଏବଂ ଭୌଗୋଳିକ କ୍ଷେତ୍ରରେ ଆଦୃତି ହୋଇନାହିଁ । ବନ୍ଦେ ମାତରାମ୍ ଭାରତୀୟ ଜୀବନର ପ୍ରତ୍ୟେକ ରଙ୍ଗ ଏବଂ ସ୍ତରକୁ ଅତିକ୍ରମ କରିଛି, ଏବଂ ତଥାପି ଭାରତୀୟ ହେବାର ଅର୍ଥ କ'ଣ ତାହା ବହନ କରିଛି । ପରାଧୀନତା ଓ ଦୁଃଖ ମାଧ୍ୟମରେ, ସଂସ୍କାର ଓ ବିପ୍ଳବ ମାଧ୍ୟମରେ, ବନ୍ଦେ ମାତରମ୍ ବଜାୟ ରହିଥିଲା-କ୍ରୋଧର ସ୍ଲୋଗାନ ଭାବରେ ନୁହେଁ, ବରଂ ପ୍ରେମର ଅଭିବାଦନ ରୂପରେ ।

ଏହାର ଦୃଢ଼ତାକୁ ବୁଝିବା ପାଇଁ, ଆମକୁ ଏହାର ମୂଳ ସ୍ଥାନକୁ ଫେରିବାକୁ ପଡିବ। ବଙ୍ଗଳାର ଗୋଟିଏ ସାଧାରଣ ଘରକୁ, ଏକ ଉଜ୍ଜ୍ୱଳ ଦିନକୁ ଯାହା ଭାରତର ଭାଗ୍ୟ ବଦଳାଇବ। କଲିକତା ବିଶ୍ୱବିଦ୍ୟାଳୟର ଆଦ୍ୟ ସ୍ନାତକମାନଙ୍କ ମଧ୍ୟରୁ ଅନ୍ୟତମ ବଙ୍କିମ ଚନ୍ଦ୍ର ଚାଟାର୍ଜୀ (୧୮୩୮-୧୮୯୪) ଡେପୁଟି ମାଜିଷ୍ଟ୍ରେଟ୍ ଏବଂ ଡେପୁଟି କଲେକ୍ଟର ଭାବରେ ସରକାରୀ ସେବାରେ ପ୍ରବେଶ କରିଥିଲେ। ତାଙ୍କ ଚାକିରି ତାଙ୍କୁ ବ୍ରିଟିଶ ଆର୍କାଇଭ୍ ଏବଂ ଗେଜେଟ୍-ରେକର୍ଡଗୁଡିକ ପ୍ରବେଶ କରିବାକୁ ଅନୁମତି ଦେଇଥିଲା ଯାହା ଏକ ବିସ୍ତୃତ କାହାଣୀ ପ୍ରକାଶ କରିଥିଲା। ସନ୍ନ୍ୟାସୀ ବିଦ୍ରୋହ (୧୭୬୩-୧୭୮୦) ବେଳେ ଢାକା ଏବଂ ଉତ୍ତର ବଙ୍ଗରେ ସାମ୍ରାଜ୍ୟବାଦୀ ଅତ୍ୟାଚାର ବିରୁଦ୍ଧରେ ସନ୍ନ୍ୟାସୀମାନେ ବିଦ୍ରୋହ କରି ଉଠିଥିଲେ। ସେହି ତ୍ୟାଗ କାହାଣୀ ପ୍ରତିରୋଧରେ ପରିଣତ ହୋଇଥିଲା, ଯାହା ବଙ୍କିମ ବାବୁଙ୍କ ପରବର୍ତ୍ତୀ ଉପନ୍ୟାସ ଆନନ୍ଦ ମଠକୁ ଅନୁପ୍ରାଣିତ କରିଥିଲା। କିନ୍ତୁ ଉପନ୍ୟାସ ପୂର୍ବରୁ ଗୀତଟି ଆସିଥିଲା। ୧୮୭୦ ଦଶକ ସୁଦ୍ଧା, ବ୍ରିଟିଶ ସାମ୍ରାଜ୍ୟ ଏହାର ଆନୁଗତ୍ୟ ରୀତିନୀତି ଲାଗୁ କରିବା ଆରମ୍ଭ କରିଥିଲା। ଦାବି କରିଥିଲା ଯେ ଭାରତୀୟମାନେ ସରକାରୀ ସମାବେଶ ଏବଂ ବିଦ୍ୟାଳୟରେ 'ଗଡ୍ ସେଭ୍ ଦ କୁଇନ୍'' (ଭଗବାନ ରାଣୀଙ୍କୁ ବଞ୍ଚାଇଛନ୍ତି)'' ନାରା ଦିଅନ୍ତୁ । ବଙ୍କିମ ଚନ୍ଦ୍ରଙ୍କ ପାଇଁ, ଏହା କେବଳ ରାଜନୈତିକ ଚାପ ନଥିଲା, ଏହା ଆଧ୍ୟାତ୍ମିକ ବାଧ୍ୟବାଧକତା ଥିଲା। ଏକ ଗର୍ବିତ ସଭ୍ୟତାକୁ ଜଣେ ବିଦେଶୀ ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ତାଲିମ ଦିଆଯାଉଥିଲା।

ଶାନ୍ତ ବିଦ୍ରୋହର ଏହି ମୁହୂର୍ତ୍ତରେ, ରବିବାର, ୭ ନଭେମ୍ବର, ୧୮୭୫ - ଅକ୍ଷୟ ନବମୀରେ -କଲିକତା ନିକଟସ୍ଥ ତାଙ୍କ ବାସଭବନରେ, ବଙ୍କିମ ଚନ୍ଦ୍ର ଚାଟାର୍ଜୀ ତାଙ୍କ କଲମ ଉଠାଇଥିଲେ। ତାଙ୍କ ସମସାମୟିକମାନେ ଏହାକୁ ''ଅତିନ୍ଦ୍ରିୟ ଭାବ'' ବୋଲି କହିଥିଲେ। ସେ ଗୋଟିଏ ଥର ବସି ହିଁ ବନ୍ଦେ ମାତରମ୍ ଲେଖି ଦେଇଥିଲେ । ଯେପରି ଗୀତଟି ରଚନା କରାଯିବା ପରିବର୍ତ୍ତେ ତାଙ୍କ ଉପରେ ଅବତରିତ ହୋଇଯାଇଥିଲା। ଯେତେବେଳେ ଅନ୍ୟମାନେ ରାଣୀଙ୍କ ପ୍ରଶସ୍ତି ଉଦ୍ଦେଶ୍ୟରେ ଗାନ କରୁଥିଲେ, ସେ ମାତୃଭୂମିର ପ୍ରଶଂସା ଗାନ କରୁଥିଲେ। ସେ ସାମ୍ରାଜ୍ୟବାଦୀ ଆଦେଶକୁ ଆଧ୍ୟାତ୍ମିକ ଆତ୍ମସମର୍ପଣ ସହିତ ଉତ୍ତର ଦେଇଥିଲେ । କୌଣସି ମୁକୁଟକୁ ନୁହେଁ, ବରଂ ଏକ ବିବେକକୁ ଜାଗ୍ରତ କରିଥିଲେ । ଯେଉଁଠି ଅନ୍ୟମାନେ ଜଣେ ରାଜାଙ୍କୁ ପ୍ରଣାମ କରିଥିଲେ, ବଙ୍କିମଚନ୍ଦ୍ର ଚାଟାର୍ଜୀ ମାଟି ଆଗରେ ମଥାନତ କରିଥିଲେ। ତାହା ଥିଲା ତାଙ୍କର ବିଦ୍ରୋହ। ଖଣ୍ଡା ନୁହେଁ, ବରଂ ଏକ ଗୀତ ରୂପେ ଜନ୍ମ ନେଇଥିଲା। ସେ ଜାଣିଥିଲେ ଯେ ଖଣ୍ଡା ତିଷ୍ଠି ରହିବ ନାହିଁ, କିନ୍ତୁ ଶବ୍ଦଗୁଡ଼ିକ ଚିରନ୍ତନ। ବନ୍ଦେ ମାତରମ୍ କ୍ରୋଧର ଗୋଟିଏ ଘଣ୍ଟା ପାଇଁ ନୁହେଁ, ବରଂ ଜାଗରଣ ଗୋଟିଏ ଯୁଗ ପାଇଁ ରଚିତ ହୋଇଥିଲା। ଏହା କୌଣସି ଶାସକଙ୍କୁ ନୁହେଁ, ବରଂ ଏକ ଜଗତକୁ ସମ୍ବୋଧନ ଥିଲା। ଭୂକ୍ଷେତ୍ର, ନଦୀ, ବଗିଚା ଏବଂ ପବନକୁ ଏଥିରେ ସମ୍ବୋଧିତ କରାଯାଉଥିଲା। ଏହା ଏକ ଭଜନ ଥିଲା ଯାହା ଭାରତର ଆଧ୍ୟାତ୍ମିକ ସାର୍ବଭୌମତ୍ୱକୁ ଦେଶର ରାଜନୈତିକ ସାର୍ବଭୌମତ୍ୱ ଦାବି କରିବାର ବହୁ ପୂର୍ବରୁ ପୁନର୍ଜାଗରଣ କରିଥିଲା। ଆନନ୍ଦମଠ ପାଠକମାନଙ୍କ ନିକଟରେ ପହଞ୍ଚିବା ମାତ୍ରେ, ଗୀତଟି ଉପନ୍ୟାସରୁ ଦେଶର ରକ୍ତ ପ୍ରବାହକୁ ଲମ୍ଫ ମାରିଥିଲା। ୧୮୯୬ କଲିକତା କଂଗ୍ରେସରେ, ଟାଗୋରଙ୍କ ସ୍ୱର ଏହାକୁ ଡେଣା ଦେଇଥିଲା। ଏକ ଦଶନ୍ଧି ମଧ୍ୟରେ, ୧୯୦୫ ର ସ୍ୱଦେଶୀ ଆନ୍ଦୋଳନ ସମୟରେ ବଙ୍ଗଳାର ରାସ୍ତାଗୁଡ଼ିକ ଏହି ଗୀତ ସହିତ ପ୍ରତିଧ୍ୱନିତ ହୋଇଥିଲା। ସେତେବେଳେ ବନ୍ଦେ ମାତରମ୍ ଥିଲା ଏକ ଅବଜ୍ଞାର କାର୍ଯ୍ୟ। ବ୍ରିଟିଶମାନେ ଏହାକୁ ନିଷିଦ୍ଧ କରିଥିଲେ । ଛାତ୍ରମାନଙ୍କୁ ବହିଷ୍କାର କରାଯାଇଥିଲା ବିକ୍ଷୋଭକାରୀମାନଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏହି ଦମନ କେବଳ ଶ୍ରଦ୍ଧାକୁ ଗଭୀର କରିଥିଲା। କଲିକତାରେ, ସ୍କୁଲ ପିଲାମାନେ ବର୍ଷାରେ ଖାଲି ପାଦରେ ଛିଡ଼ା ହୋଇ ଏହାକୁ ଜପ କରିଥିଲେ। ଢାକାରେ ମହିଳାମାନେ ନିଜ ଶାଢ଼ୀରେ ଏହାକୁ ଏମ୍ବ୍ରୋଏଡରୀ କରୁଥିଲେ।

ଅରବିନ୍ଦ ଘୋଷ ଏହାକୁ ''ଭାରତର ପୁନର୍ଜନ୍ମର ମନ୍ତ୍ର'' ବୋଲି କହିଥିଲେ। ଭଗିନୀ ନିବେଦିତା ଲେଖିଥିଲେ ଯେ ଏହା ଶୁଣିବା ''ଭାରତର ହୃଦସ୍ପନ୍ଦନକୁ ଶୁଣିବା ଭଳି'' ଥିଲା। ଏହି ଗୀତର ଶକ୍ତି ଏହାର ସାର୍ବଜନୀନତା ଥିଲାଛ ଏହାକୁ ଅନୁଭବ କରିବା ପାଇଁ ସଂସ୍କୃତ ଜାଣିବାର ଆବଶ୍ୟକତା ନଥିଲା। ୧୯୨୦ ଏବଂ ୩୦ ଦଶକ ବେଳକୁ ବନ୍ଦେ ମାତରମ୍ ପାଲଟିଥିଲା ସାହସର ସଙ୍କେତ। ଭଗତ ସିଂହଙ୍କ ଭଳି ବିପ୍ଳବୀମାନେ କାରାଗାର କୋଠରିରେ ଏହାକୁ କାନ୍ଥରେ ଖୋଦେଇ କରିଥିଲେ। ଆଣ୍ଡାମାନ ସେଲୁଲାର ଜେଲରେ, ଏହା ଯନ୍ତ୍ରଣାଦାୟକ ଗୀତ ପରି କରିଡର ଗୁଡ଼ିକରେ ପ୍ରତିଧ୍ୱନିତ ହୋଇଥିଲା। ସୁଭାଷ ଚନ୍ଦ୍ର ବୋଷ ଏହାକୁ ଆଜାଦ ହିନ୍ଦ୍ ଫୌଜର ଯୁଦ୍ଧ ଘୋଷରେ ପରିଣତ କରିଥିଲେ। ତାଙ୍କ ସୈନିକମାନଙ୍କ ପାଇଁ ଏହି ମନ୍ତ୍ର ଏକ ମେଲୋଡି ନୁହେଁ ବରଂ ଏକ ଜନାଦେଶ ଥିଲା। ଏପରିକି ମହାତ୍ମା ଗାନ୍ଧୀ ମିଳିତ ସମାବେଶରେ ସଂଯମ ରଖିବାକୁ ପରାମର୍ଶ ଦେଇଥିବାବେଳେ ବନ୍ଦେ ମାତରମ୍ ''ବଳିଦାନ ଦ୍ୱାରା ପବିତ୍ର ହୋଇଥିବା'' ସେ ସ୍ୱୀକାର କରିଥିଲେ।

ବନ୍ଦେ ମାତରମର ଶକ୍ତି ଏହାର ପ୍ରତିଛବିରେ ରହିଛି । ଏକ ରାଷ୍ଟ୍ର ଯାହାର ସୀମା ନୁହେଁ ବରଂ ଏକ ବିଚାରଛ ଏହାର ମାତୃଭୂମି ଏକ ଯୁଦ୍ଧକ୍ଷେତ୍ର ନୁହେଁ ବରଂ ଏକ ଅସ୍ତିତ୍ୱ ଯାହା ଉର୍ବର, ଉଜ୍ଜ୍ୱଳ, ପୋଷଣକାରୀ। ଯେତେବେଳେ ଅବନୀନ୍ଦ୍ରନାଥ ଟାଗୋର ୧୯୦୫ରେ ଭାରତ ମାତାଙ୍କ ଚିତ୍ର କରିଥିଲେ, ସେତେବେଳେ ସେ ତାଙ୍କୁ ଏକ ଚେହେରା ଦେଇଥିଲେ ଯାହା ଥିଲା ଶାନ୍ତ, ଆଧ୍ୟାତ୍ମିକ, ଆତ୍ମନିର୍ଭରଶୀଳ। ବନ୍ଦେ ମାତରମ ଗୀତ ଭଳି ଏହି ଚିତ୍ର ମଧ୍ୟ ଉଭୟ ସୌନ୍ଦର୍ଯ୍ୟମୟ ଏବଂ ରାଜନୈତିକ, ପବିତ୍ର ଏବଂ ଧ୍ୱଂସାତ୍ମକ ଥିଲା। ଦେଶପ୍ରେମକୁ ପ୍ରାର୍ଥନାରେ ପରିଣତ କରିବା ଥିଲା ବଙ୍କିମଙ୍କ ପ୍ରତିଭା। ଭାରତକୁ ଭଲ ପାଇବାର ଅର୍ଥ ଥିଲା ତାଙ୍କୁ ସମ୍ମାନ ଦେବା, ମା 'ଭାବେ ଭୂମିକୁ ପୂଜା କରିବା, କେବଳ ଏକ ଅଞ୍ଚଳ ଭାବେ ଦଖଲ କରିବା ନୁହେଁ ।

**ସ୍ୱାଧୀନତାର ସଙ୍ଗୀତ :**

ଭାରତ ସ୍ୱାଧୀନତାର ନିକଟବର୍ତ୍ତୀ ହେବା ବେଳକୁ ବନ୍ଦେ ମାତରମ୍ ଭାରତର ବିଚାର ସହ ଅବିଚ୍ଛେଦ୍ୟ ହୋଇଯାଇଥିଲା। ତଥାପି, ସମ୍ବିଧାନ ସଭାରେ ଏକ ବିତର୍କ ସୃଷ୍ଟି ହେଲା: କେଉଁ ଗୀତ ନୂତନ ଗଣତନ୍ତ୍ରର ପ୍ରତିନିଧିତ୍ୱ କରିବ? ୧୯୪୭ରେ ''ଜନ ଗଣ ମନ'' ଏହାର ଭାଷାଗତ ସାର୍ବଜନୀନତା ପାଇଁ ଜାତୀୟ ସଙ୍ଗୀତ ଭାବରେ ମନୋନିତ ହୋଇଥିଲା। କିନ୍ତୁ ସମାନ ସମ୍ମାନ ସହ 'ବନ୍ଦେ ମାତରମ୍'କୁ ରାଷ୍ଟ୍ରୀୟ ଗୀତ ଭାବେ ଘୋଷଣା କରାଯାଇଥିଲା। ପଣ୍ଡିତ ନେହରୁ ଏହାକୁ 'ଆମ ଜାଗରଣର ଗୀତ' ବୋଲି କହିଥିଲେ। କେବଳ ଏହାର ପ୍ରଥମ ଦୁଇଟି ପଂକ୍ତି-ପ୍ରକୃତିର ବର୍ଣ୍ଣନା, ଦେବତାଙ୍କର ନୁହେଁ- ସରକାରୀ ବ୍ୟବହାର ପାଇଁ ଗ୍ରହଣ କରାଯାଇଥିଲା।

**ଏକ ଭାବନା, ଏକ ଭାରତ :**

ଦେଶ ଯେତେବେଳେ 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପାଳନ କରୁଛି, ସେହି ସମୟରେ ଭାରତକୁ ଏକତା ସୂତ୍ରରେ ବାନ୍ଧିଥିବା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ବର୍ଷ ମଧ୍ୟ ପାଳନ କରାଯିବା କେବଳ ଏକ ସଂଯୋଗ ନୁହେଁ । 'ବନ୍ଦେ ମାତରମ୍' ଗୀତର ଶବ୍ଦରେ ଭାରତର ଏକତାକୁ ବର୍ଣ୍ଣନା କରାଯାଇଥିବାବେଳେ, ସର୍ଦ୍ଦାର ପଟେଲ ହିଁ ସ୍ୱାଧୀନତା ପରେ ଏହାକୁ ବାସ୍ତବତାରେ ପରିଣତ କରିଥିଲେ। ୧୯୪୭ ମସିହାରେ ଆମେ ସ୍ୱାଧୀନତା ପାଇଲୁ, କିନ୍ତୁ ଦେଶକୁ ଏକଜୁଟ କରିବା ଏବଂ ସମସ୍ତ ଦେଶୀୟ ରାଜ୍ୟକୁ ଏକାଠି କରିବାର ସବୁଠାରୁ ବଡ଼ କାର୍ଯ୍ୟ ଏବେବି ବିଚାରାଧୀନ ଥିଲା। ସେଗୁଡ଼ିକର ଏକୀକରଣ ବିନା ଦେଶର ସ୍ୱାଧୀନତା ଅର୍ଥହୀନ ଥିଲା। ଭାରତର ଲୌହ ପୁରୁଷ ସର୍ଦ୍ଦାର ପଟେଲ ଏକାକୀ ଏହି କାର୍ଯ୍ୟ ହାତକୁ ନେଇଥିଲେ ଏବଂ ଦେଶକୁ ଏକଜୁଟ କରିଥିଲେ। ଆମେ କିପରି ଆମ ନିଜ ମାତୃଭୂମି 'ସୁଜଲାମ ସୁଫଲାମ୍'ର କଳ୍ପନା କରିପାରିଥାନ୍ତୁ ଯଦି ଏହା ବିଭିନ୍ନ ଭାଗରେ ବିଭକ୍ତ ହୋଇ ବିଭିନ୍ନ ଦେଶୀୟ ରାଜ୍ୟ ଶାସକଙ୍କ ଦ୍ୱାରା ଶାସିତ ହୋଇଥା'ନ୍ତା? ଏହା ସର୍ଦ୍ଦାର ପଟେଲଙ୍କ ସାହସିକ ପ୍ରୟାସ ଏବଂ ଗଭୀର ପ୍ରତିବଦ୍ଧତା ଥିଲା, ଯିଏ ଏହି ଦେଶକୁ 'ସୁଖଦାମ, ବରଦାମ'ରେ ପରିଣତ କରିଥିଲେ।

**ଅଭିବ୍ୟକ୍ତିର ଭିନ୍ନ ଭିନ୍ନ ମାର୍ଗ :**

ଏପରି ଭାବେ ବନ୍ଦେ ମାତରମ୍ ଭାରତର ଚିରନ୍ତନ ଆହ୍ୱାନ ହୋଇ ରହିଲା । ନୀତିରେ ନୁହେଁ, ବରଂ ଗର୍ବରେ। ସ୍ୱାଧୀନତା ପରେ, ଗୀତଟି ନୂତନ ଅବତାର ପାଇଲା। ୧୯୫୨ ମସିହାରେ, ହେମେନ ଗୁପ୍ତାଙ୍କ ନିର୍ଦ୍ଦେଶିତ ଆନନ୍ଦ ମଠ ଚଳଚ୍ଚିତ୍ର ଏହାକୁ ରୂପେଲି ପରଦାକୁ ଆଣିଥିଲା। ଲତା ମଙ୍ଗେସକରଙ୍କ ସ୍ୱର, ହେମନ୍ତ କୁମାରଙ୍କ ଚଳଚ୍ଚିତ୍ର ସଂଗୀତ ଦ୍ୱାରା ପରିଚାଳିତ ବନ୍ଦେ ମାତରମକୁ ଚଳଚ୍ଚିତ୍ରର ଅମର ସଂଗୀତରେ ପରିଣତ କରିଥିଲା।

ଅର୍ଦ୍ଧଶତାବ୍ଦୀ ପରେ, ୧୯୯୭ରେ ଏ. ଆର୍. ରହମାନଙ୍କ 'ମା ତୁଜେ ସଲାମ' ଏକ ବିଶ୍ୱ ପିଢ଼ି ପାଇଁ ଏ ଗୀତର ଭାବନାକୁ ପୁନର୍ବାର ଜାଗ୍ରତ କରିଥିଲା। ହିନ୍ଦୁସ୍ତାନୀ ରାଗକୁ ବିଶ୍ୱ ସଂଗୀତ ସହିତ ମିଶ୍ରଣ କରି ରହମାନ୍ ବିଦେଶରେ ଥିବା ଭାରତୀୟମାନଙ୍କୁ ମନେ ପକାଇ ଦେଇଥିଲେ ଯେ ମାଆ ତଥାପି ସେମାନଙ୍କ ଗୀତ ପାଇଁ ଅପେକ୍ଷା କରିଥିଲେ। ତାଙ୍କର ସ୍ୱର ଶହ ଶହ ବର୍ଷର ବ୍ୟବଧାନ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିଥିଲା । ବଙ୍କିମଚନ୍ଦ୍ରଙ୍କ କଲମଠାରୁ ଆରମ୍ଭ କରି ରହମାନଙ୍କ ସିନ୍ଥେସାଇଜର୍ ପର୍ଯ୍ୟନ୍ତ, ଭାବନା ସମାନ ରହିଥିଲା- ପ୍ରତ୍ୟେକ ପି ଗୋଟିଏ ମା'ଙ୍କୁ ଭିନ୍ନ ଭିନ୍ନ ସ୍ୱରରେ ଗାଇ ସମ୍ବୋଧନ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ବନ୍ଦେ ମାତରମ୍ ଅର୍ଥର ଏକ ପୁନର୍ଜାଗରଣ ଅନୁଭୂତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଜାତୀୟ କାର୍ଯ୍ୟକ୍ରମରେ ଏହାର ଉଲ୍ଲେଖ କରନ୍ତି। ଏଥିରେ ପୁରୁଣା ସ୍ମୃତି ନୁହେଁ, ବରଂ ଏକ ସଭ୍ୟତାଗତ ସ୍ମାରକୀର ବର୍ଣ୍ଣନା ଥାଏ । ଭାରତର ସ୍ୱାଧୀନତା କ୍ରୋଧରୁ ନୁହେଁ ବରଂ ବିଶ୍ୱାସରୁ ଜନ୍ମ ନେଇଥିଲା ବୋଲି ଏହା ବାର୍ତ୍ତା ଦେଇଥାଏ। ଆଜାଦିକା ଅମୃତ ମହୋତ୍ସବ, ବିଦ୍ୟାଳୟ ପ୍ରତିଯୋଗିତା ଏବଂ ସାଂସ୍କୃତିକ ଅଭିଯାନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଯୁବବର୍ଗଙ୍କ ମଧ୍ୟରେ ଏହି ଗୀତକୁ ପୁନର୍ଜୀବିତ କରିଛନ୍ତି। ଡିଜିଟାଲ୍ କୋୟର, ଡ୍ରୋନ୍-ଲାଇଟ୍ ଶୋ ଏବଂ ଅର୍କେଷ୍ଟ୍ରା ପରିବେଷଣ ଜରିଆରେ ବର୍ତ୍ତମାନର ସରକାରୀ କାର୍ଯ୍ୟକ୍ରମରେ ଏହାର ସ୍ୱର ଶୁଣିବାକୁ ମିଳୁଛି ।

ଯେତେବେଳେ ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠରେ ଅବତରଣ କଲା, ସୋସିଆଲ ମିଡିଆ ''ଚନ୍ଦ୍ରପୃଷ୍ଠରୁ ବନ୍ଦେ ମାତରମ୍'' ବାର୍ତ୍ତା ସହ ଉଚ୍ଛୁଳି ଉଠିଥିଲା। ଯେଉଁ ଗୀତଟି ଏକ ସାମ୍ରାଜ୍ୟକୁ ବିରୋଧ କରିଥିଲା, ତାହା ଏବେ ବ୍ରହ୍ମାଣ୍ଡକୁ ଅଭିବାଦନ ଜଣାଉଛି। ବିଭିନ୍ନ ସମୟରେ, ସମାଲୋଚକମାନେ ଏହି ଗୀତର ଚିତ୍ରଣ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏଥିରେ ଦେବୀଙ୍କ ଆବାହନକୁ ବହିଷ୍କାରବାଦୀ ବୋଲି କହିଛନ୍ତି। କିନ୍ତୁ ସେମାନେ ଦିବ୍ୟତାର ଭାରତୀୟ ଧାରଣାକୁ ଭୁଲ ବୁଝିଛନ୍ତି। ଆମ ସଂସ୍କୃତିରେ, ମାତା ଧର୍ମଶାସ୍ତ୍ରୀୟ ନୁହଁନ୍ତି ବରଂ ପାର୍ଥିବ। ସେ ଆମେ ନିଶ୍ୱାସ ନେଉଥିବା ବାୟୁ, ଆମେ ପିଉଥିବା ପାଣି, ଆମେ କହୁଥିବା ଭାଷାରେ ଅଛନ୍ତି । ସରକାରୀ ଭାବେ ଗ୍ରହଣୀୟ ହୋଇଥିବା ପ୍ରଥମ ଦୁଇଟି ଛନ୍ଦ ନଦୀ, କ୍ଷେତ ଏବଂ ପବନକୁ ବର୍ଣ୍ଣନା କରିଥାଏ। ମା' ସ୍ୱୟଂ ପ୍ରକୃତି ଅଟନ୍ତି । ''ବନ୍ଦେ ମାତରମ୍'' କୌଣସି ଧର୍ମ ଆଧାରିତ ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ବିଶ୍ୱାସକୁ ଗ୍ରହଣ କରେ ନାହିଁ - ଏହା ଶ୍ରଦ୍ଧା ଉପରେ ଆଧାରିତ। ଏହା ପ୍ରଭୁତ୍ୱକୁ ନୁହେଁ, ବରଂ ମାତୃଭୂମି ପ୍ରତି ଭକ୍ତିକୁ ସମ୍ମାନ କରେ। ବିଜୟ ନୁହେଁ, ବରଂ କରୁଣାର ବାର୍ତ୍ତା ଦିଏ।

**ଏହା ଏବେ ବି କାହିଁକି ଗୁରୁତ୍ୱପୂର୍ଣ୍ଣ :**

ଭଗ୍ନ ପରିଚୟର ଯୁଗରେ, 'ବନ୍ଦେମାତରମ୍' ଏକ ଭାବନା ମାଧ୍ୟମରେ ଏକତା ପ୍ରଦାନ କରେ। ଏହା ଭାରତୀୟମାନଙ୍କୁ ମନେ ପକାଇ ଦିଏ ଯେ ଜାତୀୟତା ଏକ ବିଚାରଧାରା ନୁହେଁ ବରଂ ଏକ ଉତ୍ତରାଧିକାର। ଏହା କେବଳ କୃତଜ୍ଞତା ଚାହେଁ - ରାଜନୀତି, ଧର୍ମବିଶ୍ୱାସ ଠାରୁ ଊର୍ଦ୍ଧ୍ୱରେ ଏକ ଭାବନା। ଏହା ଜାତୀୟତାବାଦକୁ ପୁନଃପରିଭାଷିତ କରେ - ଛାତିଥରା ଗର୍ବ ଭାବରେ ନୁହେଁ, ବରଂ ନୀରବ ସେବା ଭାବରେ। ବଙ୍କିମ ଚନ୍ଦ୍ରଙ୍କ ଦୃଷ୍ଟିକୋଣରେ, ମା'ଙ୍କୁ ପ୍ରଣାମ କରିବାର ଅର୍ଥ ହେଉଛି ତାଙ୍କର ନଦୀ, ଜଙ୍ଗଲ ଏବଂ ସନ୍ତାନମାନଙ୍କୁ ସୁରକ୍ଷା କରିବା। ୨୦୨୫ରେ ''ବନ୍ଦେମାତରମ'' ୧୫୦ ବର୍ଷ ପୂରଣ କରୁଥିବାରୁ, ଭାରତ ଏହାକୁ ନୂତନ ରୂପରେ ଉପସ୍ଥାପନ କରୁଛି । ଏଆଇ-ଚାଳିତ ସିମ୍ଫୋନିଗୁଡ଼ିକ ସାଟେଲାଇଟ୍ ଚିତ୍ର ମାଧ୍ୟମରେ ଏହାର ପଦଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । ଯେପରି ନଦୀଗୁଡ଼ିକ ତାଳରେ ପ୍ରବାହିତ ହେଉଛି, ଫସଲଗୁଡ଼ିକ ସମବେତ ଭାବରେ ଦୋହଲୁଛି । ବିଭିନ୍ନ ରାଜ୍ୟର ସ୍କୁଲ ପିଲାମାନେ ଏହାକୁ ୨୨ଟି ଭାଷାରେ ଗାଉଛନ୍ତି । କଳାକାରମାନେ ଏହାକୁ ରାପ୍, ଶାସ୍ତ୍ରୀୟ ନୃତ୍ୟ ଏବଂ ଫ୍ୟୁଜନରେ ପୁନଃମିଶ୍ରଣ କରୁଛନ୍ତି ।

ପ୍ରଯୁକ୍ତିବିଦ୍ୟା ଏହାର ପବିତ୍ରତାକୁ ନଷ୍ଟ କରିନାହିଁ ଏହା ଏହାକୁ ବୃଦ୍ଧି କରିଛି। ମାତା ଏବେ ସଂହିତାରେ କଥା କୁହନ୍ତି, କିନ୍ତୁ ତାଙ୍କର ଗୀତ ସମାନ ରହିଛି। ଏହାର ମୂଳରେ, 'ବନ୍ଦେ ମାତରମ୍' ରାଜନୈତିକ କବିତା ନୁହେଁ - ଏହା ଏକ ଦର୍ଶନ। ଏହା ଭାରତୀୟମାନଙ୍କୁ କର୍ତ୍ତବ୍ୟ ସହିତ ଭକ୍ତିକୁ ମିଶ୍ରଣ କରିବାକୁ ଆହ୍ୱାନ କରେ। ଏହି ମାଟିରେ ଜନ୍ମ ନେବା ହେଉଛି ଭାଗ୍ୟ ଏହାର ସେବା କରିବା ହେଉଛି ଧର୍ମ । ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ମାତାଙ୍କ ଆବାହନ ଆମ ସମୟର ପରିବେଶଗତ, ଆଧ୍ୟାତ୍ମିକ ଏବଂ ନୈତିକ ପ୍ରଶ୍ନଗୁଡ଼ିକୁ ପୂର୍ବାନୁମାନ କରିପାରିଥିଲା। ଆଜି ବନ୍ଦେ ମାତରମ୍ ଗାଇବା ହେଉଛି ପ୍ରଗତି ଓ ସଂରକ୍ଷଣ, ଶକ୍ତି ଓ ଶାନ୍ତି ମଧ୍ୟରେ ସନ୍ତୁଳନକୁ ମନେ ପକାଇବା। ଇତିହାସରେ ବହୁତ କମ୍ ଗୀତ ଭିନ୍ନ ଭିନ୍ନ ସାମ୍ରାଜ୍ୟରେ ତିଷ୍ଠି ରହିଛି। ବନ୍ଦେ ମାତରମ୍ ତାହା କରିପାରିଛି। ନିଷିଦ୍ଧ, ବିତର୍କିତ, ବିଚ୍ଛେଦିତ - ତଥାପି ଏହା ଅପରାଜିତ । କାରଣ ଆତ୍ମାରୁ ଉତ୍ପନ୍ନ ଗୀତଗୁଡ଼ିକୁ ନୀରବ କରାଯାଇପାରିବ ନାହିଁ। ଔପନିବେଶିକ କାରାଗାରରୁ ଅଲିମ୍ପିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ, ବଙ୍ଗଳାର ନଦୀକୂଳରୁ ଚନ୍ଦ୍ର ପୃଷ୍ଠ ପର୍ଯ୍ୟନ୍ତ, ଏହାର ପ୍ରତିଧ୍ୱନି ବଜାୟ ରହିଛି। ଯୁଦ୍ଧ ପୂର୍ବରୁ ସୈନିକମାନେ ଏହାକୁ ଗୁଣୁ ଗୁଣୁ ହୋଇ ଗାଆନ୍ତି ସ୍କୁଲ ପ୍ରାର୍ଥନା ପୂର୍ବରୁ ପିଲାମାନେ ଏହାକୁ ଗାଇଥା'ନ୍ତି। ଏହା ଭାରତର ପ୍ରଥମ ପ୍ରେମର ଭାଷା। ୧୮୭୫ ମସିହାରେ ସେହି ଅକ୍ଷୟ ନବମୀ ଅପରାହ୍ଣରେ ଯେତେବେଳେ ବଙ୍କିମଚନ୍ଦ୍ର ଚାଟାର୍ଜୀ ''ବନ୍ଦେମାତରମ୍'' ଲେଖିଥିଲେ, ସେ ଜାଣିପାରି ନ ଥିଲେ ଯେ ତାଙ୍କ କଲମ ଗୋଟିଏ ସାମ୍ରାଜ୍ୟକୁ ପଛରେ ପକାଇଦେବ। ତାଙ୍କ ସ୍ତୋତ୍ର ଗୋଟିଏ ଜାତିର ଆତ୍ମା ହୋଇଯିବ।

ଆଜି, ଯେତେବେଳେ ଭାରତ ପୁନର୍ବାର ଅଭ୍ୟୁଦୟ ହେଉଛି - ଆତ୍ମବିଶ୍ୱାସୀ, ବହୁଳତାବାଦୀ, ପ୍ରାଚୀନ ଏବଂ ଯୁବଚପଳ - ମା' ଏବେ ବି ଶୁଣୁଛନ୍ତି। ସେ କୌଣସି ଦାନ ମାଗୁନାହାନ୍ତି, କେବଳ ସ୍ମୃତି ଚାହାଁନ୍ତି। ପ୍ରତ୍ୟେକ ଥର ଆମେ 'ବନ୍ଦେ ମାତରମ୍' କହି, ଆମେ ନିଜକୁ ମନେ ପକାଇ ଦେଉଛୁ ଯେ କୃତଜ୍ଞତା ବିନା ସ୍ୱାଧୀନତା ଫମ୍ପା। ମା' ସ୍ୱାଧୀନ । ପିଲାମାନଙ୍କୁ ଏବେ ଯୋଗ୍ୟ ପ୍ରମାଣିତ କରିବାକୁ ପଡିବ ବୋଲି ଦର୍ଶାଇ ଶ୍ରୀ ଅରବିନ୍ଦ ଯଥାର୍ଥରେ ଲେଖିଛନ୍ତି: ''କାରଣ ରାଷ୍ଟ୍ର କେବଳ ସୈନ୍ୟବାହିନୀ ଦ୍ୱାରା ଗଢ଼ା ହୁଏ ନାହିଁ, ବରଂ ଯେଉଁମାନେ ମା'ଙ୍କ ସ୍ୱର ଶୁଣିପାରନ୍ତି ଏବଂ ପ୍ରେମରେ ତାଙ୍କୁ ପ୍ରଣାମ କରନ୍ତି ସେମାନଙ୍କ ଦ୍ୱାରା ରାଷ୍ଟ୍ର ଗଠନ ହୁଏ ।'' ବନ୍ଦେମାତରମ୍, ମା', ଆମେ ତୁମକୁ ପ୍ରଣାମ କରୁଛୁ।

**ଲେଖକ ଓ ଆଇଜିଏନସିଏର ସଦସ୍ୟ ସଚିବ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଲିଗଲା...

ବିଜାପୁର ଜାତୀୟ ରାଜପଥରେ କିଛିଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ପୋଲିସ ତାହାର ତଦନ୍ତ କରୁଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀ ଘଟଣାରେ ଶୋକ ପ୍ରକାଶ କରିବା ସହ ଆହତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିଭଳି ରାଜସ୍ଥାନର ଜୟପୁର ଲୋହାମଣ୍ଡି ରାସ୍ତାରେ ଏକ ଡମ୍ପର ନିୟନ୍ତ୍ରଣ ହରାଇ ଅନେକ ଗାଡ଼ିକୁ ଧକ୍କା ଦେଇ ଆଗକୁ ବଢ଼ି ଚାଲିଥିଲା । ୧୯ ଜଣ ଯାତ୍ରୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି ଓ ୪୦ ଜଣ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି । ଡମ୍ପର ଧକ୍କା ଦେଉଥିବା ଗାଡ଼ି ତଳେ ଲୋକମାନେ ଏବେବି ଫସି ରହିଥିବାର ଆଶଙ୍କା କରାଯାଉଛି । ସୂଚନା ଅନୁଯାୟୀ ଡ୍ରାଇଭର ମଦ ପିଇଥିଲେ ଏବଂ ସେ ୫ କିମି ଯାଏ ନିୟନ୍ତ୍ରଣ ହରାଇ ବହୁ ଗାଡ଼ି ଯଥା କାର ଓ ମୋଟର ସାଇକେଲକୁ ଧକ୍କା ଦେଇଥିଲେ । ଏଥିପୂର୍ବ ବିପରିତ ଦିଗରୁ ଆସୁଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଗାଡ଼ିଟି ଏତେ ଦ୍ରୁତ ଗତିରେ ଚାଲୁଥିଲା ଯେ ବିପରିତ ପଟୁ ଆସୁଥିବା ଗାଡ଼ିଗୁଡ଼ିକୁ ଧକ୍କା ଦେଇ ଚାଲିଥିଲା । ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପୋଲିସ କହିବାନୁଯାୟୀ ପିଡିତମାନେ ହେଉଛନ୍ତି ଜୋଧପୁରର ସୁରସାଗର ଅଞ୍ଚଳର । ଉଭୟ ଦୁର୍ଘଟଣା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

### କୁରୁପତି...

ସୁନୀଲ ହୋତା ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଗତ ଅକ୍ଟୋବର ୨୮ ତାରିଖରେ ଦୁଇଜଣ ବିହାରୀ ସୁଟରଙ୍କୁ ବ୍ରହ୍ମପୁରରେ ନିଜ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଶୁଭ୍ରୟ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଗତ ୨୨ ତାରିଖ ଖବରଦାତା ସମ୍ମିଳନୀରେ ଏସପି ବିକ୍ରମ ଓ ପିଣ୍ଟୁ ଦାସ ମିଳିତ ଭାବେ ଏହି ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲେ ବୋଲି କହିଥିଲେ । ମୋଟ ୫୦ ଲକ୍ଷ ଟଙ୍କାରେ ଡିଲ ହୋଇଥିବା ବେଳେ ସୁଟରମାନେ ଆଗୁଆ ୧୦ ଲକ୍ଷ ନେଇଥିଲେ । ପୋଲିସ ଅଭିଯୁକ୍ତଙ୍କ ଠାରୁ ୨ ଟି ବନ୍ଧୁକ, ୫ ମୋବାଇଲ ଜବତ କରିଥିଲା । ଘଟଣାରୁ ପ୍ରକାଶ ଯେ, ଗତ ଅକ୍ଟୋବର ୬ ତାରିଖ ରାତ୍ର ୧୦ଟାରେ ପୀତବାସ ନିଜ ଚାମ୍ବରରୁ ଘରକୁ ଫେରୁଥିଲେ । ତାଙ୍କ ଘର ନିକଟରେ ଯୋଜନାବଦ୍ଧ ଢଙ୍ଗରେ କୁରୁପତି ଭୂୟାଁ ଓ ପିଣ୍ଟୁ ପ୍ରଧାନ ପୀତବାସ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ । ସେ କିଛି କହିବା ପୂର୍ବରୁ କୁରୁପତି ଗୁଳି ଚଳାଇଥିଲା । ଗୁଳି ପୀତବାସଙ୍କ ଡାହାଣ ଛାତିରେ ବାଜିଥିଲା । ସେ ତଳେ ପଡି ଯାଇଥିଲେ । ପରେ ଅଭିଯୁକ୍ତ ଦୁଇ ବାଇକରେ ସେଠାରୁ ଚମ୍ପଟ ମାରିଥିଲେ ବୋଲି ତଦନ୍ତ ବେଳେ ଜଣାପଡିଥିଲା ।

### ଜେଲ୍...

ଚାହୁଁଥିଲେ । ସେ ଜୋର ପାଟି କରି କିଛି କହୁଥିଲେ କିନ୍ତୁ କ୍ରାଇମବ୍ରାଞ୍ଚ ଗାଡ଼ି ଡୋର୍ ଲକ୍ କରିଥିବାରୁ କିଛି ଶୁଣାଯାଇନଥିଲା । ପରବର୍ତ୍ତୀ ସମୟରେ ଗୋଳକ୍ରା ଥାନା ଆଇଆଇସି ଓ ଅନ୍ୟ ଅଧିକାରୀମାନେ ଆସି ଶଙ୍କର ବସିଥିବା ଗାଡ଼ିରେ ବସି କିଛି ଆଲୋଚନା କରିଥିଲେ । ରାତି ୮ଟାରେ ଶଙ୍କରଙ୍କୁ ତୁରନ୍ତ ଗାଡ଼ିରୁ ଓହ୍ଲାଇ ଦୌଡ଼ିଦୌଡ଼ି ମାଜିଷ୍ଟ୍ରେଟଙ୍କ ପାଖକୁ ନିଆଯାଇଥିଲା ସେତେବେଳେ ଶଙ୍କରଙ୍କ ପାଟି ବନ୍ଦ ହୋଇଯାଇଥିଲା ।

### ଏସ୍ଆଇଆର...

ଯୋଗୁ ନଭେମ୍ବର ୪ ରୁ ଡିସେମ୍ବର ୪ ମଧ୍ୟରେ ଏହା କରିବା ସମ୍ଭବ ନୁହେଁ । ଗ୍ରାମାଞ୍ଚଳ ଭୋଟରମାନଙ୍କ ପାଖରେ ଅଫିସରମାନେ ପହଞ୍ଚିବାରେ ଅସୁବିଧା ହେବ । ଏହାଦ୍ୱାରା ବହୁ ସଂଖ୍ୟକ ଭୋଟ୍ ବାଦ୍ ପଡ଼ିବ । ତେବେ ବିଜୟଙ୍କର ନେତୃତ୍ୱାଧୀନ ଟିଭିକେ ଦଳ ଏହି ବୈଠକରେ ସାମିଲ ହୋଇନଥିଲା । ସେ ଏସ୍ଆଇଆର ବିରୁଦ୍ଧରେ ଆଇନଗତ ପଦକ୍ଷେପକୁ ସମର୍ଥନ କରିଛନ୍ତି । ବିରୋଧୀ ଦଳଗୁଡ଼ିକ କହିଛନ୍ତି ଯେ ଧାର୍ମିକ ସଂଖ୍ୟାଲଘୁଙ୍କୁ ଏହାଦ୍ୱାରା ଟାର୍ଗେଟ କରାଯାଉଛି । ସେମାନଙ୍କ ନାଁ କାଟିବା ପାଇଁ ଯୋଜନା କରାଯାଉଛି । ତାମିଲନାଡୁରେ ୬.୩ କୋଟି ଭୋଟର ଅଛନ୍ତି । ୩୦ ଦିନ ମଧ୍ୟରେ କିଭଳି ସବୁ ଭୋଟରଙ୍କର ସୂଚୀକୁ ଯାଞ୍ଚ କରାଯାଇପାରିବ ବୋଲି ପ୍ରଶ୍ନ କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଡିଏମ୍‌କେ ସଭାପତି ଏମ୍‌କେ ଷ୍ଟାଲିନ୍ କହିଛନ୍ତି ଯେ କିଛିମାସର ନିର୍ବାଚନ ପୂର୍ବରୁ ପ୍ରକୃତ ଭୋଟର ତାଲିକାରୁ ବାଦ୍ ଦେବାପାଇଁ ଏହି ଷଡ଼ଯନ୍ତ୍ର ହୋଇଛି । ବିହାରରେ ଏଭଳି କରାଯାଇଛି । ଏବେ ଅନ୍ୟ ରାଜ୍ୟରେ କରିବାକୁ ଚାହୁଁଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବ ଏହା ବିରୋଧରେ ପ୍ରତିବାଦ କରିଥିଲେ ।

### ଜବତ...

ଟଙ୍କା ମୂଲ୍ୟର ଡ୍ରଗ୍ସ, ୫.୮ କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଜିନିଷ ଏବଂ ୨୭ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନ୍ୟାନ୍ୟ ମାଗଣା ସାମଗ୍ରୀ ସମେତ ମୋଟାମୋଟି ୧୦୮.୧୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅବୈଧ ପ୍ରଲୋଭନକାରି ଦ୍ରବ୍ୟ ଜବତ କରାଯାଇଛି ।

ନିର୍ବାଚନ ସମୟରେ ନଗଦ ଟଙ୍କା, ନିଶାଦ୍ରବ୍ୟ, ଏବଂ ଅନ୍ୟାନ୍ୟ ପ୍ରଲୋଭନକାରି ସାମଗ୍ରୀର ଗତିବିଧି ଓ ବେଶନେଶ ଉପରେ କଡ଼ା ନଜର ରଖିବା ତା ସହ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଆୟୋଗ ସମସ୍ତ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ ଏହା ମଧ୍ୟ ସୁନିଶ୍ଚିତ କରିଛନ୍ତି ଯେ ପ୍ରବର୍ତ୍ତନ କର୍ତ୍ତୃପକ୍ଷ ଯାଞ୍ଚ ସମୟରେ ସାଧାରଣ ନାଗରିକମାନେ ଯେପରି କୌଣସି ଅସୁବିଧା କିମ୍ବା ହଇରାଣରେ ସମ୍ମୁଖୀନ ନ ହୁଅନ୍ତି ସେ ନେଇ ବିଶେଷ ଯତ୍ନବାନ ହେବେ । ନାଗରିକ/ରାଜନୈତିକ ଦଳଗୁଡ଼ିକ ଇ ସି.ଆଇ.ନେଟ ରେ ସି-ଭିଜିଲ୍ ଆପ୍ ବ୍ୟବହାର କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ରିପୋର୍ଟ ଦାଖଲ କରିପାରିବେ । ନିର୍ବାଚନ ସଂକ୍ରାନ୍ତୀୟ ଅଭିଯୋଗ ଦାଖଲ ପାଇଁ ଏକ ସ୍ୱତନ୍ତ୍ର କଲ ନମ୍ବର - ୧୯୫୦ର ବ୍ୟବସ୍ଥା ଆୟୋଗ କରିଛନ୍ତି । ଏହା ମାଧ୍ୟମରେ ଜନସାଧାରଣ କିମ୍ବା ରାଜନୈତିକ ଦଳର ସଦସ୍ୟ, ସମ୍ପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଆର୍‌ଓଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ । ଏହି ବ୍ୟବସ୍ଥା ୨୪ ଘଣ୍ଟା କାର୍ଯ୍ୟକ୍ଷମ ଅଟେ ।

ଅଦ୍ୟାବଧି ନୂଆପଡା ଅଞ୍ଚଳରୁ ୬୯ ଲିଟରର ବିଅର୍,୩୮ ଲିଟରର ବିଦେଶୀ ମଦ, ୫୭୯୫ ଲିଟରର ହାତ ରନ୍ଧା ମଦ,୧୨୦୭ ଲିଟରର ବାହାର ଭାଟି ମଦ,୬୦ କେଜି ଗଞ୍ଜେଇ ଏବଂ ୧,୩୬,୭୦୦ କେଜି ମହୁଲ ପାଉଚ ଜବତ କରିଛନ୍ତି । ଏସବୁର ଆନୁମାନିକ ମୂଲ୍ୟ ୯୮ ଲକ୍ଷ ୬ ହଜାର ୫୯୨ ଟଙ୍କା ହେବ । ଏହା ସହିତ ପାଞ୍ଚ ଗୋଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛି ।

### ପାଇଖାନା...

ପକ୍ଷରୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା ।ଏପରି ଅବସ୍ଥାରେ ଶିବାନୀ ନାଏକଙ୍କ ଅଜା ଲକ୍ଷ୍ମୀଧର ନାଏକ ଉକ୍ତ ପରିତ୍ୟକ୍ତ ଟାଙ୍କି ନିକଟକୁ ଯାଇ ଭଙ୍ଗା ଢାଙ୍କୁଣୀ ଦେଖି ସନ୍ଦେହ କରି ଟାଙ୍କି ଭିତରେ ପ୍ରବେଶ କରି ତିନିଜଣ ଶିଶୁଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲ । ପରେ ତୁରନ୍ତ ସେମାନଙ୍କୁ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଘଟଣା ସ୍ଥଳରେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପହଞ୍ଚି ତିନୋଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ । ପରେ ଘଟଣା ସ୍ଥଳରେ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ଅତିରିକ୍ତ ତହସିଲଦାର ସୁବାଷ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେପି ନେତା ବିଭୁଦତ୍ତ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଜିଲ୍ଲା ରେଡ଼କ୍ରସ ସହାୟତା ପାଣ୍ଠି ତରଫରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ଏଭଳି ଘଟଣା ଆଗରୁ କେବେ ଘଟିବା ନଜିରରେ ନଥିବାବେଳେ ଡାକ୍ତରଖାନା ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

### ଭୋଟ୍...

ନୂଆପଡା ଜିଲ୍ଲାର ପ୍ରଭୂତ ଉନ୍ନତି ହୋଇଥିଲା । ବିଜୁ ଏକ୍ସପ୍ରେସ ୱେ ଠାରୁ ଆରମ୍ଭ କରି ଭଲ ପିଇବା ପାଣି, ୧୦ହଜାର ହେକଟରରୁ ଅଧିକ ଜମିକୁ ପାଣି ଦିଆଯାଇଛି । ସୁନାବେଡା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ବିଜେପି ସରକାର ଆସିବାପରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି କହି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । ବିଜେପି ସରକାରଙ୍କୁ ସମାଲୋଚନା କରି ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ, ଯେ ସାରା ରାଜ୍ୟରେ ଏବେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି । ଆଇନ ଶୃଙ୍ଖଳା ପୂରା ଭୁଶୁଡି ଯାଇଛି । ରାଜ୍ୟରେ ଏକ ନୀରବ ବିପ୍ଳବ ଆଣିଥିବା ମିଶନ୍ ଶକ୍ତି ମା’ ମାନେ ଆଜି ଋଣ ପାଉନାହାଁନ୍ତି । ୮ ମାସ ହେଲା ମିଶନ ଶକ୍ତି ମା’ମାନେ ଦରମା ପାଉ ନ ଥିବାରୁ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିଥିଲେ । ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି । ମିଛ ପ୍ରଚାରରେ ହିରୋ, କିନ୍ତୁ କାମରେ ଜିରୋ । ଏ ସରକାର ଗେମ୍ ଚେଞ୍ଜର ନୁହେଁ ନେମ ଚେଞ୍ଜର ସରକାର । ରଙ୍ଗ ମରା ସରକାର । ୩୦୦ୟୁନିଟ ମାଗଣା ବିଜୁଳି, ସବୁ ବୁଢ଼ାବୁଢ଼ୀଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା, ସବୁ ପଂଚାୟତର ୧୦୦ ଯୁବକଙ୍କୁ ଚାକିରୀ ଭଳି ବିଜେପିର ପ୍ରତିଶ୍ରୁତି ପାଣିର ଗାର ପାଲଟି ଯାଇଛି । ଚାଷୀଙ୍କୁ ସାର ମିଳୁନି, କଟନୀ ଛଟନୀ ବନ୍ଦ ହେଲାଣି । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ଭୋଟ ଚୋରି କରି ସରକାର ଗଢ଼ିଥିଲା । ଏବେ ପ୍ରାର୍ଥୀ ଚୋରି କରୁଛନ୍ତି । ଆସନ୍ତା ୧୧ ତାରିଖରେ ନୂଆପଡ଼ାବାସୀ ବିଜେପିକୁ ଏହି ପ୍ରତାରଣାର ଜବାବ ଦେବେ ବୋଲି କହିଥିଲେ

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱ କରି କହିଥିଲେ, ନୂଆପଡ଼ାରେ କେବଳ ବିଜେଡି ହିଁ ବିକାଶ ଜାରି ରଖିପାରିବ । ନୂଆପଡ଼ାବାସୀ ସର୍ବଦା ନବୀନ ବାବୁଙ୍କ ସହିତ ଥିଲେ ଆଉ ରହିବେ । ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି କହିଥିଲେ । ଏହି ଜନସଭାରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ, ଟୁକୁନୀ ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, କଳିକେଶ ସିଂଦେଓ, ପୁଷ୍ପେନ୍ଦ୍ର ସିଂଦେଓ, ନିରଂଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ୍, ସର୍ମିଷ୍ଠା ସେଠୀ, ଡଲି ମାଝୀ, ଦିପାଲି ଦାସ , କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍‌ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱ ରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, ରୂପେଶ ପାଣିଗ୍ରାହୀ, ମନୋଜ ମିଶ୍ର, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁବାସ ସିଂ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିରାଜ ସିଂ ମାଝୀ, ଇଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଭାଷଣ ଦେଇ ଥିଲେ ।

## ଖୋଲିଲା କୁଲଡ଼ିହା ଅଭୟାରଣ୍ୟ

# ପ୍ରଥମଦିନରେ ମାତ୍ର ୬ ଜଣ ପର୍ଯ୍ୟଟକ

ନୀଳଗିରି ୦୩/୧୧,(ସବ୍ୟୁ): ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବର୍ଷାଦିନ ପାଇଁ ଗତ ଜୁନ୍ ୧୫ରୁ ବନ୍ଦ ରହିଥିବା ବେଳେ ନଭେମ୍ବର ୧ ଶନିବାରରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଖୋଲିଲା । ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ପ୍ରଥମ ଦିନରେ ଅଭୟାରଣ୍ୟର କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ । ପ୍ରଥମ ପର୍ଯ୍ୟଟକ ଭାବେ ମୟୁରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ସୋମନାଥ ଦତ୍ତ ତାଙ୍କର ଚାରି ପରିବାର, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାମଚନ୍ଦ୍ର ଟୁଡୁଙ୍କର ଦୁଇ ଜଣ ମୋଟ ୬ ଜଣ ପର୍ଯ୍ୟଟକ ଆସିଥିଲେ । ଏହି ୬ଜଣଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଫିତାକାଟି ଥିବା ବେଳେ, ବାଲେଶ୍ୱର ଏ.ସି.ଏଫ୍ ସଭୋନ ଦିଗନ୍ତ ଚାନ୍ଦ ଗେଟ୍ ଖୋଲିଥିଲେ । କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ଫରେଷ୍ଟର ସହ ଫରେଷ୍ଟଗାର୍ଡ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ କୁଲଡିହା ଅଭୟାରଣ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ବନବିଭାଗ ହାତକୁ ନେଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭୟାରଣ୍ୟ ଖୋଲିଲା ହେଲେ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇପାରିନି ।ସେହିପରି ଗୋହିରାଭୋଳ ନିକଟରେ ଥିବା ରିସିଆ ପ୍ରକୃତି ନିବାସ ପାଖରେ ପର୍ଯ୍ୟଟକଙ୍କ ବୋଟିଂ ସକାଶେ ରିସିଆ ଡ୍ୟାମ ଭିତରେ ବୋଟିଂ କରିବାର ବ୍ୟବସ୍ଥା ରହିଥିଲା । ଏବେ ଏହି ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇ ପଡ଼ିଛି ଏବଂ ପ୍ରକୃତି ନିବାସରେ କିଛି ସୋଲାର ସିଷ୍ଟମ ଅଚଳ ହୋଇ ପଡିଛି । ଏଠାରେ ପର୍ଯ୍ୟଟକ ଓ୍ୱେବସାଇଟରୁ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ହେଲେ ଏଠାକୁ ଆସିବାକୁ ପର୍ଯ୍ୟଟକଙ୍କ ପାଇଁ ବନବିଭାଗ ଉନ୍ନତ ସୁବ୍ୟବସ୍ଥା କରିନାହିଁ । କୁଲଡିହା ଅଭୟାରଣ୍ୟରୁ ପର୍ଯ୍ୟଟକ ମୁହଁ ମୋଡିଲେଣି ଏ ସମ୍ପର୍କରେ କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରାଙ୍କ ମତାମତ ନେବାରୁ ସେ କହିଥିଲେ ଯାହା ବି ଅବ୍ୟବସ୍ଥା ରହିଛି ଏସଟିମେଣ୍ଟ କରି ସରକାରଙ୍କୁ ଜଣେଇଛୁ ଫଣ୍ଡ ଆସିଲେ କାମକରିବୁ । ସୂଚନା ଥାଉ କି ବାଲେଶ୍ୱର ସହରର ରୁ ପ୍ରାୟ ୩୦କିମି ଏବଂ ନୀଳଗିରି ଠାରୁ ୧୨ କିମି ଦୂରରେ ଏହି କୁଲଡିହା ଅବସ୍ଥିତ । ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଲଡିହା ଅଭୟାରଣ୍ୟ ଭିତରେ ରହିଛି ବାଘ, ଭାଲୁ, ହାତୀ, ଠେକୁଆ, ସମ୍ବର, ହରିଣ, ବଜ୍ରକାପ୍ତା,ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି । ରାତ୍ର ରହଣି ନିମନ୍ତେ ରିଷିଆ ପ୍ରକୃତି ନିବାସରେ ୯ଟି ତମ୍ବୁ ଘରେ ଶୌଚାଳୟ, ଆଲୋକ ବ୍ୟବସ୍ଥା ଏବଂ ବୋଟିଂ ଆଦିର ବ୍ୟବସ୍ଥା ରହିଥିଲା । ଏହା ସହ ଗଡ଼ସିମୁଳିଆ ଓ ମେଛକୁଣ୍ଡ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଥିଲା ।


**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ କଟକ ନୟାସଡ଼କ ଶାଖା**

**ସର୍ବସାଧାରଣ ବିଜ୍ଞପ୍ତି**

ସମସ୍ତ ବ୍ୟାଙ୍କ ଗ୍ରାହକଙ୍କୁ ଜଣାଇ ଦିଆଯାଉଛି ଯେ, **ମହମ୍ମଦ କୈଶର,** ପିତା : ସେଖ ନଜିର, ସା: ଦେୱାନ ବଜାର, ପୋ: ବକ୍ସି ବଜାର, ଥାନା: ଲାଲବାଗ, ଜିଲ୍ଲା: କଟକ, ପିନ୍ : ୭୫୩୦୦୧, **ମୋବାଇଲ ନଂ.: ୯୮୬୧୧୮୭୫୧୨,** ଯିଏ କି **କଟକ ନୟାସଡ଼କ ଶାଖା** କାର୍ଯ୍ୟାଳୟ ପକ୍ଷରୁ ପିଏନ୍‌ବି(ଇ ୟୁଏନଆଇ)ରେ ଦୈନିକ ଜମା ସଂଗ୍ରହକାରୀ ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କ ବ୍ୟକ୍ତିଗତ କାରଣ ଯୋଗୁଁ ସେ ଶାଖାକୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ବର୍ତ୍ତମାନ ଆମେ ଏହି ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଦୈନିକ ଜମାକାରୀଙ୍କୁ ଜଣାଉଛୁ ଯେ ଯଦି ଦୈନିକ ଜମା ସଂଗ୍ରହ ସମ୍ପର୍କିତ କୌଣସି ସମସ୍ୟା ରହିଛି, ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ **ମୋବାଇଲ ନଂ.: ୯୮୬୧୧୮୭୫୧୨** ମାଧ୍ୟମରେ **ମହମ୍ମଦ କୈଶରଙ୍କ** ସହିତ ଯୋଗାଯୋଗ କରିପାରିବେ କିମ୍ବା **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ କଟକ ନୟାସଡ଼କ ଶାଖା** କାର୍ଯ୍ୟାଳୟକୁ ଯାଇପାରିବେ । ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ପରେ କୌଣସି ମାମଲା ବିଚାରକୁ ନିଆଯିବ ନାହିଁ ।

**ବରିଷ୍ଠ ଶାଖା ପରିଚାଳକ**


# ଏସ୍ଆଇଡିଏମ୍ ଚାମ୍ପିଅନ ଆୱାର୍ଡରେ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ) : ଓଡିଶାଭିତ୍ତିକ ଏରୋସ୍ପେଶ ଓ ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ, ବନ୍‌ଭି ଏରୋ ଏସଆଇଡିଏମ ଚାମ୍ପିଅନ ଆୱାର୍ଡ (ସ୍ପେଶାଲ ଜୁରୀ) ହାସଲ କରି ଜାତୀୟସ୍ତରୀୟ ସଫଳତା ହାସଲ କରିଛି ଛ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବନ୍‌ଭି ଏରୋର ସହ-ପ୍ରତିଷ୍ଠାତା ତଥା ସିଇଓ, ସତ୍ୟବ୍ରତ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ଛ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଶତପଥୀ ଏହି ଆୱାର୍ଡକୁ ଦେଶ ଓ ସଶସ୍ତ୍ର ବାହିନୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସୋସାଇଟି ଅଫ ଇଣ୍ଡିଆନ ଡିଫେନ୍ସ ମାନୁଫ୍ୟାକ୍ଚରର୍ସ (ଏସଆଇଡିଏମ) ଦ୍ୱାରା ସ୍ଥାପିତ ଏହି ଚାମ୍ପିଅନ ଆୱାର୍ଡ ସ୍ୱଦେଶୀ ପ୍ରତିରକ୍ଷା ନିର୍ମାଣ ଓ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତାକୁ ପାଳନ କରୁଛି ।କମ୍ପାନୀର ସ୍ୱଦେଶୀ ପ୍ରପଲ୍ସନ ସିଷ୍ଟମ, ରଗ୍‌ଡ ଏୟାରଫ୍ରେମ ଓ ସେଲଫିଫ୍ଲାଇଙ୍ଗ ଟେକ୍ନୋଲୋଜିଗୁଡିକ ଅନ୍ୟାନ୍ୟ ଏରିଏଲ ସିଷ୍ଟମ (ୟୁଏଏସ)ଗୁଡିକର ପରିଭାଷାକୁ ସମ୍ପ୍ରସାରିତ କରିଛି ।


**AFFIDAVIT**

By virtue an Affidavit Sworn before (Executive Magistrate).Bhubaneswar,dated-01/11/2025. I, SANTOSH KUMAR DAS, Address -C/L 49; VSS NAGAR, PO: SAHEED NAGAR; BHUBANESWAR-751007 declare that I have changed the name of my **daughter** from **Debanshee** to **Debanshee Das**. Henceforth, she shall be known as **Debanshee Das** for all purposes.



**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR**

Phone-0680-2291405
E-Mail: eerw_gm1@yahoo.co.in

O-1264 **Government of Odisha e-Procurement Notice**

**Bid Identification No. Online Tender// 12 // SERWDG-I//2025-26**

**Letter No. 4952 // RWDG-I//BAM// Date: 25.10.25**

| | | | |
|---|---|---|---|
| 1 | Name of the Work | : | Repair to Road Works |
| 2 | Estimated Cost | : | Rs.6.72 to 42.02 Lakhs |
| 3 | Period of Completion | : | As per Annexure Column No. 06. |
| 4 | Date & Time of Availability of Bid Documents in the Portal | : | From 03.11.2025 at 11.00 AM to 19.11.2025 up to 5.00 PM |
| 5 | Last Date/ Time for Receipt of Bids in the Portal | : | 19.11.2025 up to 5.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**

**Sd/- Executive Engineer**
**R.W Division-I, Ganjam**
**Berhampur**


# ଟାଇମକୁ ନେଇ ଦୁଇ ବସ ଚାଳକଙ୍କ ମାରପିଟ,ଯାତ୍ରୀ ହଟହଟା

ଗୋପ,(ସବ୍ୟୁ): ସୋମବାର ଅପରାହ୍ନରେ ଗୋପ ବଜାର ଛକ ନିକଟରେ ଦୁଇଟି ଯାତ୍ରୀବାହୀ ବସ ଟାଇମ ଟେବୁଲକୁ ନେଇ ମାରପିଟ ହେବା ଅଭିଯୋଗ ହୋଇଛି । ପୋଲିସ ଦୁଇ ଯାତ୍ରୀବାହୀ ବସ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି । ରାଜରାସ୍ତାରେ ଏପରି ଏକ ଘଟଣାକୁ ନେଇ ଦୁଇ ଗୋଟି ବସରେ ଥିବା ଯାତ୍ରୀମାନେ ହଟହଟା ହୋଇ ଥିବା ବେଳେ ପୁରୀ କୋଣାର୍କ ରୁ ଫେରୁଥିବା ଶତାଧିକ ପର୍ଯ୍ୟଟକ ଗାଡ଼ି ଦୀର୍ଘ ସମୟଧରି ଅଟକି ରହିଥିଲା । ପ୍ରକାଶ ଯେ ପାରାଦୀପରୁ ପ୍ରତ୍ୟେକ ଦିନ ଦୁଇ ଗୋଟି ଯାତ୍ରୀବାହୀ ବସ ପୁରୀ ଯାଇଥାଏ । ପୂର୍ବରୁ ଏହି ଦୁଇ ଗୋଟି ଯାତ୍ରୀବାହୀ ବସ ମଧ୍ୟରେ ଛାଡିବା ସମୟକୁ ନେଇ ବିବାଦ ରହିଥିଲା । ସୋମବାର ଏହି ବିବାଦକୁ କେନ୍ଦ୍ର କରି ଦୁଇବସ ମୁହାଁମୁହିଁ ହୋଇ ରାଜରାସ୍ତାରେ ରଖି ପ୍ରଥମେ କଟାକଟି ଓ ପରେ ମାରପିଟ ହୋଇ ଥିଲେ । ଏପରି କି ଏହି ମାରପିଟ ଯୋଗୁଁ ରାଜରାସ୍ତାରେ ରକ୍ତଛିଟା ପଡ଼ିଥିଲା । ଭୟରେ ଯାତ୍ରୀବାହୀ ବସରେ ଥିବା ଯାତ୍ରୀମାନେ ଓହ୍ଲାଇ ପଳାଇଥିଲେ । ଦୁଇ ଯାତ୍ରୀବାହୀ ବସର ଚାଳକ ଥାନକୁ ଯାଇଥିବା ବେଳେ ରାଜରାସ୍ତାରେ ଗାଡି ନ କାଢିବା ଫଳରେ ସାଧାରଣ ରେ ଅସନ୍ତୋଷ ଦେଖଦେବା ସହିତ ପର୍ଯ୍ୟଟନ ମାନେ ଓ ଅନ୍ୟାନ୍ୟ ଯାତ୍ରୀମାନେ ନାନାଦି ଅସୁବିଧା ର ସମ୍ମୁଖୀନ ହେବାକୁ ପଡିଥିଲା । ଖବର ପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରିଙ୍କ ନିର୍ଦ୍ଦେଶରେ ଗୋପ ଥାନା ଏସଆଇ ବୁଲୁ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଗୋଟି ବସକୁ ଥାନାକୁ ନେବା ପରେ ପର୍ଯ୍ୟଟକ ଓ ସାଧାରଣ ଲୋକମାନେ ଯିବା ଆସିବା କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ କିଛି ଦିନ ଧରି ପାରାଦୀପ ଓ ପୁରୀ ମଧ୍ୟ ରେ ଦୁଇ ଗୋଟି ଯାତ୍ରୀବାହୀ ବସ ଗୁରୁକୃପା ଓ ଶିବଶକ୍ତି ଚାଲୁଥିବା ବେଳେ ସମୟସୀମା ବିବାଦ ଲାଗି ରହିଥିବ ଅଭିଯୋଗରୁ ଜଣା ପଡ଼ିଛି । ଏ ସଂପର୍କରେ ପୋଲିସ ତଦନ୍ତ କରୁଥିବା ବେଳେ ଖବର ଯିବା ପର୍ଯ୍ୟନ୍ତ ମୋକଦ୍ଦମା ରୁଜୁ ହୋଇ ନ ଥିବା ସୂଚନା ମିଳିଛି । ।


**ପୂର୍ବ ତଟ ରେଳପଥ**

**ଟେଣ୍ଡର ସଂ. 44-KUR-TRD-OT-2025-26**

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାଳତୀପାଟପୁର(MLT) - ପୁରୀ(PURI) ସେକ୍ସନରେ ଡୁଆଲ MSDAC ଏବଂ ବାଇଡାଇରେକ୍ସନାଲ(Bi-Directional) ଉଭୟ ଅପ୍ ଏବଂ ଡାଉନ୍ ଲାଇନ ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗର ବ୍ୟବସ୍ଥା ସମ୍ବନ୍ଧୀୟ ସହାୟକ ଟ୍ରାନ୍ସଫର୍ମର (AT) ଏବଂ OHE କ୍ରୁପାନ୍ତରର କାର୍ଯ୍ୟର ବ୍ୟବସ୍ଥା ଏବଂ ଦୃଢ଼ିକରଣ ।

ବିଜ୍ଞାପିତ ମୂଲ୍ୟ (₹) : **1,04,65,408.34, EMD (₹) : 2,02,300.00,** ଶେଷ ହେବା ଅବଧି : **180** ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : **ତା.06.11.2025 ରିଖ ।**

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : **ତା.20.11.2025 ରିଖ 1300 ଘଟିକାରେ ।**

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-754/Q/25-26



**AFFIDAVIT**

By virtue of an affidavit sworn before Notary Public, Salipur, Cuttack, Odisha dated 01.11.2025, I Mrutyunjay Panigrahi, present and permanent Address at - Flat No- C 306, Metro Greenwoods Apartment, Patapur, Trisulia, Cuttack, Odisha - 754005 declare that I have changed the name of my daughter's from Aahana Rituparna to Aahana Anayra. Henceforth, she shall be known as Aahana Anayra for all purposes.

**Sd/- (Mrutyunjay Panigrahi)**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. II, BERHAMPUR**

Phone/Fax : 0680-2233996, e-mail : sernb2.ganjam@gmail.com

**INVITATION FOR BIDS (IFB) (e-Procurement)**

B-652 **TENDER CALL NOTICE**

**Bid Identification No. SC (R&B)-GM-II-16/2025-26 No. Dated. 27.10.2025**

1) The Superintending Engineer, Ganjam (R&B) Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in ONLINE MODE only for the work as detailed below :
2) Nature of Work : Electrical work
3) No. of work : 06 No.
4) Tender Cost : Rs. 6,000/-
5) Class of Contractor : HT of registered with the ELBO Authorized HT License
6) Availability of bid documents in the website : From 03.11.2025 10.00 AM to 14.11.2025 4.00 P.M.
7) Date of opening of Bid : 15.11.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**

**(Sd/- S. Panigrahi)**
**Superintending Engineer**
**Ganjam (R&B) Division No.II**


# ବିଦ୍ୟାଳୟ ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି

ଗୋପ,(ସବ୍ୟୁ): ରବିବାର ବିଳମ୍ବିତ ରାତ୍ରରେ ଗୋପ ଥାନା ଅଧିନ ବେଦପୁର ପଞ୍ଚାୟତ ସ୍ଥିତ ବେଦପୁର ପ୍ରାଥମିକ ବିଦ୍ୟାଳୟର କବାଟ ଭାଙ୍ଗି କେତେକ ଦୁର୍ବର୍ତ୍ତ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରିକରି ନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଗୋପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗ କୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି । ପ୍ରକାଶ ଯେ ରବିବାର ରାତିରେ କେତେକ ଦୁର୍ବର୍ତ୍ତମାନେ ସ୍କୁଲ ଗୃହର ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେବା ସୋମବାର ସ୍କୁଲ ଖୋଲିବା ପରେ ଜଣା ପଡିଥିଲା । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତା ପ୍ରିୟଦର୍ଶିନୀ ଦେଖିବା ପରେ ଏ ସମ୍ପର୍କରେ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥବା ବେଳେ । ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି କହିଛନ୍ତି ।


**ଦ.ପୂ. ରେଳପଥ-ଟେଣ୍ଡର**

ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟ କରୁଥିବା ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (ୱ୍ୟାଗେନ ୱାର୍କସ), ଖଡ଼ଗପୁର ୱାର୍କସପ, ଖଡ଼ଗପୁର ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : ଇ-ଟେଣ୍ଡର ନୋଟିସ୍ ନଂ : ଆଇସିଏଫ୍-ଏସ୍‌ଏସ୍-ପାଇପଲାଇନ-୨୫୦, କାର୍ଯ୍ୟର ନାମ : କୋଚ୍ ଗୁଡ଼ିକର ଏୟାର ବ୍ରେକ୍ ସିଷ୍ଟମରେ ଏସ୍‌ଏସ୍ ପାଇପ ଲାଇନ ଗୁଡ଼ିକର ରେଟ୍ରୋ ଫିଟମେଣ୍ଟ, କାର୍ଯ୍ୟସ୍ଥଳ : ଖଡ଼ଗପୁର ୱାର୍କସପ, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ-ଖଡ଼ଗପୁର, ଜିଲ୍ଲା-ପଶ୍ଚିମ ମେଦିନୀପୁର, ପିନ୍-୭୨୧୩୦୧, ପରିମାଣ : ୨୫୦ କୋଚ୍, ଟେଣ୍ଡର ମୂଲ୍ୟ : ଟ. ୧,୭୨,୯୨,୩୨୫.୦୦, ଅମାନତ ଅର୍ଥ : ଟ. ୨,୩୬,୫୦୦.୦୦, ଚୁକ୍ତି ଅବଧି: ଏଲ୍‌ଓଏ ଇସ୍ୟୁ ତାରିଖ ଠାରୁ ୧୨ ମାସ : ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୧.୧୨.୨୦୨୫ ଅପରାହ୍ନ ୧୫.୦୦ ଘଡିକା । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ । ବିଡିଙ୍ଗ୍ ସିଷ୍ଟମ : ସିଙ୍ଗଲ ପ୍ୟାକେଟ୍ ସିଷ୍ଟମ, ଚୁକ୍ତି ପ୍ରକାର : ସ୍ୱାଭାବିକ ଖୋଲା କାର୍ଯ୍ୟ ଟେଣ୍ଡର, ଟେଣ୍ଡର ପ୍ରକାର : ଖୋଲା, ଟେଣ୍ଡର ନୋଟିସ୍ ଏବଂ ଟେଣ୍ଡର ଡକ୍ୟୁମେଣ୍ଟର ସବିଶେଷ ବିବରଣୀ ଇ-ପୋର୍ଟାଲ ୱେବସାଇଟ **https://www.ireps.gov.in** ରେ ଉପଲବ୍ଧ ଅଟେ । (PR-797)



**SBI**

**ପୂର୍ବ-ଆୟୋଜନ ପ୍ରଚାର ବିଜ୍ଞପ୍ତି**

**ଡିଜିଟାଲ ଲାଇଫ ସାର୍ଟିଫିକେଟ (DLC) ଅଭିଯାନ 4.0- ଜାତୀୟ ଅଭିଯାନ**

ପେନ୍‌ସନ ଓ ପେନ୍‌ସନର୍ସ କଲ୍ୟାଣ ବିଭାଗ (**DoPPW**) ଦ୍ୱାରା ନଭେମ୍ବର ୨୦୨୫ ମାସରେ ସାରା ଦେଶରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ (**DLC**) ଅଭିଯାନ **4.0** ଆୟୋଜନ କରାଯାଉଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବୃଦ୍ଧାଭିବୃତ୍ତିପ୍ରାପ୍ତ ଓ ପରିବାର ପେନ୍‌ସନର୍ସମାନେ ଡିଜିଟାଲ ପ୍ରଯୁକ୍ତି, ବିଶେଷତଃ ମୁହଁ ପରିଚୟ (**Face Authentication**) ମାଧ୍ୟମରେ ସହଜ ଭାବରେ ଲାଇଫ ସାର୍ଟିଫିକେଟ ଦାଖଲ କରିପାରିବେ । ଏହା ସରକାରଙ୍କ ଡିଜିଟାଲ ଇଣ୍ଡିଆ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (**SBI**) ପକ୍ଷରୁ ବାଲେଶ୍ୱର ମେନ୍ ବ୍ରାଞ୍ଚ, ମୋତିଗଞ୍ଜ ବ୍ରାଞ୍ଚ, ଓଟି ରୋଡ ବ୍ରାଞ୍ଚ, ପ୍ରୁଫ୍ ରୋଡ ବାଲେଶ୍ୱର ବ୍ରାଞ୍ଚ, କଲେଜ ରୋଡ ବାଲେଶ୍ୱର ବ୍ରାଞ୍ଚରେ ଡିଏଲ୍‌ସି କ୍ୟାମ୍ପ ଆୟୋଜନ ହେବ ।

ଶ୍ରୀ ସିଦ୍ଧେଶ୍ୱର ଚକ୍ରବର୍ତ୍ତୀ, ଉପସଚିବ, ପେନ୍‌ସନ ଓ ପେନ୍‌ସନର୍ସ କଲ୍ୟାଣ ବିଭାଗ, ତାଙ୍କ ୪ ନଭେମ୍ବର ୨୦୨୫ ତାରିଖରେ ବାଲେଶ୍ୱରର ଡିଏଲ୍‌ସି କ୍ୟାମ୍ପଗୁଡ଼ିକୁ ଭ୍ରମଣ କରିବେ । ସେ ପେନ୍‌ସନର୍ସମାନଙ୍କ ସହ ଆଲୋଚନା କରି **Face Authentication** ଓ **Doorstep DLC** ସେବାଗୁଡ଼ିକ ନିଜେ ଅନୁଭବ କରିବେ ।

**ଭାରପ୍ରାପ୍ତ ଅଧିକାରୀ**
**ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ**


# ଧବଳେଶ୍ୱରଙ୍କ ପୀଠରେ ବଡଓଷା

ଆଠଗଡ଼ , (ସବ୍ୟୁ): ପବିତ୍ର ବଡଓଷାରେ ବଡ଼ସିଂହାର ବେଶରେ ଦର୍ଶନ ଦେଉଛନ୍ତି ବାବା ଧବଳେଶ୍ୱର । କଟକ ଜିଲ୍ଲାର ଅନ୍ୟତମ ଶୈବ ପୀଠ ବାବା ଧବଳେଶରଙ୍କ ପୀଠରେ ପାଳନ ହେଉଛି ବଡଓଷା ପର୍ବ । ରାତ୍ର ୪ଘଟିକାରୁ ପହଡ ଖୋଲାଯାଇ ୧୦୮ ଗରା କଳସ ଜଳରେ ସ୍ନାନ କରାଯାଇ ମଙ୍ଗଳଆଳତୀ କରାଯିବା ପରେ ବାବା ଧବଳେଶର ଶ୍ରଦ୍ଧାଳୁମାନଙ୍କୁ ବଡ ସିଂହାର ବେଶରେ ଦର୍ଶନ ଦେଉଛନ୍ତି । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀଠ ମଧ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟସେବା,ବ୍ୟାରିକେଡିଙ୍ଗରେ କୁଲର ବ୍ୟବସ୍ଥା ,ଖରାରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାନୀୟଜଳ ଓ ଓଆରଏସ ବଣ୍ଟନ କରାଯାଉଥିବା ବେଳେ ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ କରାଯାଉଛି । ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ୪୪ଗୋଟି ଅଟୋ ସହିତ ମନ୍ଦିର ମଧ୍ୟରେ ଓ୍ୱିଲ ଚେୟାର ର ବ୍ୟବସ୍ଥା ମଧ୍ୟ କରାଯାଇଛି । ଭକ୍ତମାନଙ୍କ ସୁରକ୍ଷା ପାଇଁ ଦୁଇ ଜଣ ଅତିରିକ୍ତ ଏସପିଙ୍କ ସମେତ ଦୁଇ ଜଣ ମାଜିଷ୍ଟ୍ରେଟ, ୧୦୦ ପୋଲିସ ଅଧିକାରୀ, ୧୫ପ୍ଲାଟୁନ ପୋଲିସ ଫୋର୍ସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫଫ ଟିମ ମୃତୟନ କରାଯାଇଛି ।


**GOVERNMENT OF ODISHA OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH**

O-1257 E-mail: rw_rourkela@yahoo.co,in

**TENDER CALL NOTICE**

**BID IDENTIFICATION NO. ONLINE-EERKL-15 of 2025-26**

1. Name of the Work : Building Works
2. Total No. of works : 06 (Six) Nos.
3. Estimated Cost : Rs. 2.67 to 4.45 Lakhs
4. Class of Contractor : "D" & "C" Class
5. Period of Completion : 02 (Two) Months.
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender On-line for bidding: From | Availability of Tender On-line for bidding: To | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II Sundargarh | Online-EERKL-15 of 2025-26 | 03.11.2025 from 10.00 AM | 10.11.2025 upto 05.00 PM | 09.11.2025 upto 5.00 PM | 11.11.2025 at 11.00 AM |

Further details can be seen from the website **www.tendersorissa.gov.in** & for more information please visit the office.

**Sd/- Executive Engineer, RW Division-II, Sundargarh**

### ସମର୍ଥକ ମାନଙ୍କୁ ମନ୍ଥନ କାର୍ଯ୍ୟକ୍ରମରେ ଏକାଠି କଲେ ପ୍ରକାଶ

# ଆଗକୁ ବିଜେପିରେ ମିଶିବା ନେଇ ଦେଲେ ସଙ୍କେତ

କଟକ, (ସବ୍ୟୁ): ଜଗତପୁର ଥାନା ଟାଙ୍ଗୀ ସାଲେପୁର ବ୍ଲକ ଅନ୍ତର୍ଗତ ପାଗା ଠାରେ ଥିବା ଗୋଲଡେନ ମଣ୍ଡପରେ ସାଧାରଣ ନିର୍ବାଚନର ୧୫ ମାସ ପରେ ସାଲେପୁରର ବିକାଶ ମୁଳକ କାର୍ଯ୍ୟକୁ ନେଇ ଗର୍ଜିଛନ୍ତି ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା। ଏହି ଅବସରରେ ସେ ସାଲେପୁରର ନିଜ ସମର୍ଥକ ମାନଙ୍କୁ ନେଇ କରିଛନ୍ତି ମାନସ ମନ୍ଥନ। ସାଲେପୁର ଟାଙ୍ଗୀ ମୋ ଜନ୍ମ ସ୍ଥାନ ମୁଁ ଯେଉଁଠି ଥିଲେବି ସବୁବେଳେ ଏହାର ବିକାଶ ପାଇଁ ଚିନ୍ତା କରି ଆସିଛି। ଏବେ ସାଲେପୁର ରେ ମାଳ ମାଳ ନେତା ବୁଲୁଛନ୍ତି। ବୁଲନ୍ତୁ, ଆସନ୍ତୁ କାହାକୁ ମନା ନାହିଁ। କିନ୍ତୁ ଏହି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରନ୍ତୁ। ସାଲେପୁର କୁ ଆସି



ସରକାରଙ୍କ ବିକାଶ ଅନୁଦାନ ଅର୍ଥରେ ପି ସି ଭାଗବଣ୍ଟା କରନ୍ତୁ ନାହିଁ। ବଡ଼ି ଦେଖାଇ ବ୍ଲକରେ ବସି ନାଲି ଆଖି ଦେଖାଇ ଚାନ୍ଦା ନେବା ନୀତି ଅବଲମ୍ବନ କଲେ ଏହାକୁ ବରଦାସ୍ତ କରାଯିବ ନାହିଁ। ୨୫ ବର୍ଷ ରାଜନୀତିରେ ଏଠିକୁ ଅନେକ ନେତା ଆସିଛନ୍ତି, ଯାଇଛନ୍ତି କିନ୍ତୁ କାହାର ନାଲି ଆଖିର ଭୟ କୁ ଏ ଅଞ୍ଚଳ ବାସୀ ଖାତିର କରିନାହାନ୍ତି ବୋଲି ସାଲେପୁର ରେ ବୁଲୁଥିବା ମାଳ ମାଳ ନେତାଙ୍କୁ ସେ ପରୋକ୍ଷ ରେ ଚେତେଇ ଦେଉଛନ୍ତି। ଆଗକୁ ସାଲେପୁର ରେ ଏକ ବଡ ଧରଣର ପରିବର୍ତ୍ତନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ରାଜ୍ୟରେ ଶାସନ କରୁଥିବା ମୋହନ ମାଝୀଙ୍କ ସରକାରଙ୍କ କାର୍ଯ୍ୟ ଧାରାକୁ ପ୍ରଶଂସା କରିବା ସହିତ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମ ଏବଂ ଦୃଢ଼ ନେତୃତ୍ୱକୁ ସାଧୁବାଦ ଜଣାଇଥିଲେ।ବର୍ତ୍ତମାନ ସାଲେପୁର ନିର୍ବାଚନ ମଣ୍ଡଳୀରେ କୌଣସି ଉନ୍ନତି ମୂଳକ କାର୍ଯ୍ୟକ୍ରମ ହେଉନାହିଁ ଏବଂ ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନାହିଁ ବୋଲି କହିଥିଲେ।ଏଥିପାଇଁ ଆମେ ସମସ୍ତେ ମିଶି ଲୋକମାନଙ୍କ ହକ ପାଇଁ ଆମ୍ଭ ମାନଙ୍କୁ ଚାରି ଗୁଣା ପରିଶ୍ରମ କରିବାକୁ ପଡିବ ବୋଲି ଉପସ୍ଥିତ ସମର୍ଥକ ମାନଙ୍କୁ କହିଥିଲେ। ଏବେ ସାଲେପୁର ବ୍ଲକରେ ଭାଗ ବଣ୍ଟାରେ କାର୍ଯ୍ୟ ଦିଆଯାଉଛି ଏବଂ ଏଠାରେ ଥିବା ଅଧିକାରୀ ମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଆଗକୁ ଏଭଳି ସୁଯୋଗ କାହାକୁ ଦିଆଯିବ ନାହିଁ।ସମସ୍ତ କାର୍ଯ୍ୟ ର ତଦାରଖ କରାଯିବ ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚିବା ପାଇଁ ଆମ୍ଭେ ସମସ୍ତେ କାର୍ଯ୍ୟ କରିବା ବୋଲି କହିଥିଲେ। ବିଶେଷ କରି ଆଗମୀ ୧୮ ତାରିଖ ପରେ ଟାଙ୍ଗୀ ସାଲେପୁର ଅଞ୍ଚଳରେ ସରକାରୀ ଯୋଜନା କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ତାର ତଦାରଖ ଆପଣ ମାନେ କରିବାକୁ ସେ ନିଜର ସମର୍ଥକ ମାନଙ୍କୁ ପରାମର୍ଶ ଦେଇଥିଲେ। ଜଣେ ଦୃଢ଼ ସଂଗଠକ ଭାବେ ବେଶ୍ ଜଣାଶୁଣା ପ୍ରକାଶଙ୍କ ଏହି ମାନସ ମନ୍ଥନ ଯେଉଁଭଳି ନିଜର ସହକର୍ମୀ ମାନଙ୍କୁ ରାଜ୍ୟ ବିଜେପି ସରକାରଙ୍କ ସପକ୍ଷରେ କହିଥିଲେ ଏଥିରୁ ସ୍ପଷ୍ଟ ବାରିହେଇ ପଡୁଥିଲା କି ପ୍ରାୟତଃ ବିଜେପି ତାଙ୍କୁ ସାଲେପୁର ଅଞ୍ଚଳର ମଙ୍ଗ ଧରିବାକୁ ସବୁଜ ସଙ୍କେତ ଦେଇସାରିଛନ୍ତି।

ପ୍ରକାଶ ଥାଉକି ୨୦୧୪ ସାଲେପୁର ବିଧାନସଭା ନିର୍ବାଚନ ରେ କଂଗ୍ରେସ ଟିକେଟରେ ପ୍ରକାଶ ବେହେରା ସାଲେପୁର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।ଏହାପରେ ୨୦୧୯ ନିର୍ବାଚନର ଅଳ୍ପ କେଇଦିନ ପୂର୍ବରୁ ଶ୍ରୀ ବେହେରା କଂଗ୍ରେସ ଦଳ ଛାଡି ବିଜେପି ରେ ମିଶି ସାଲେପୁର ବିଜେପି ବିଧାୟକ ଭାବେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିଲେ।ଏହାପରେ ପୁଣି ୨୦୨୪ ଠିକ ନିର୍ବାଚନ ପୂର୍ବରୁ ବିଜେପି ଦଳ ଛାଡି ବିଜେଡି ରେ ମିଶି କଟକ ବାରବାଟୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ଲଢ଼ି ପରାସ୍ତ ହୋଇଥିଲେ। ମନୋଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମନ୍ଥନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୋହନ ପ୍ରଧାନ, ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ମମତା ବେହେରା,ପୂର୍ବତନ ଆମ୍ା ସଭାପତି ସମ୍ରାଟ କେଶରୀ ଲେଙ୍କାଙ୍କ ସହିତ ବହୁ ସମର୍ଥକ ଉପସ୍ଥିତ ଥିଲେ।

### ନିଶା ମାଙ୍କଡ଼ିଆ ମୃତ୍ୟୁ ଘଟଣା

# କ୍ଷମତାସୀନ ଆଦିବାସୀ ନେତା, ଆଦିବାସୀଙ୍କୁ ବଞ୍ଚିତ କରୁଛନ୍ତି

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନଠାରେ ଆଦିବାସୀ ମାଙ୍କଡ଼ିଆ ସମାଜର ଦୁର୍ଦ୍ଦଶା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ଓ ମୁଖପାତ୍ର ଡ଼ଃ ମନୀଷା ଦାସ ପଟ୍ଟନାୟକ ନିଜ ବ୍ୟକ୍ତବ୍ୟ ଉପସ୍ଥାପନ କରିଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତ କ୍ଷୋଭ ପ୍ରକାଶ କରି କହିଲେ ଯେ, ଦେଶରେ ମାଙ୍କଡ଼ିଆ ଆଦିବାସୀ ଏକ ବିରଳ ଅନୁସୂଚିତ ଆଦିବ ଜନଜାତି ରୂପେ ଚିହ୍ନଟ କରାଯାଇଛି । ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା କେବଳ ୨୨୦୦ ମାତ୍ର । ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଲାର ସାହିରେ ୮୭ ପରିବାର ରହୁଥିଲେ ଯାହା ବୃଦ୍ଧି ପାଇ ଏବେ ୧୫୦ ପରିବାର ହୋଇଛନ୍ତି । ମଲାର ସାହିରେ ମାଙ୍କଡ଼ିଆ ଆଦିବାସୀ ଆଜି ମଧ୍ୟ ପତ୍ର କୁଡ଼ିଆ ଓ ଜରି ପାଲ ଟଣା ଘରେ ରହୁଛନ୍ତି । ସରକାରୀ ବାସଗୃହ ସୁବିଧା ମିଳିନି । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଏମାନେ ରହିବାକୁ ବାଧ୍ୟ ହେଉଛନ୍ତି ।ବିଶୁଦ୍ଧ ପାଣିର ସୁବିଧା ମଧ୍ୟ ନାହିଁ । ଅକ୍ଟୋବର ୨୫ ତାରିଖରେ ମଲାର ସାହିର ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ହେବା ଖବର ସମ୍ବାଦ ପତ୍ର ମାନଙ୍କରେ ପ୍ରକାଶିତ ହୋଇଥିଲା । ପ୍ରଦେଶ କଂଗ୍ରେସ କମିଟି ତରଫରୁ ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଏକ ଟିମ ଯାଇ ଘଟଣାର ସତ୍ୟାସତ୍ୟ ଜାଣିବାକୁ ଯାଇ ପରିବାର ବର୍ଗଙ୍କୁ ଭେଟିଥିଲେ ଛ ଜାଣିଲେ ଅନାହାରରେ ମୃତ୍ୟୁ ଘଟିଛି । ଗତ ଜୁନ ମାସରୁ ତାକୁ ଅନ୍ତୋଦୟ ଚାଉଳ ମିଳୁ ନଥିଲା । ଇ କେଓ୍ୱାଇସି କରାଯାଇ ନାହିଁ ବୋଲି



ତାକୁ ଚାଉଳ ଯୋଗାଣ ବନ୍ଦ ଥିଲା । ଫଳରେ ସେ ଭିକ୍ଷାବୃତ୍ତି କରି ଖାଉଥିଲା କିନ୍ତୁ ଅସୁସ୍ଥ ହେବାରୁ କୁଆଡେ ଯାଇ ନ ପାରି ଖାଦ୍ୟ ଅଭାବରେ ମୃତ୍ୟୁ ବରଣ କଲା ବୋଲି ତାର ଦୂର ସମ୍ପର୍କୀୟ ଏବଂ ସମ୍ପ୍ରଦାୟର ଲୋକେ ପ୍ରକାଶ କରିଥିଲେ ।

ଅନାହାର ମୃତ୍ୟୁ ଭଳି ଏକ ଲଜ୍ୟାଜନକ ଘଟଣା ଘଟିଥିଲେ ମଧ୍ୟ ଯାଜପୁର ଜିଲ୍ଲାପାଳ ଏବଂ କୌଣସି ପ୍ରଶାସନିକ ଅଧିକାରୀ ଏହି ଅନାହାର ମୃତ୍ୟୁକୁ ନେଇ ତତ୍ପରତା ପ୍ରକାଶ କଲେନାହିଁ । ପୁଣି ଏହି ଦୁଃଖଦ ଘଟଣାକୁ ନେଇ ମୁଁ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ସୁଧାଂଶୁ ଦେଓ ଏବଂ ଯାଜପୁର କଂଗ୍ରେସର କର୍ମକର୍ତ୍ତା ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ମାଙ୍କଡ଼ିଆ ଆଦିବାସୀଙ୍କ କରୁଣ କାହାଣୀ କହିବା ସହ ରିସା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ବିଷୟ ଉପସ୍ଥାପନ କଲୁ । ରାଜ୍ୟପାଳ ଏହାକୁ ଗମ୍ଭୀରତାର ସହିତ ଗ୍ରହଣ କରି ଉଚିତ କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେଲେ । ପୂର୍ବରୁ ୨୦୨୨ ସେପ୍ଟେମ୍ବର ୨୭ ତାରିଖରେ ସୁରେନ୍ଦ୍ର ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ଘଟିଥିଲା । ସେତେବେଳେ ମଧ୍ୟ ସରକାର କିଛି ପଦକ୍ଷେପ ନେଇ ନ ଥିଲେ । ଗୋଟିଏ ପଟେ ରନିଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ଖନନ କରି କମ୍ପାନୀ ଏବଂ ସରକାର ହଜାର ହଜାର କୋଟି ଟଙ୍କା ଆୟ କରୁଛନ୍ତି ଏପରିକି ଅସାଧୁ ବେପାରୀ କଳାବଜାରୀ କରି ଶହ ଶହ କୋଟି ଉପାର୍ଜନ କରାଯାଇ ପାରୁଛନ୍ତି କିନ୍ତୁ ଅନ୍ୟ ପଟେ ସେଇ ଖଣି ଜଙ୍ଗଲ ଜମିର ଆଦିମ ଅଧିବାସୀ ଆଜି ବାସଚ୍ୟୁତ, ଦରିଦ୍ର ଓ ନିଷ୍ପେସିତ ।

ଶ୍ରୀ ରାଉତ ଗଣମାଧ୍ୟମକୁ ତାଙ୍କ ଦାୟିତ୍ୱ ବିଷୟକୁ ନେଇ କହିଲେ । ଏକବିଂଶ ଶତାବ୍ଦୀରେ ଆଧୁନିକ ଯୁଗରେ ପ୍ରାଚୁର୍ଯ୍ୟରେ ଭରା ଅଞ୍ଚଳରେ ଜଣଙ୍କ ଅନାହାରରେ ମୃତ୍ୟୁ ହେଉଛି ଅଥଚ ଆପଣ ଗଣମାଧ୍ୟମ ଏହି ବିଷୟକୁ ଗୌଣ ବିଚାର କରୁଛନ୍ତି । ଯେତିକି ପ୍ରାଧାନ୍ୟ ଦେବା କଥା ଦେଉ ନାହାନ୍ତି ବୋଲି ଅଭିଯୋଗ କରିଥିଲେ । ମୁଖପାତ୍ର ଡ଼ଃ ପଟ୍ଟନାୟକ କହିଲେ, ଇ-କେଓ୍ୱାଇସି ନାମରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କ ନାମ କାଟି ଦେଇଛନ୍ତି । ଗରିବ ନିରକ୍ଷର ଲୋକଟିଏ କେମିତି ଏସବୁ କରିପାରିବ ଚିନ୍ତା କଲେନାହିଁ । ପୁଣି କେମିତି ଏମାନେ ଇ କେ୍ୱାସି କରି ପାରିବେ ବ୍ୟବସ୍ଥା କଲେନାହିଁ କିନ୍ତୁ ନାମ କାଟିଦେଲେ । ଏହା ଫଳରେ ଲକ୍ଷ ଲକ୍ଷ ଆଦିବାସୀ ଓ ଜନଜାତି ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଲେ । ଯଦି ଅଯୋଗ୍ୟ ହିତାଧିକାରୀ ବୋଲି ନାମ କାଟିଛନ୍ତି ତେବେ ସେମାନଙ୍କ ତାଲିକା ସାର୍ବଜନୀନ କରିବାକୁ କଂଗ୍ରେସ ଆହ୍ୱାନ ଦେଉଛି ବୋଲି କହିବା ସହ ବିଜେପି ସରକାର ଆଦିବାସୀ ନେତା କରି ଆଦିବାସୀ ମାରଣ ନୀତି ଅବଲମ୍ବନ କରୁଥିବା ପ୍ରକାଶ କରିଥିଲେ ।

### ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ତରଫରୁ ଏକ ସଚେତନତା ପଦଯାତ୍ରା ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନରେ ସମାପ୍ତି ହୋଇଥିଲା । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ ରାଉତରାଏ,ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଡେପୁଟି କଲେକଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ପତାକା ଦେଖାଇ ଉକ୍ତ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନଗର ପରିକ୍ରମା କରି ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସବୁବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହା ପରେ ଜିଲ୍ଲା ସଂସ୍କୃତି ଭବନ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ,ଆରକ୍ଷୀ ଅଧୀକ୍ଷକ,ଦୁର୍ନୀତି ନିବାରଣ ବିଭାଗ,ବାଲେଶ୍ୱର ଅରୁଣ କୁମାର ନାୟକ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁପ ଅଭିଶେକ ବେହେରା,ଡେପୁଟି କଲେକଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,ଭିଜିଲାନ୍ସ ଡିଏସପି ଦୁସ୍ମନ୍ତ ନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ,ଡା.ସଂଗୀତା ବଳ,ଇନସପେକଟର,ଦୁର୍ନୀତି ନିବାରଣ ବିଭାଗ,ବାଲେଶ୍ୱର ସବିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ଦୁର୍ନୀତିକୁ ରୋକିବା ସହ ଜନସାଧାରଣଙ୍କର ବିଭିନ୍ନ ମୌଳିକ ସମସ୍ୟାକୁ ସେବା ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ପବିତ୍ର ବଡ଼ଓଷା, ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ଖୋର୍ଦ୍ଧା, (ସବ୍ୟୁ): ସୋମବାର ପବିତ୍ର ବଡ଼ଓଷା। ଖୋର୍ଦ୍ଧା ପୌରାଂଚଳ ଅନ୍ତର୍ଗତ ଗୁରୁଜଙ୍ଗ ଧବଳେଶ୍ୱର ପୀଠ ରେ ଲାଗିଛି ଶ୍ରଦ୍ଧାଳୁ ଙ୍କ ସମାଗମ। ପୌରାଣିକ ସମୟ ରୁ ଏଠାରେ ପ୍ରଭୁ ଧବଳେଶ୍ୱରଙ୍କୁ ପୂଜା ଅର୍ଚ୍ଚନା



କରାଯାଉଛି। ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ବଡ଼ଓଷା ଉପଲକ୍ଷେ ଆରମ୍ଭ ହୋଇଛି ପୂଜାର୍ଚ୍ଚନା। ଚଳିତ ବର୍ଷ କାର୍ତ୍ତିକ ମାସ ଶେଷ ସୋମବାର ତିଥି ଠାରୁ ପ୍ରଭୁ ଧବଳେଶ୍ୱର ଙ୍କ ଠାରେ ଜଳଲାଗି ଏବଂ ପୂଜା କରିବା ଲାଗି ଭକ୍ତ ଙ୍କ ସମାଗମ ହୋଇଛି। ଲମ୍ବାଧାଡ଼ି ରେ ଭକ୍ତ ମାନେ ମନ୍ଦିର ଭିତରକୁ ପ୍ରବେଶ କରି ଦର୍ଶନ କରୁଛନ୍ତି। ବଡ଼ଓଷା ଦିନ ପାହାନ୍ତା ୩ଟା ସମୟ ରୁ ଧବଳେଶ୍ୱର ଙ୍କ ଥରେ ଘିଅ, ଲହୁଣୀ, ମହୁ, କ୍ଷୀର, ନବାତ ରେ ମାଜଣା କରାଯିବ। ପରେ ଠାକୁରଙ୍କ ରୀତି ନୀତି ଶଙ୍ଖୁଡ଼ି ଭୋଗ କରାଯାଇ ସର୍ବ ସାଧାରଣ ଙ୍କ ଲାଗି ଦର୍ଶନ ଆରମ୍ଭ ହେବ। ଏହି ଦିନ ଅନେକ ଭକ୍ତ ଦୂର ଦୁରାନ୍ତରୁ ଆସି ପ୍ରଭୁଙ୍କ ନିକଟରେ ପୂଜା କରି ପାଦୁକ ପାଇ ଉପବାସ ରହିଥାନ୍ତି। ମାନସିକ ଧାରୀ ମାନେ ଅଟକାଳି ଭୋଗ, ଗଜ ଭୋଗ କରିଥାନ୍ତି। ବଡ଼ଓଷା ଦିନ ପାହାନ୍ତା ସମୟ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା, ଦର୍ଶନ ଚାଲିଥାଏ। ସନ୍ଧ୍ୟା ସମୟ ରେ ଠାକୁରଙ୍କ ବେଢ଼ା ପରିକ୍ରମା ହୋଇଥାଏ। ପବିତ୍ର ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା କୁ ଶାନ୍ତି ଶୃଙ୍ଖଳା ରେ ସମାହିତ କରିବାକୁ ଟ୍ରଷ୍ଟି ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଧବଳେଶ୍ୱର ଟ୍ରଷ୍ଟି ବୋର୍ଡ ସହ ସେବାୟତ ସଂଘ କମିଟି ସଭ୍ୟ ଏବଂ ପ୍ରଶାସନିକ ସହଯୋଗ ରେ ଏହି ବଡ଼ଓଷା ଯାତ୍ରା, ପୂଜାର୍ଚ୍ଚନା, ଦର୍ଶନ, ଅଟକାଳି ଭୋଗ ପ୍ରସ୍ତୁତି ଏବଂ ସମର୍ପଣ କାର୍ଯ୍ୟ କରାଯାଉଛି। ପୌରପ୍ରଶାସନ ପକ୍ଷରୁ ପରିମଳ, ଜଳ ଯୋଗାଣ , ବିଦ୍ୟୁତ୍ ବିଭାଗ ତରଫ ରୁ ଆଲୋକ ଯୋଗାଣ, ଆଦର୍ଶ ଥାନାପୋଲିସ ପ୍ରଶାସନ ପକ୍ଷ ରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୃତୟନ କରାଯାଇଛି। ବଡ଼ଓଷା ଯାତ୍ରା ଚଳିତ ବର୍ଷ ସୋମବାର ଠାରୁ ଛାଡଖାଇ ପର୍ଯ୍ୟନ୍ତ ୪ଦିନ ଧରି ପାଳିତ ହେଉଛି। ଅନେକ ବ୍ୟବସାୟୀ ମାନେ ତାଙ୍କ ବ୍ୟବସାୟ ଧରି ମନ୍ଦିର ଚତୁପାର୍ଶ୍ୱ ରେ ଦୋକାନ ଖୋଲିଥନ୍ତି। ଚଳିତ ବର୍ଷ ପ୍ରଭୁ ଧବଳେଶ୍ୱର ଙ୍କ ବଡ଼ଓଷା ଯାତ୍ରା କୁ ଆଡମ୍ବର ସହକାରେ ପାଳନ କରିବାକୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ, ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଅନ୍ୟ ସଭ୍ୟ ସହଯୋଗ କାମନା କରିଛନ୍ତି।

### ଏସ୍‌ପିଏସ୍ କ୍ୟାମ୍ପସ-୨ର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ

# ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ କ୍ୟାମ୍ପସ -୨ ଫୁଲନଖରାରେ ସୋମବାର ୨୦୨୫-୨୬ ପ୍ରଥମ ବ୍ୟାଚର ନୂତନ ବି ଫାର୍ମା ଛାତ୍ରଛାତ୍ରୀଙ୍କର ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ଏନ୍‌ଡି ଲାବୋରେଟୋରୀସ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା କାର୍ଯ୍ୟ



ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ଏକ ମହାନ ବୃତି ବୋଲି କହିଥିଲେ। ସେହିପରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆକୁ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଏସପିଏସ୍ -୧ ଏବଂ ଏସ୍‌ପିଏସ୍-୨ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସୀ-୨ର ଡିନ୍ ପ୍ରଫେସର ଦୁର୍ଗାମାଧବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଫାର୍ମାସୀ ପାଠ୍ୟକ୍ରମ ଓ ସୋଆ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏସ୍‌ପିଏସ୍-୨ର ଆସିଷ୍ଟାଂଟ ପ୍ରଫେସର ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ବିଦ୍ୟା ଅଧୀନରେ

# ୬୦୦ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ସମ୍ବଳ ସହିତ ସଶକ୍ତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ପଦକ୍ଷେପ, ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ଗୁଣାତ୍ମକ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃନିର୍ମାଣ



କରିଛି। ଏହି ପ୍ରୟାସର ଏକ ଅଂଶ ଭାବରେ, କମ୍ପାନୀ ଲଖନପୁର ବ୍ଲକର ସରକାରୀ ସ୍କୁଲଗୁଡ଼ିକରେ ୯ମ ଏବଂ ୧୦ମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରି ଶୈକ୍ଷିକ ସହାୟତା ପ୍ରଦାନ କରିଛି।

ଏହି ସନ୍ଦର୍ଭ ମାର୍ଗଦର୍ଶିକା, ଯେଉଁଥିରେ ବ୍ୟକ୍ତିଗତ ଏବଂ ବସ୍ତୁଗତ ଉଭୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଛାତ୍ରଛାତ୍ରୀମାନଙ୍କର ଧାରଣାଗତ ବୁଝାମଣାକୁ ସୁଦୃଢ଼ କରିବା ଏବଂ ସେମାନଙ୍କର ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ପ୍ରଭାବଶାଳୀ ଭାବରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବଞ୍ଜାରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚ୍‌ଏସ୍ ଝାରପାଲମ ଏବଂ ସରକାରୀ ୟୁଜିଏଚ୍‌ଏସ୍ ଛତାବର ଛାତ୍ରଛାତ୍ରୀମାନଙ୍କୁ ଲାଭ ଦେଇଛି, ଯାହା ଶିକ୍ଷା ଏବଂ ସାମଗ୍ରିକ ବିକାଶ ମାଧ୍ୟମରେ ସମ୍ପ୍ରଦାୟକୁ ସଶକ୍ତ କରିବାର ବେଦାନ୍ତର ଦୃଷ୍ଟିକୋଣକୁ ଆଗକୁ ବଢାଇଛି।

ଏହି ପଦକ୍ଷେପ ବିଷୟରେ କହି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଶିକ୍ଷା ହେଉଛି ପ୍ରଗତି ପାଇଁ ମୂଳଦୁଆ କାରଣ ଏହା ବ୍ୟକ୍ତିବିଶେଷଙ୍କୁ ଚିନ୍ତା କରିବା, ନବସୃଜନ କରିବା ଏବଂ ସେମାନଙ୍କର ଭବିଷ୍ୟତ ଗଠନ କରିବାରେ ସଶକ୍ତ କରିଥାଏ। ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ, ଆମେ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଶିକ୍ଷଣ ଉପକରଣ ଏବଂ ସୁଯୋଗ ସହିତ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ସେମାନଙ୍କୁ ସଫଳ ହେବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବ। ଆମର ପ୍ରତିବଦ୍ଧତା ହେଉଛି ପ୍ରତ୍ୟେକ ପିଲାର ଗୁଣାତ୍ମକ ଶିକ୍ଷା ପାଇବାକୁ ସୁନିଶ୍ଚିତ କରିବା, ଯାହା ସେମାନଙ୍କୁ ଉନ୍ନତି କରିବା ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ଦେବାରେ ସକ୍ଷମ କରିବ।

### ଆଦର୍ଶ ପ୍ରତିଭା ବିକାଶ ପରିଷଦର ଆଲୋଚନା ଚକ୍ର

କଟକ, (ସବ୍ୟୁ):ସାରସ୍ୱତ ଅନୁଷ୍ଠାନ,ଆଦର୍ଶ ପ୍ରତିଭା ବିକାଶ ପରିଷଦର ଆଲୋଚନା ଚକ୍ର, କବିତା ଆସର ଓ ସମ୍ବର୍ଦ୍ଧନା ସଭା ଚାଉଳିଆଗଂଜ ସ୍ଥିତ ଉତ୍କଳମଣି ଉଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡଃପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃପଣ୍ଡିତ ଚୈତନ୍ୟ କୁମାର ସାହୁ,ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସାଧାରଣ ସଂପାଦକ ତଥା ସଦସ୍ୟ ପ୍ରଫେସର ଆଦିତ୍ୟ ପ୍ରତାପ ଧଳା,ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ,ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାସ,ବରେଣ୍ୟଅତିଥି ଚୈତନ୍ୟ ରାଉତ,ସମ୍ମାନୀୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପାଠାଗର ସଂପାଦକ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି,ଯୋଗଦେଇ ଭକ୍ତ ଦାସିଆ ବାଉରୀ ଓ ଜଗନ୍ନାଥଙ୍କ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜ ନିର୍ବାଚନରେ ନବ ନିର୍ବାଚିତ ସଭାପତି ଡଃଗୋବିନ୍ଦ ଚନ୍ଦ୍ର ଚାନ୍ଦ,ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ,ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ,ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି,କାର୍ଯ୍ୟନିର୍ବାହୀକା ସଦସ୍ୟ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଓ ରାଜକିଶୋର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବୟତ୍ରୀ ନମିତା ମହାନ୍ତି ଓ ଅନ୍ନପୂର୍ଣ୍ଣା ସାହୁଙ୍କ ସଂଯୋଜନାରେ କବୟତ୍ରୀ ନଳିନୀପ୍ରଭା ଦାଶ,ଉତମ ପ୍ରଧାନ,ଅରୁଣ କୁମାର ଅଗରବାଲ,ସୁରେନ୍ଦ୍ର ମହାପାତ୍ର,ବ୍ୟଙ୍ଗକବି ଲକ୍ଷ୍ମୀଛଡା,ନିରୁପମା ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।କବି ଛବିରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# 'କବି ବ୍ରହ୍ମାନନ୍ଦ ଦାସ ପରିକ୍ରମା' ଗ୍ରନ୍ଥ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ସାହିତ୍ୟର ଅନନ୍ୟ ପ୍ରତିଭା କବି ବ୍ରହ୍ମାନନ୍ଦ ଦାସଙ୍କ ସୃଜନ ମାନସ ଆଧାରିତ ଗ୍ରନ୍ଥ'କବି ବ୍ରହ୍ମାନନ୍ଦ ଦାସ ପରିକ୍ରମା'ଗତକାଲିସଂଗଠନର ସଭାପତି ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ରେଡ଼କ୍ରସ ଭବନରେ ଉନ୍ମୋଚିତ ହୋଇଯାଇଛି। କବି ବ୍ରହ୍ମାନନ୍ଦ ଦାସ ସ୍ମୃତି ପାଠାଗାର ଓ ଗବେଷଣା କେନ୍ଦ୍ର, କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ନିମନ୍ତ୍ରୀତ ଅତିଥିମାନେ ଓଡ଼ିଆ କବିତାକୁ କବି ବ୍ରହ୍ମାନନ୍ଦ ଦାସ ଦୁର୍ବୋଧ୍ୟତାର ନିର୍ମୋକ ମଧ୍ୟରୁ ମୁକ୍ତ କରି ସାଧାରଣ ଭାଷାରେ ଅତ୍ୟନ୍ତ ରସଗର୍ଭ ଓ କବିତ୍ୱମୟ କରିପାରିଛନ୍ତି ବୋଲି ମତାମତ ପ୍ରକାଶ କରିଥିଲେ। ଏତଦବ୍ୟତୀତ ହାଇକୁ ଅନୁରୂପ ଧାରାକୁ ଓଡ଼ିଆ କବିତା କ୍ଷେତ୍ରରେସଫଳ ପ୍ରୟୋଗ କରିଥିବାରୁତାଙ୍କୁ ଓଡ଼ିଆ ସାହିତ୍ୟରେଏକ ନୂତନ ଧାରାର ପ୍ରବର୍ତ୍ତକ ବୋଲି ପ୍ରକାଶ କରିଥିଲେ।

ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ଗାଳ୍ପିକ ରବି ସ୍ୱାଇଁ ଏହି ପୁସ୍ତକ ଏକ ଅନନ୍ୟ ସଂକଳନ ବୋଲି ସମୀକ୍ଷାରେ କହିଥିଲେ। ବିଶିଷ୍ଟ ସାହିତ୍ୟ ସମୀକ୍ଷକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ଼. ଶତ୍ରୁଘ୍ନ ପାଣ୍ଡବ, ପ୍ରବୀଣ ସାହିତ୍ୟିକ ବସନ୍ତ କୁମାର ପଣ୍ଡା ଓ ଶିକ୍ଷାବିତ୍ ଶରତ କୁମାର ପଳିତା କବିଙ୍କ ସାହିତ୍ୟିକ ଜୀବନ ଓ ସାଂଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ। ଭବିଷ୍ୟତରେ କବିଙ୍କର ସବୁ କବିତା ପୁସ୍ତକର ଏକ ସଂକଳନ ପ୍ରକାଶ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ସଂଗଠନର ସଂପାଦକ ହରେକୃଷ୍ଣ ବରାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। କବି ନୃସିଂହ ତରାଇ ପରିଚୟ ପ୍ରଦାନ କରିଥିଲେ।

ଏହି ସଭାରେ ବରିଷ୍ଠ କବି ଆଶୁତୋଷ ପରିଡ଼ା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗାଳ୍ପିକ ଡ଼. ଅରବିନ୍ଦ ଧଳ, ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମୀୟ କୁମାର ମହାନ୍ତି, ସାମ୍ବାଦିକ ଡ଼. ରଞ୍ଜନ କୁମାର ପ୍ରଧାନ, ଆଶିଷ ସେନାପତି, କବିଙ୍କ କନ୍ୟା ଧରିତ୍ରୀ ଦାସ ଓ ଚନ୍ଦନଲାଲ ତେୱାରୀ ମଧ୍ୟ ତାଙ୍କ ସାହିତ୍ୟ ଓ ଜୀବନର ମୂଲ୍ୟାୟନ ସହ ଶ୍ରଦ୍ଧା ନିବେଦନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେବିଶିଷ୍ଟ ଅନୁବାଦକ ବଙ୍ଗାଳି ନନ୍ଦ, ବରିଷ୍ଠ କବି ସୂର୍ଯ୍ୟ ମିଶ୍ର, ପ୍ରବୀଣ ସଂଗଠକ ଚକ୍ରଧର ଦାଶ, ରମେଶ ଚନ୍ଦ୍ର ପାତାଳସିଂ ଓ ବୃନ୍ଦାବନ ମହାପାତ୍ର ଏହି ଉତ୍ସବରେ ଉପସ୍ଥିତ ଥିଲେ।ମଞ୍ଚ ପରିଚାଳନା କରିଥିଲେ କବି ଶୁଭାଂଶୁ କୁମାର ଦାସ। ସୁଶ୍ରୀ ସ୍ୱପ୍ନା ପରିଡ଼ା, ଉଷାରାଣୀ ବେହେରା ଓ ଗୋଲଖ ଚନ୍ଦ୍ର



ସେଠୀ ଉଭୟ ଉଦଘାଟନୀ ଓ ଉଦଯାପନୀ ସଂଗୀତ ପରିବେଷଣ କରିଥିଲେ। ସଭା ପରିଚାଳନାରେ ଡ଼. ଶ୍ରୁତିରଞ୍ଜନ ନାୟକ,ଅଜୟ ସାହୁ ଓ ଅଧ୍ୟାପକ ସହଦେବ ମଲ୍ଲିକ ସକ୍ରିୟ ସହଯୋଗ ଦେଇଥିଲେ। ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ରଞ୍ଜିତ ଦାସ। ସଭାରେ ଭୁବନେଶ୍ୱର ସହକେନ୍ଦ୍ରାପଡ଼ା ଓ ବାଲେଶ୍ୱରର ବହୁତ ସାହିତ୍ୟପ୍ରେମୀ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ସମ୍ମିଳନୀ ୨୦୨୫

# ଏଆଇ ପାଇଁ ବୈଶ୍ୱିକ ଢାଞ୍ଚା ଗଠନ କରୁଛି ଭାରତ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସମ୍ମିଳନୀ (ଇଏସଟିଆଇସି) ୨୦୨୫କୁ ସମ୍ବୋଧନ କରିଥିଲେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଦେଶରୁ ଆସିଥିବା ବୈଜ୍ଞାନିକ, ଉଦ୍ଭାବକ, ଶିକ୍ଷାନୁଷ୍ଠାନର ସଦସ୍ୟ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆଇସିସି ମହିଳା ବିଶ୍ୱକପ୍ ୨୦୨୫ରେ ଭାରତର ଚିତ୍ତାକର୍ଷକ ବିଜୟ ବିଷୟରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ସମଗ୍ର ଦେଶ ଭାରତୀୟ କ୍ରିକେଟ ଦଳର ସଫଳତାରେ ଉତ୍ସାହିତ। ଏହା ଭାରତର ପ୍ରଥମ ମହିଳା ବିଶ୍ୱକପ୍ ବିଜୟ ବୋଲି ସେ ଉଲ୍ଲେଖ କରିଥିଲେ ଏବଂ ମହିଳା କ୍ରିକେଟ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ସେମାନଙ୍କ ପାଇଁ ଗର୍ବିତ ଏବଂ ସେମାନଙ୍କର ସଫଳତା ଦେଶର ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେବ ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରବିବାର ଭାରତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ସେ ଭାରତୀୟ ବୈଜ୍ଞାନିକମାନଙ୍କ




ଦ୍ୱାରା ଭାରତର ସବୁଠାରୁ ଭାରୀ ଯୋଗାଯୋଗ ଉପଗ୍ରହର ସଫଳ ଉତକ୍ଷେପଣ ଉପରେ ଆଲୋକପାତ କରିଥିଲେ ଏବଂ ଏହି ମିଶନରେ ସାମିଲ ସମସ୍ତ ବୈଜ୍ଞାନିକ ତଥା ଇସ୍ରୋକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ, ଆଜି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ଐତିହାସିକ ଦିନ। ଏକବିଂଶ ଶତାବ୍ଦୀରେ, ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଉପରେ ବିଚାର ଏବଂ ଦିଗଦର୍ଶନ ପ୍ରଦାନ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଅନେକ ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ଏକ ଆଇଡିଆକୁ ଜନ୍ମ ଦେଇଥିଲା, ଯାହା ଏହି ସମ୍ମିଳନୀର ମୂଳ ଚିନ୍ତାଧାରାରେ ପରିଣତ ହୋଇଥିଲା। ଏହି ଚିନ୍ତାଧାରା ବର୍ତ୍ତମାନ ଏହି ସମ୍ମିଳନୀ ମାଧ୍ୟମରେ ରୂପ ନେଉଛି ବୋଲି ସେ ଖୁସି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପରେ ବିଭିନ୍ନ ମନ୍ତ୍ରଣାଳୟ, ଘରୋଇ କ୍ଷେତ୍ର, ଷ୍ଟାର୍ଟଅପ୍ ଏବଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆମମାନଙ୍କ ମଧ୍ୟରେ ନୋବେଲ ବିଜେତାମାନଙ୍କ ଉପସ୍ଥିତି ଆମ ପାଇଁ ଏକ ସମ୍ମାନର ବିଷୟ। ସେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ସମ୍ମିଳନୀର ସଫଳତା କାମନା କରିଥିଲେ। ଏକବିଂଶ ଶତାବ୍ଦୀକୁ ଅଭୂତପୂର୍ବ ପରିବର୍ତ୍ତନର ସମୟ ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଯେ ବିଶ୍ୱ ବ୍ୟବସ୍ଥା ଏକ ପରିବର୍ତ୍ତନର ସମ୍ମୁଖୀନ ହେଉଛି, କିନ୍ତୁ ଏହି ପରିବର୍ତ୍ତନର ଗତି ସାଧାରଣ ନୁହେଁ, ବରଂ ଅସାଧାରଣ। ଏହି ପରିପ୍ରେକ୍ଷୀରେ, ଭାରତ ଆଗକୁ ବଢ଼ୁଛି ଏବଂ ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସହିତ ଜଡିତ ବିଭିନ୍ନ ଦିଗ ଉପରେ ନିରନ୍ତର ଧ୍ୟାନ ଦେଉଛି। ଉଦାହରଣ ସ୍ୱରୂପ, ସେ ଗବେଷଣା ପାଣ୍ଠି କ୍ଷେତ୍ର ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ "ଜୟ ଜବାନ, ଜୟ କିଷାନ"ର ପ୍ରସିଦ୍ଧ ଜାତୀୟ ଚିନ୍ତାଧାରାକୁ ମନେ ପକାଇ କହିଥିଲେ ଏବଂ କହିଥିଲେ ଯେ ଗବେଷଣା ଉପରେ ନୂତନ ଗୁରୁତ୍ୱ ଦେଇ, ଏହି ଚିନ୍ତାଧାରାରେ "ଜୟ ବିଜ୍ଞାନ" ଏବଂ "ଜୟ ଅନୁସନ୍ଧାନ" ଯୋଗ କରାଯାଇଛି । ସେ ସୂଚନା ଦେଇଥିଲେ ଯେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଗବେଷଣା ଫାଉଣ୍ଡେସନ ଫର ରିସର୍ଚ୍ଚ ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କାର ଆବଣ୍ଟନ ସହିତ ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନା ଆରମ୍ଭ କରିବାର ଘୋଷଣା କରିଥିଲେ। ସେ କହିଥିଲେ ଯେ ଘରୋଇ କ୍ଷେତ୍ରରେ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ପ୍ରୟାସ କରାଯାଉଛି। "ପ୍ରଥମ ଥର ପାଇଁ, ଅଧିକ ବିପଦ ଥିବା ଓ ଉଚ୍ଚ-ପ୍ରଭାବ ସଂପନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଯୋଗାଇଦିଆଯାଉଛି," ଶ୍ରୀ ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ "ଭାରତ ଏକ ଆଧୁନିକ ନବସୃଜନ ଇକୋସିଷ୍ଟମ ନିର୍ମାଣ ପାଇଁ କାର୍ଯ୍ୟ କରୁଛି ଏବଂ ଗବେଷଣାକୁ ସହଜ କରିବା ଉପରେ ଧ୍ୟାନ ଦେଉଛି। ସରକାର ଆର୍ଥିକ ନିୟମ ଏବଂ କ୍ରୟ ନୀତିରେ ଅନେକ ସଂସ୍କାର ଆଣିଛନ୍ତି।

## ଆଫଗାନିସ୍ତାନ ମାନଚିତ୍ରରେ ପାକ୍‌ର ୩ ଅଂଚଳ

କାବୁଲ : ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ପୂର୍ବରୁ ଲାଗି ରହିଛି । ଏହି ସମୟରେ, ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି, ଯାହାକି ଏହି ବିବାଦକୁ ବୃଦ୍ଧି କରିବାର ଆଶଙ୍କା ରହିଛି । ଭିଡିଓରେ, ଆଫଗାନିସ୍ତାନର ଉପ-ସ୍ୱରାଷ୍ଟ୍ର ମନ୍ତ୍ରୀ, ମହମ୍ମଦ ନବି ଓମାରି, ଏକ ସରକାରୀ କାର୍ଯ୍ୟକ୍ରମରେ ଗ୍ରେଟର ଆଫଗାନିସ୍ତାନର ମାନଚିତ୍ର ପ୍ରଦର୍ଶନ କରୁଥିବାର ଦେଖାଯାଉଛି । ମାନଚିତ୍ରରେ ପାକିସ୍ତାନର ୩ଟି ରାଜ୍ୟ ରହିଛି ।

ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨୮ ତାରିଖରେ ପାକିସ୍ତାନ ସୀମା ନିକଟରେ ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଅନୁଷ୍ଠିତ ହୋଇଥିଲା । ଏହି ଭିଡିଓରେ, ସାମରିକ ପୋଷାକ ପିନ୍ଧିଥିବା ଦୁଇଜଣ ଯୁବକ ମନ୍ତ୍ରୀଙ୍କୁ ଏକ ଢାଲ ପ୍ରଦାନ କରୁଥିବାର ଦେଖାଯାଉଛି । ଢାଲଟି ଆଫଗାନିସ୍ତାନର ଏକ ମାନଚିତ୍ରକୁ ଦର୍ଶାଉଛି, ଯେଉଁଥିରେ ପାକିସ୍ତାନର ଖାଇବର ପଖତୁନଖ୍ୱା, ବେଲୁଚିସ୍ତାନ ଏବଂ ଗିଲଗିଟ-ବାଲଟିସ୍ତାନର ଅଞ୍ଚଳ ଅନ୍ତର୍ଭୁକ୍ତ । ଏହି କାରଣରୁ ମାନଚିତ୍ରଟି ବିବାଦୀୟ ଏବଂ ଏହାକୁ ଗ୍ରେଟର ଆଫଗାନିସ୍ତାନ ବୋଲି କୁହାଯାଉଛି ।

ଏହି ଭିଡିଓ ପ୍ରକାଶ ପାଇବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ତଥାପି, ପାକିସ୍ତାନ ଏବଂ ଆଫଗାନିସ୍ତାନ ବର୍ତ୍ତମାନ ଯୁଦ୍ଧବିରତି ପାଳନ କରୁଛନ୍ତି । କିଛି ସପ୍ତାହ ପୂର୍ବେ ଦୋହା ଆଲୋଚନା ପରେ ମଧ୍ୟ, ତାଲିବାନ ସ୍ପଷ୍ଟ ଭାବରେ କହିଥିଲା ଯେ ଏହା ଡୁରାଣ୍ଡ ରେଖାକୁ ଏକ ଅନ୍ତର୍ଜାତୀୟ ସୀମା ଭାବରେ ସ୍ୱୀକାର କରେ ନାହିଁ। ଆଫଗାନିସ୍ତାନ କହିଛି ଯେ ଏହା ଦୁଇ ଦେଶ ମଧ୍ୟରେ ସୀମା ବିବାଦ ରହିଛି । ଅନ୍ୟପକ୍ଷରେ ପାକିସ୍ତାନ ଦାବି କରୁଛି ଯେ ଏହି ସମସ୍ୟାର ସମାଧାନ ବହୁ ପୂର୍ବରୁ ହୋଇସାରିଛି ଏବଂ ଡୁରାଣ୍ଡ ରେଖା ହେଉଛି ପ୍ରକୃତ ସୀମା ।

ଡୁରାଣ୍ଡ ରେଖା ହେଉଛି ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ଏକ ୨,୬୪୦ କିଲୋମିଟରର ଲମ୍ବା ସୀମାରେଖା, ଯାହାକୁ ନେଇ ୧୮୯୩ ମସିହାରେ ବ୍ରିଟିଶ ଭାରତର ବିଦେଶ ସଚିବ ସର୍ ମର୍ଟିମର ଡୁରାଣ୍ଡ ଓ ଆଫଗାନ ଆମିର ଅବଦୁର ରହମାନ ଖାନଙ୍କ ମଧ୍ୟରେ ସହମତି ହୋଇଥିଲା । ଏହି ସୀମା ଆଫଗାନ ଓ ପାକିସ୍ତାନର ପଶ୍ତୁନ ଜାତୀୟ ଅଞ୍ଚଳକୁ ଦୁଇ ଭାଗରେ ବିଭକ୍ତ କରିଦେଇଥିଲା । ଆଫଗାନିସ୍ତାନ କେବେବି ଏହି ସୀମାକୁ ବୈଧ ଭାବେ ସ୍ୱୀକାର କରିନାହିଁ । ଯେବେକି ପାକିସ୍ତାନ କହୁଛି ଯେ ଏହି ସମସ୍ୟାର ସମାଧାନ ବହୁ ପୂର୍ବରୁ ହୋଇସାରିଛି ଏବଂ ଡୁରାଣ୍ଡ ରେଖା ହେଉଛି ପ୍ରକୃତ ସୀମା । ଏହି ବିବାଦ ଏବେ ପାକିସ୍ତାନ ଓ ତାଲିବାନ ଶାସିତ ଆଫଗାନିସ୍ତାନ ମଧ୍ୟରେ ଏକ ବଡ଼ ବିବାଦରେ ପରିଣତ ହୋଇଛି ।

## ଭାରତର ସମରାଭ୍ୟାସକୁ ନେଇ ଆଶଙ୍କାରେ ପାକିସ୍ତାନ

ନୂଆଦିଲ୍ଲୀ : ଭାରତର ତ୍ରି-ସେବା (ସେନା, ନୌସେନା ଏବଂ ବାୟୁସେନା) ମିଳିତ ସାମରିକ ଅଭ୍ୟାସ "ତ୍ରିଶୂଳ"କୁ ନେଇ ପାକିସ୍ତାନ ଚିନ୍ତାରେ ପଡ଼ିଯାଇଛି । କାରଣ ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂପର୍କ ଖରାପ ହେବାରେ ଲାଗିଛି । ଯେକୌଣସି ସମୟରେ ସଂଘର୍ଷ ଲାଗିଯିବାର ଆଶଙ୍କା ରହିଛି । ଏପରି ସମୟରେ ଭାରତର ସମରାଭ୍ୟାସ ପାକିସ୍ତାନକୁ ଭୟଭୀତ କରିଛି । ପାକିସ୍ତାନୀ ସାମରିକ ଜନସମ୍ପର୍କ ବିଭାଗ, ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସପିଆର)ର ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ରାୱଲପିଣ୍ଡିରେ ସାମ୍ବାଦିକମାନଙ୍କ ସହ ଏକ ଅନୌପଚାରିକ ଆଲୋଚନା ସମୟରେ ଭାରତକୁ ଚେତାବନୀ ଦେଇ କହିଛନ୍ତି, "ଭାରତ ଜାଣିବା ଉଚିତ ଯେ ଏଥର ଆମର ଜବାବ ଆହୁରି କଠୋର ହେବ।

## ପିଲାଙ୍କ ସୋସିଆଲ ମିଡିଆ ଉପରେ କଟକଣା ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ୧୪ ରୁ ୧୮ ବର୍ଷ ବୟସର ପିଲାମାନଙ୍କ ଦ୍ୱାରା ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ସୋମବାର ଦିନ ଆବେଦନର ଶୁଣାଣି କରି କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏପରି ନିଷ୍ପତ୍ତି ନୀତିଗତ ମାମଲା, ଯାହା ସରକାରଙ୍କ ଅଧିକାର କ୍ଷେତ୍ର ମଧ୍ୟରେ, ନ୍ୟାୟପାଳିକାର ନୁହେଁ।

ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ବି.ଆର. ଗଭାଇ ଆବେଦନକାରୀଙ୍କୁ ପଚାରିଥିଲେ, ନେପାଳରେ ଏପରି ପ୍ରତିବନ୍ଧକ ଲଗାଇବା ପାଇଁ ଚେଷ୍ଟା କରାଯିବା ସମୟରେ କ'ଣ ଘଟିଥିଲା ଜାଣିଛନ୍ତି କି? କୋର୍ଟ ସେତେବେଳେ କହିଥିଲେ, ଧନ୍ୟବାଦ, ଆମେ ଏହି ଆବେଦନର ଶୁଣାଣି କରୁନାହୁଁ ।

ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ କୋଭିଡ୍-୧୯ ମହାମାରୀ ପରଠାରୁ ପିଲାମାନେ ମୋବାଇଲ୍ ଫୋନ୍




ଏବଂ ସୋସିଆଲ ମିଡିଆ ପ୍ରତି ଆଶକ୍ତ ହୋଇଯାଇଛନ୍ତି, ଯାହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ସେ ଏହା ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ୟୁରୋପ, ଅଷ୍ଟ୍ରେଲିଆ, ଚୀନ୍ ଏବଂ ଆରବ ଦେଶଗୁଡ଼ିକରେ ପୂର୍ବରୁ ନାବାଳକମାନଙ୍କ ଦ୍ୱାରା ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଥିବା ବେଳେ, ଭାରତରେ ଏପରି କୌଣସି ନିୟମ ପ୍ରଣୟନ କରାଯାଇନାହିଁ।

## ଧରାପଡ଼ିଲା ଟ୍ରମ୍ପଙ୍କ ମିଛ, ରୁଷରୁ ତେଲ କିଣା ବଢାଇଛି ଭାରତ

ନୂଆଦିଲ୍ଲୀ : ପୁଣି ଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ଧରାପଡ଼ିଯାଇଛି । କିଛି ଦିନ ତଳେ ସେ କହିଥିଲେ ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ରୁଷରୁ ତେଲ କ୍ରୟ କମାଇବେ । ଟ୍ରମ୍ପଙ୍କ ଏହି କଥାକୁ ନେଇ କଂଗ୍ରେସ ପୁଣି ଥରେ ମୋଦୀଙ୍କୁ ସମାଲୋଚନା କରିଥିଲା । ମୋଦୀ ଟ୍ରମ୍ପଙ୍କୁ ଡରୁଛନ୍ତି ବୋଲି ରାହୁଲ ଖୋଲାଖୋଲି କହିଥିଲେ । କିନ୍ତୁ ଏବେ ଆସିଥିବା ନୂଆ ତଥ୍ୟ ଏହାକୁ ଭୁଲ ପ୍ରମାଣିତ କରୁଛି ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ କେବଳ ରୁଷରୁ ତେଲ ଆମଦାନି ବଜାୟ ରଖିନାହିଁ, ବରଂ ଅକ୍ଟୋବରରେ ଆମଦାନି ମଧ୍ୟ ବୃଦ୍ଧି ପାଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ଭାରତ ବର୍ତ୍ତମାନ ତାଜିକିସ୍ତାନ ମାର୍ଗକୁ ସକ୍ରିୟ କରିଛି, ଯାହା ନିଶ୍ଚିତ କରୁଛି ଯେ ତେଲ ସିଧାସଳଖ ରୁଷରୁ ନ ଆସି ଏକ ବିକଳ୍ପ ରାସ୍ତା ଦେଇ ଆସିବ ।



ଜାହାଜ-ଟ୍ରାକିଂ ଏଜେନ୍ସିର ସଦ୍ୟତମ ତଥ୍ୟ ଅନୁସାରେ, ଭାରତ ଅକ୍ଟୋବରରେ ରୁଷରୁ ପ୍ରତିଦିନ ୧.୪୮ ନିୟୁତ ବ୍ୟାରେଲ ତେଲ କିଣିଛି, ଯାହା ସେପ୍ଟେମ୍ବରରେ କେବଳ ୧.୪୩ ରୁ ୧.୪୪ ନିୟୁତ ଥିଲା। ସ୍ପଷ୍ଟ ଭାବରେ, ଭାରତ କେବଳ ରୁଷରୁ ତେଲ କ୍ରୟ ବୃଦ୍ଧି କରିନାହିଁ, କିନ୍ତୁ ଟ୍ରମ୍ପଙ୍କ ଦାବି ସତ୍ତ୍ୱେ, ଏଥିରେ ଯଥେଷ୍ଟ ବୃଦ୍ଧି ଘଟିଛି ।

ବିଶ୍ଲେଷକ ସୁମିତ ରିଟୋଲିଆ ସ୍ପଷ୍ଟ ଭାବରେ କହିଛନ୍ତି ଯେ ନଭେମ୍ବର ୨୧ ପର୍ଯ୍ୟନ୍ତ ରୁଷର ତୈଳ ଆମଦାନୀ ହ୍ରାସ ପାଇବ ନାହିଁ ତାପରେ ହ୍ରାସ ପାଇପାରେ । ଭାରତ ପ୍ରତିଦିନ ୫ ନିୟୁତ ବ୍ୟାରେଲରୁ ଅଧିକ ତେଲ ଆମଦାନୀ କରେ, ଏବଂ ଯେତେବେଳେ ରୁଷ ଏତେ ଶସ୍ତା ତେଲ ପ୍ରଦାନ କରୁଛି, କେଉଁ ଦେଶ ଏପରି ସୁଯୋଗକୁ ପ୍ରତ୍ୟାଖ୍ୟାନ କରିବ? ୨୦୨୨ରେ ଯେତେବେଳେ ୟୁକ୍ରେନ ଉପରେ ଆକ୍ରମଣ ହୋଇଥିଲା, ପାଶ୍ଚାତ୍ୟ ଦେଶମାନେ ରୁଷ ଉପରେ କଟକଣା ଲଗାଇଥିଲେ। କିନ୍ତୁ ଭାରତ ସ୍ପଷ୍ଟ ଭାବରେ କହିଥିଲା ଯେ ଏହା ନିଜ ଲୋକଙ୍କ ସ୍ୱାର୍ଥରେ ନିଷ୍ପତ୍ତି ନେବ। ଏହି ନିଷ୍ପତ୍ତିର ଅର୍ଥ ହେଉଛି ଯେ ଯେଉଁଠାରୁ ତେଲ ଉପଲବ୍ଧ ହେବ ସେଠାରୁ ସର୍ବନିମ୍ନ ମୂଲ୍ୟରେ କିଣିବ । ଏବଂ ଠିକ୍ ସେହିପରି ଘଟିଥିଲା । କିଛି ମାସ ମଧ୍ୟରେ ରୁଷ ଭାରତର ସର୍ବବୃହତ ତୈଳ ଯୋଗାଣକାରୀ ହୋଇଗଲା ।

## ଟ୍ରମ୍ପଙ୍କ ନୂଆ ଦାବି : ପରମାଣୁ ପରୀକ୍ଷଣ କରୁଛନ୍ତି ପାକ୍ - ଚୀନ

ନୂଆଦିଲ୍ଲୀ, : ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ଓ ଚୀନ୍ ପରମାଣୁ ଅସ୍ତ୍ର ପରୀକ୍ଷଣ କରୁଛନ୍ତି। ଋଷ୍ ଓ ଉତ୍ତରକୋରିଆ ମଧ୍ୟ ଏହି ପରୀକ୍ଷଣ ଜାରି ରଖିଛନ୍ତି। ତେଣୁ ୩୩ ବର୍ଷ ପରେ ଆମେରିକା ପରମାଣୁ ପରୀକ୍ଷଣ କରିବ ବୋଲି ଟ୍ରମ୍ପ ଦେଇଥିବା ନିର୍ଦ୍ଦେଶକୁ ଯଥାର୍ଥ ବତାଇଛନ୍ତି।

ଏକଘଣ୍ଟା ଧରି ଏକ ସାକ୍ଷାତକାରରେ ଟ୍ରମ୍ପ ଏହି ସୂଚନା ଦେବାସହ କହିଛନ୍ତି ଯେ ଯଦି ପାକିସ୍ତାନ ଓ ଚୀନ୍ ପରମାଣୁ ପରୀକ୍ଷଣ କରନ୍ତି ତେବେ ଭାରତ ପାଇଁ ଏହା ଚିନ୍ତାଜନକ। ଉଭୟ ଦେଶ ପରମାଣୁ ଶକ୍ତିସମ୍ପନ୍ନ। ଋଷ୍ ମଧ୍ୟ ପରମାଣୁ ପରୀକ୍ଷଣ କରୁଛି। କିନ୍ତୁ ସେମାନେ ଏନେଇ କିଛି କହୁନାହାନ୍ତି। ଆମେ ଖୋଲା ମନରେ ଏହା କହୁଛୁ। ଏଥିପାଇଁ ଆମ ମଧ୍ୟରେ ପାର୍ଥକ୍ୟ ରହିଛି। ଉଭୟେ ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ପାଇଁ ମେ ରେ ପ୍ରସ୍ତୁତ ହେଉଥିଲେ। ମାତ୍ର ବାଣିଜ୍ୟ ଓ ଶୁଳ୍କର ଭୟ ଦେଖାଇ ଏଥିରୁ ନିବୃତ୍ତ କରିଥିଲି। ଯଦି ଏଭଳି ଘଟେ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରିବେ। ଯଦି ମୁଁ ଏଥିରେ ସମ୍ପୃକ୍ତ ହୋଇନଥାନ୍ତି ତେବେ ଭାରତ ଓ ପାକ୍ ମଧ୍ୟରେ ଆଣବିକ ଯୁଦ୍ଧ ହୋଇଥାନ୍ତା। ଏହି ଦେଶଗୁଡ଼ିକ ଏକଥା କହୁନାହାନ୍ତି। ଯଦି ଚୀନ୍ ଓ ପାକିସ୍ତାନ ଆଣବିକ ପରୀକ୍ଷଣ କରୁଛନ୍ତି ତେବେ ଭାରତ ପାଇଁ ଏହା ଚିନ୍ତାଜନକ ହେବ। ୧୯୯୮ରେ ପରମାଣୁ ପରୀକ୍ଷଣ ପରେ ହୋଇଥିବା ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର ନୀତିକୁ ଏବେ ଆଉ ଅନୁସରଣ କରାଯାଉନାହିଁ। ବର୍ତ୍ତମାନ ଆମେରିକା ପରମାଣୁ ଅସ୍ତ୍ରଣ ପରୀକ୍ଷଣ କରିବାକୁ ଯାଉଛି। ଏଥିଲାଗି ସେ ଚୀନ୍ ଓ ପାକିସ୍ତାନ କରୁଥିବା ନେଇ ଦୋଷ ଦେଉଛି।

## ବିମାନ ଦୁର୍ଘଟଣାରୁ ବର୍ତ୍ତିଥିବା ବିଶ୍ୱାସ କୁମାରଙ୍କ ଜୀବନ ଯନ୍ତ୍ରଣା

ଅହମଦାବାଦ: ଜୁନ୍ ୧୨ ତାରିଖରେ ଅହମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରେ କେବଳ ଜଣେ ଯାତ୍ରୀ ବଞ୍ଚିଯାଇଥିଲେ । ସେ ଥିଲେ ବିଶ୍ୱାସ କୁମାର । ଏତେ ବଡ଼ ଦୁର୍ଘଟଣାରୁ ସୁରକ୍ଷିତ ବଞ୍ଚିଯିବା ପରେ ବିଶ୍ୱାସ ବହୁତ ଭାଗ୍ୟବାନ ବୋଲି ଲୋକେ କହିଥିଲେ । ଭାଗ୍ୟ ବହୁତ ମଜବୁତ ଥିବାରୁ ସେ ସୁରକ୍ଷିତ ବାହାରକୁ ଆସିଥିବା କୁହାଯାଇଥିଲା । ହେଲେ ବିଶ୍ୱାସ ସେଭଳି ଭାବୁନଥିବା ଜଣାପଡ଼ିଛି । ନିଜକୁ ସେ ଭାଗ୍ୟବାନ ବୋଲି ଭାବୁନଥିବା କହିଛନ୍ତି। ଭାଇକୁ ହରାଇବା ପରେ ତାଙ୍କ ଜୀବନରେ ଆଉ ଖୁସି ନଥିବା ସେ କହିଛନ୍ତି। ଏହି ଦୁର୍ଘଟଣା ପରେ ସେ ଏବେ ବି ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଭୋଗୁଛନ୍ତି ବୋଲି କହିଛନ୍ତି ।

ବିଶ୍ୱାସ କୁମାର ବିବିସିକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ମୁଁ ଏବେ ଏକା ରହୁଛି ଏବଂ ସ୍ତ୍ରୀ ଓ ପୁଅ ସହ କଥା ହେଉ ନାହିଁ। ମୋ ସାନ ଭାଇ ଅଜୟ, ଯିଏ କିଛି ସିଟ୍ ଦୂରରେ ବସିଥିଲେ, ସେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁନାହିଁ ଯେ, ମୁଁ ଏକା ବଞ୍ଚିଗଲି, ଆଉ ସମସ୍ତେ ଚାଲିଗଲେ । ଏହା ଏକ ଚମତ୍କାରଠାରୁ କମ୍ ନୁହେଁ । ମୋ ଭାଇ ମୋର ମେରୁଦଣ୍ଡ ଥିଲା । ସେ ସବୁବେଳେ ମୋତେ ସମର୍ଥନ କରୁଥିଲା । ସେ ଯିବା ପରେ ଏବେ ମୁଁ ସମ୍ପୂର୍ଣ୍ଣ ଏକା । ଏହା ମୋ ପାଇଁ ଏବଂ ମୋ ପରିବାର ପାଇଁ ବହୁତ କଷ୍ଟକର ।

## ନିର୍ବାଚନ ପ୍ରଚାରରେ କମ୍ପୁଛି ବିହାର

ପାଟଣା: ନିର୍ବାଚନ ପାଇଁ ଚଳଚଞ୍ଚଳ ବିହାର । ପ୍ରଚାରରେ କମ୍ପୁଛି ପୂରା ରାଜ୍ୟ। ନେତାଙ୍କ ପାଇଁ ଏବେ ବିହାର ପାଲଟିଛି ନୂଆ ଠିକଣା । ହେଭିୱେଟଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ରାଜନେତା। ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳନେତାଙ୍କ କ୍ୟାମ୍ପ ବିହାରରେ ଲାଗିଛି। ଆଉ ସମସ୍ତେ ନିର୍ବାଚନ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି । ଆଉ ୨ ଦିନ ପରେ ବିହାରବାସୀ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ବିହାର ଭୋଟ ଦେବ। ତେଣୁ ଭୋଟ ନିଜ ସପକ୍ଷରେ ଆଣିବାକୁ ବିଭିନ୍ନ ଦଳ ଜୋରଦାର ପ୍ରଚାର କରୁଛନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ଜନସଭା ଏବଂ ରୋଡସୋ କରି ବିରୋଧୀଙ୍କୁ ନିଶାନା କରିଥିବା ବେଳେ ବିଜେପିର ବଡ଼ ବଡ଼ ନେତା ବିଭିନ୍ନ ଅଞ୍ଚଳରେ ପ୍ରଚାରର ନେତୃତ୍ୱ ନେଇଛନ୍ତି। ବିରୋଧୀ ବି ନିଜ ରଣନୀତି ଅନୁସାରେ ନିଜ ନିଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ବିହାରରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହେବ ପ୍ରଚାର । ଆଜିକୁ ଛାଡ଼ି ପ୍ରଥମ ପର୍ଯ୍ୟାୟ ପ୍ରଚାର ପାଇଁ ଆଉ ଗୋଟିଏ ଦିନ ବାକିଥିବା ବେଳେ ଏନଡିଏ ଏବଂ ମହାଠବନ୍ଧନର ତୁଙ୍ଗ ନେତାମାନେ ଧୂଆଁଧାର ପ୍ରଚାର ଚଳାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହର୍ଷା ଓ କଟିହାରରେ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କର ଶିବହର ଚନ୍ଦୌଲି, ସୀତାମୀର ରାଗି ଓ ମଧୁବନର ଖୁଟୌନାରେ ରାଲି ଜାରି ରହିଛି । ସେହିପରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବାଙ୍କା, ଭାଗଲପୁର ଓ ମଧେପୁରା ଜିଲ୍ଲାରେ ପ୍ରଚାର କରୁଛନ୍ତି ।

## ନକଲି ବୈଜ୍ଞାନିକଙ୍କ ମୁଖା ଖୋଲିଲା : ବିଦେଶରୁ ପାଉଥିଲେ କୋଟିକୋଟି ଟଙ୍କା

ନୂଆଦିଲ୍ଲୀ : ନକଲି ବୈଜ୍ଞାନିକଙ୍କ ସବୁ ମୁଖା ଖୋଲି ଯାଇଛି। ପୁଲିସ୍ ହାତରେ ଲାଗିଛି ନକଲି ବୈଜ୍ଞାନିକଙ୍କ ସମ୍ପର୍କରେ ସାଂଘାତିକ ତଥ୍ୟ। ନିଜକୁ ଭାଭା ଆଟୋମିକ ରିସର୍ଚ୍ଚ ସେଣ୍ଟର (ବାର୍କ)ର ବୈଜ୍ଞାନିକ କହୁଥିବା ଜଣେ ୬୦ ବର୍ଷୀୟ ବ୍ୟକ୍ତି ବିଦେଶରୁ ଦୀର୍ଘ ୩୦ ଧରି ପାଉଥିଲେ କୋଟି କୋଟି ଟଙ୍କା। ଗତ ମାସରେ ମୁମ୍ବାଇ ପୁଲିସ୍ ୬୦ ବର୍ଷୀୟ ଅଖତର ହୁସୈନିକୁ ଗିରଫ କରିଥିଲା। ଏବେ ତାଙ୍କ ସମ୍ପର୍କରେ ଏପରି ତଥ୍ୟ ସାମ୍ନାକୁ ଆସିଛି।

ସେ ନିଜକୁ ବାର୍କର ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ପୁଲିସ ତାଙ୍କ ପାଖରୁ ୧୦ଟି ମାନଚିତ୍ର ଓ ଆଣବିକ ଯୁଦ୍ଧାସ୍ତ୍ର ସହ ଜଡ଼ିତ କିଛି ସମ୍ବେଦନଶୀଳ ଦସ୍ତାବିଜ ହାସଲ କରିଛି। ଝାରଖଣ୍ଡ ଅନ୍ତର୍ଗତ ଜାମସେଦପୁରରେ ମୂଳବାସିନ୍ଦା ଅଖତରଙ୍କ ଠାରୁ ଅନେକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବାର୍କ ଆଇଡି ଜବତ କରିଛି।

କିଛି ପରିଚୟ ପତ୍ରରେ ତାଙ୍କ ନାଁ ଅଲୀ ରାଜା ଓ ଆଲେକ୍ସଜାଣ୍ଡର ପାଲମର ମଧ୍ୟ ଉଲ୍ଲେଖ ରହିଛି। ୩୦ ବର୍ଷ ହେଲା ବିଦେଶୀରୁ କୋଟି କୋଟି ଟଙ୍କା ପାଉଥିବା ଅଖତରଙ୍କ ପରେ ଦିଲ୍ଲୀରେ ଥିବା ତାଙ୍କ ଭାଇ ଆଦିଲଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ମୁମ୍ବାଇ ପୋଲିସର କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ଅଖତର ଓ ଆଦିଲ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ। ପ୍ରଥମେ ସେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲା। କିନ୍ତୁ ୨୦୦୦ ମସିହା ପରଠାରୁ ସେମାନେ କୋଟି କୋଟି ଟଙ୍କା ପାଉଥିଲେ। କୁହାଯାଉଛି ଯେ ବାର୍କ ଓ ଅନ୍ୟ ଆଣବିକ ପ୍ରତିଷ୍ଠାନ ସମ୍ପର୍କିତ ଗୁପ୍ତ ତଥ୍ୟ ବଦଳରେ ସେମାନଙ୍କୁ ଏପରି ଟଙ୍କା ମିଳୁଥିଲା।

ତଦନ୍ତ ବେଳେ ଅଖତରଙ୍କ ନାଁରେ ଥିବା ଗୋଟିଏ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଜଣାପଡ଼ିଛି। ଏହି ଆକାଉଣ୍ଟରୁ



ସନ୍ଦିଗ୍ଧ ନେଣଦେଣ ହୋଇଥିବା ପୁଲିସ୍ କହିଛି। ଯେଉଁ ବ୍ୟାଙ୍କରେ ଅଖତରଙ୍କ ଆକାଉଣ୍ଟ ରହିଛି, ସେଠାରୁ ନେଣଦେଣ ସମ୍ପର୍କିତ ତଥ୍ୟ ହାସଲ କରିବା ପାଇଁ ପୁଲିସ୍ ଚିଠି କରିଛି।

ପୂର୍ବରୁ ମଧ୍ୟ ଦୁଇ ଭାଇ ବ୍ୟବହାର ପରେ ବନ୍ଦ କରିଦେଇଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ସୂଚନା ମିଳିଛି। ଗୋଟିଏ ପୂର୍ଣ୍ଣ ମନି ଟ୍ରାଏଲ ମାମଲାର ଉଜାଗର କରିବା ପାଇଁ ପୁଲିସ୍ ପୁରୁଣା ଆକାଉଣ୍ଟଗୁଡ଼ିକର ତଥ୍ୟ ମଧ୍ୟ ଯାଞ୍ଚ କରୁଛି।

କୁହାଯାଉଛି ଯେ ଦୁଇ ଭାଇ ପାକିସ୍ତାନ ଗସ୍ତ କରିଥିଲେ ଓ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ଏମାନଙ୍କର ସମ୍ପର୍କ ରହିଛି। ଅଖତର ନିଜର ପରିଚୟ ବଦଳାଇଥିଲେ ଓ ଗୁପ୍ତ ଭାବେ ରହୁଥିଲେ। ୧୯୯୬ରେ ଅଖତର ଝାରଖଣ୍ଡରେ ଥିବା ନିଜ ପୈତୃକ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ। କିନ୍ତୁ ନିଜର ପୁରୁଣା ସହଯୋଗୀଙ୍କ ସହ ମିଶି ଉକ୍ତ ଠିକଣା ବଳରେ ନକଲି ଦସ୍ତାବିଜ ହାସଲ କରି ଚାଲିଥିଲେ।

ଆଦିଲ ଏକଦା ତାଙ୍କୁ ଝାରଖଣ୍ଡର ମୁନାଜିଲ ଖାନଙ୍କ ସହ ପରିଚୟ କରାଇଥିଲେ। ମୁନାଜିନ ଦୁଇ ଭାଙ୍କ ପାଇଁ ନକଲି ପାସପୋର୍ଟ ତିଆରି କରିଥିଲେ। ୩୦ ବର୍ଷ ତଳେ ଅଖତର ନିଜର ପୈତୃକ ସମ୍ପତ୍ତି ବିକ୍ରି କରି ଦେଇଥିଲେ ହେଁ ପାସପୋର୍ଟରେ ସେମାନଙ୍କ ଠିକଣା ଜାମସେଦପୁର ବୋଲି ଉଲ୍ଲେଖ କରାଯାଇଥିଲା। ଦୁଇ ଭାଇ ନକଲି ଦସ୍ତାବିଜ ଓ ନକଲି ପରିଚୟ ବଳରେ ବିଦେଶ ଗସ୍ତ କରନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି।

## ମହିଳା ବିଶ୍ୱକପ୍ କ୍ରିକେଟ୍

# ଭାରତୀୟ ଟିମ୍ ଉପରେ ଟଙ୍କା ବର୍ଷା

ମୁମ୍ବାଇ, ୩।୧୧(ଏଜେନ୍ସି) : ୫୨ ବର୍ଷର ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଯାହା ହୋଇ ନଥିଲା ରବିବାର ରାତିରେ ତାହା ସମ୍ଭବ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ସର୍ବପ୍ରଥମ ବିଶ୍ୱକପ୍ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛି। ଏଥିସହ ୧୯୮୩ ମସିହାରେ କପିଳ ଦେବଙ୍କ ପୁରୁଷ କ୍ରିକେଟ୍ ଦଳର ଐତିହାସିକ ବିଶ୍ୱକପ୍ ଭଳି ଭାରତୀୟ ମହିଳା ଦଳ ବିଶ୍ୱ ମୁକୁଟ ଜିତି ନୂଆ ଫର୍ଦ୍ଦ ଯୋଡ଼ିଛି। ମହିଳା କ୍ରିକେଟ୍‌ରେ ବି ଭାରତ ପାଇଁ ଏକ ବୈପ୍ଲବିକ ପରିବର୍ତ୍ତନ ଯୁଗର ଶୁଭାରମ୍ଭ ହୋଇଛି। ୨୦୦୫ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଏବଂ ୨୦୧୭ ଫାଇନାଲରେ ଇଂଲଣ୍ଡଠାରୁ ହାରି ରନର୍ସଅପ୍ ହୋଇଥିବା ଭାରତୀୟ ଦଳ ତୃତୀୟ ଥର ଫାଇନାଲ୍ ଖେଳି ପ୍ରଥମ ଥର ବିଶ୍ୱ ବିଜେତା ହୋଇଛି। ନବି ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମରେ ରବିବାର ରାତିରେ ଭାରତୀୟ ମହିଳା ଦଳ ରୋମାଞ୍ଚକ ଭାବେ ପ୍ରଥମ ଥର ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଏହି ଐତିହାସିକ କ୍ଷଣକୁ ସାଉଁଟି ନେଇଛି। ଭାରତୀୟ ଟିମର ଏଭଳି ଐତିହାସିକ ବିଜୟ ପରେ ଏବେ ଦଳ ଉପରେ ଟଙ୍କା ବର୍ଷା ହେବା ଆରମ୍ଭ କରିଛି। ଦକ୍ଷିଣ ଆଫ୍ରିକାକୁ ହରାଇବା ପରେ ଟିମକୁ ୪୦କୋଟି ମିଳିଥିବା ବେଳେ ଏବେ ବିସିସିଆଇ ଭାରତୀୟ ଟିମ୍ ଉପରେ ଟଙ୍କା ବର୍ଷା କରିବାର ଘୋଷଣା କରିଛି। ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ସଚିବ ଭାବରେ ବିସିସିଆଇର ଦାୟିତ୍ୱ ନେବା ପରେ ଜୟ ଶାହ ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ମହିଳା କ୍ରିକେଟରେ ଅନେକ ପରିବର୍ତ୍ତନ ଆଣିଛନ୍ତି, ଯେଉଁଥିରେ ଦରମା ସମାନତା ମଧ୍ୟ ଅନ୍ତର୍ଭୁକ୍ତ। ଗତ ମାସରେ, ଆଇସିସି ଅଧ୍ୟକ୍ଷ ଜୟ ଶାହ ମହିଳା ପୁରସ୍କାର ରାଶିକୁ ୩୦୦ ପ୍ରତିଶତ ବୃଦ୍ଧି କରି ଏହାକୁ ୨.୮୮ ନିୟୁତ ଡଲାରରୁ ୧୪ ନିୟୁତ ଡଲାରକୁ ବୃଦ୍ଧି କରିଥିଲେ। ଏହି ପଦକ୍ଷେପଗୁଡ଼ିକ ମହିଳା କ୍ରିକେଟକୁ ପୂର୍ବ ଅପେକ୍ଷା ପ୍ରୋତ୍ସାହିତ କରିଛି। ବିସିସିଆଇ ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ସମେତ ସମଗ୍ର ଦଳ ପାଇଁ ୫୧ କୋଟି ଟଙ୍କାର ପୁରସ୍କାର ଘୋଷଣା ମଧ୍ୟ କରିଛି।




# ଅଭିନନ୍ଦନର ସୁଅ

ନୂଆଦିଲ୍ଲୀ : ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ମହିଳା କ୍ରିକେଟ୍ ବିଶ୍ୱକପ୍-୨୦୨୫ରେ ବିଜୟ ପାଇଁ ଭାରତୀୟ ଟିମକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ମୁମ୍ବାଇରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରଦର୍ଶନ ନେଇ ଭାରତୀୟମାନେ ଗର୍ବ କରିଛନ୍ତି ବୋଲି ଏମାନେ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏହି ବିଜୟ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦ। ସେମାନେ ପ୍ରଥମ ଥର ପାଇଁ ଏହାକୁ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେମାନେ ଭଲ ଖେଳୁଛନ୍ତି ଏବଂ ଆଜି ସେମାନେ ସେମାନଙ୍କ ପ୍ରତିଭା ଏବଂ ପ୍ରଦର୍ଶନ ସହିତ ଉପଯୁକ୍ତ ଫଳାଫଳ ପାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ମହିଳା କ୍ରିକେଟକୁ ଆହୁରି ଉଚ୍ଚ ପ୍ରଦର୍ଶନରେ ନେଇଯିବ। ଝିଅମାନେ ଭାରତକୁ ଯେଉଁଭଳି ଭାବରେ ଗର୍ବିତ କରିଛନ୍ତି ମୁଁ ତାହାର ପ୍ରଶଂସା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ "ଏକ୍ସ"ରେ କହିଛନ୍ତି, ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍-୨୦୨୫ ଫାଇନାଲରେ ଭାରତୀୟ ଦଳର ଏକ ଚମତ୍କାର ବିଜୟ। ଫାଇନାଲରେ ସେମାନଙ୍କର ପ୍ରଦର୍ଶନ ମହାନ ଦକ୍ଷତା ଏବଂ ଆତ୍ମବିଶ୍ୱାସ ଦ୍ୱାରା ଚିହ୍ନିତ ହୋଇଥିଲା। ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅସାଧାରଣ ଦଳଗତ କାର୍ଯ୍ୟ ଏବଂ ଦୃଢ଼ତା ଦେଖାଇଥିଲା। ଆମର ଖେଳାଳିମାନଙ୍କୁ ଅଭିନନ୍ଦନ। ଏହି ଐତିହାସିକ ବିଜୟ ଭବିଷ୍ୟତର ଚାମ୍ପିଅନମାନଙ୍କୁ କ୍ରୀଡ଼ା ଗ୍ରହଣ କରିବାକୁ ପ୍ରେରଣା ଦେବ।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମହିଳା କ୍ରିକେଟ ବିଶ୍ୱକପ୍-୨୦୨୫ ଜିତିବା ପାଇଁ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ। ଭାରତୀୟ ନାରୀଶକ୍ତି ପାଇଁ ପ୍ରଥମ ବିଶ୍ୱକପ୍ ବିଜୟ ଏବଂ ସମଗ୍ର ଦେଶ ପୂର୍ବ ଅପେକ୍ଷା ଅଧିକ ଜୋରରେ ଜୟଧ୍ୱନି କରୁଛି। ଏହି ରାତି ଇତିହାସରେ ଲିପିବଦ୍ଧ ହୋଇଯିବ ଏବଂ ଆମେ ଇତିହାସ ସୃଷ୍ଟି କରିବାର ସାକ୍ଷୀ ହେବାର ସୌଭାଗ୍ୟ ପାଇଲୁ।





# କାନ୍ଦି ପକାଇଲେ ରୋହିତ



ମୁମ୍ବାଇ : ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଭାରତ ପ୍ରଥମ ଥର ବିଜେତା ହୋଇ ଐତିହାସିକ ସଫଳତା ପାଇଛି। ଏହି ଐତିହାସିକ ସଫଳତା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ପ୍ରତିଟି ଭାରତୀୟଙ୍କ ଆଖିରେ ଖୁସିର ଲୁହ ଦେଖିବାକୁ ମିଳିଥିଲା। ଭାରତୀୟ ଦଳକୁ ସମର୍ଥନ କରିବାକୁ ପହଞ୍ଚିଥିବା ଷ୍ଟାର କ୍ରିକେଟର ରୋହିତ ଶର୍ମାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଯେତେବେଳେ ହରମନପ୍ରିତ କୌର ଶେଷ୍ କ୍ୟାଚ୍ ଧରିଥିଲେ, ଏହି ଦୃଶ୍ୟ ଦେଖି ରୋହିତ ଖୁସିରେ ଭାବବିହ୍ୱଳ ହୋଇଯାଇଥିଲେ। ତାଙ୍କ ଆଖିରେ ସେହି ଖୁସିର ଲୁହ ଷ୍ଟାଡିୟମ କ୍ୟାମେରାରେ କଏଦ ହୋଇଥିଲା, ଯାହା ଏବେ ଭାଇରାଲ ହୋଇଛି।

# ପାକ୍ କ୍ରିକେଟ ତାରକାଙ୍କ ପ୍ରଶଂସା








ଇସ୍‌ଲାମବାଦ : ରବିବାର ରାତିରେ ଭାରତର ମହିଳା କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱକପ୍ ହାସଲ କରିଛି। ବିଗତ ୫୨ ବର୍ଷ ପରେ ଭାରତକୁ ଏହି ସଫଳତା ମିଳିଛି। ଏହି ଐତିହାସିକ ସଫଳତା ପରେ ଏବେ ଭାରତୀୟ ଟିମ୍ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି। ଏହି ଧାରାରେ ଏବେ ସାମିଲ ହୋଇଛି ଶତ୍ରୁ ଦେଶ ପାକିସ୍ତାନ। ସେଠାକାର କିମ୍ବଦନ୍ତୀ ପୂର୍ବତନ କ୍ରିକେଟରମାନେ ଟିମ୍ ଇଣ୍ଡିଆକୁ ପ୍ରଶଂସା କରିବା ସହ ନିଜ ଦେଶର ଦଳକୁ ଶିଖିବାକୁ ପରାମର୍ଶ ଦେଇଛନ୍ତି।

ପୂର୍ବତନ ପାକିସ୍ତାନ ଅଧିନାୟକ ଓ୍ୱସିମ ଅକ୍ରମ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି, ସେମାନେ ଖେଳରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ବ୍ୟାଟିଂ ହେଉ, ବୋଲିଂ ହେଉ, କିମ୍ବା ଫିଲ୍ଡିଂ ହେଉ, ସେମାନେ ତିନୋଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଟିମ୍ ଇଣ୍ଡିଆ ବନାମ ବିଶ୍ୱର ଅନ୍ୟ ଦଳ ଥିଲା।

ବିଶ୍ୱର ଦ୍ରୁତତମ ବୋଲର ଶୋଏବ ଅଖତର କହିଛନ୍ତି ଯେ, ମୁଁ ଭାବୁଛି ଭାରତର ବିଜୟ କୌଣସି ସଂଯୋଗ ନୁହେଁ। ସେମାନଙ୍କର କ୍ରିକେଟ୍ ବ୍ୟବସ୍ଥା ଦେଖନ୍ତୁ। ସେମାନେ ଏମିତି ସହଜରେ ସଫଳ ହୋଇନାହାନ୍ତି। ଏହା ସେମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ପ୍ରତିଫଳିତ କରୁଛି। ଭାରତକୁ ଅଭିନନ୍ଦନ। ତୁମେ ବହୁତ ଭଲ ଖେଳିଲ। ସେମାନଙ୍କର ପରିବର୍ତ୍ତନ ଦେଖନ୍ତୁ, ସେମାନଙ୍କର ଅଧିନାୟକଙ୍କ ଉଦ୍ଦେଶ୍ୟ ଦେଖନ୍ତୁ, ସେମାନଙ୍କର ଖେଳ ଶୈଳୀ ଦେଖନ୍ତୁ।

ସେ ଆହୁରି କହିଛନ୍ତି ଯେ, ଏକ ସମୟ ଥିଲା ଯେତେବେଳେ ପାକିସ୍ତାନ ଏପରି ଖେଳୁଥିଲା, କିନ୍ତୁ ଏବେ ଭାରତ ଖେଳୁଛି। ବେଳେ ବେଳେ ଏଭଳି ଏକ ସମୟ ଆସେ... ଯେଉଁ ଦେଶଗୁଡ଼ିକ ତଳକୁ ଖସନ୍ତି, ସେମାନେ ହିଁ ଉପରକୁ ଉଠନ୍ତି। କିନ୍ତୁ ଏପରି ନହେଉ ଯେମିତି ୱେଷ୍ଟଇଣ୍ଡିଜ୍ ଶେଷ ହୋଇଗଲା ସେମିତି ପାକିସ୍ତାନ କ୍ରିକେଟ ମଧ୍ୟ ଶେଷ ହୋଇଯାଉ। ଆମ ସହିତ ହକି ଏବଂ ସ୍କ୍ୱାସରେ ଏଭଳି ଘଟିସାରିଛି। କ୍ରିକେଟରେ ମଧ୍ୟ ଆମ ସହ ଏଭଳି ନହେଉ। ଆମକୁ ଏହା ବିଷୟରେ ଚିନ୍ତା କରିବା ଏବଂ ଭାରତଠାରୁ ଶିଖିବା ଆବଶ୍ୟକ। ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ସେମାନେ ବହୁତ ଭଲ ଖେଳିଛନ୍ତି।

ପାକିସ୍ତାନର ପୂର୍ବତନ କ୍ରିକେଟର ରମିଜ୍ ରାଜା କହିଛନ୍ତି ଯେ, ଏହି ଦିନଟି ଭାରତର, ଏବଂ ଏହି ଟୁର୍ଣ୍ଣାମେଣ୍ଟ ମଧ୍ୟ ଭାରତର। ଆମକୁ ସେମାନଙ୍କଠାରୁ ଶିଖିବାକୁ ପଡିବ। ଏହା ଏକ ଲମ୍ବା ପ୍ରକ୍ରିୟା। କିନ୍ତୁ ଏହା କରାଯାଇପାରିବ। କାରଣ ପାକିସ୍ତାନ ଦକ୍ଷତା ଦୃଷ୍ଟିରୁ ବହୁତ ପଛରେ ନାହିଁ, କିନ୍ତୁ ଖେଳର କାର୍ଯ୍ୟାନ୍ୱୟନ ଏବଂ ବୁଝାମଣା ଭାରତଠାରୁ ଶିଖିବାକୁ ପଡିବ।

# ଚର୍ଚ୍ଚାରେ ଶେଫାଳି



ନୂଆଦିଲ୍ଲୀ : କୁହାଯାଏ ଯେ ସମୟ ପୂର୍ବରୁ କିମ୍ବା ଭାଗ୍ୟରେ ନଥିଲେ କିଛି ହୁଏ ନାହିଁ। ଭାରତୀୟ ମହିଳା ଦଳର ଓପନର ଶେଫାଳି ବର୍ମାଙ୍କ ସହିତ ମଧ୍ୟ ଏପରି କିଛି ଘଟିଛି। ୨୧ ବର୍ଷୀୟା ଶେଫାଳି ବର୍ମା ଭାରତୀୟ କ୍ରିକେଟ ଇତିହାସରେ ନିଜ ନାମ ଲେଖିସାରିଛନ୍ତି। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ବ୍ୟାଟିଂ ଏବଂ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରି ଶେଫାଳି ଭାରତୀୟ ଦଳର ୫୨ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ। ଏ ହେଉଛନ୍ତି ସେହି ଶେଫାଳି ବର୍ମା ଯାହାଙ୍କ ବିଷୟରେ ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଆଲୋଚନା ମଧ୍ୟ ହେଉନଥିଲା। କାରଣ ସେ ଟିମରେ ହିଁ ସାମିଲ ନଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ଶେଷ ମୁହୂର୍ତ୍ତରେ ସେ ଦଳରେ ସାମିଲ ହେବା ସହ ଏବେ ଇତିହାସ ରଚିଛନ୍ତି।

ବିଶ୍ୱକପ୍ ଫାଇନାଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଶେଫାଳିଙ୍କୁ ପ୍ରତୀକା ରାୱଲଙ୍କ ସ୍ଥାନରେ ଟିମରେ ସାମିଲ କରାଯାଇଥିଲା। ପ୍ରତୀକାଙ୍କ ଗୋଡ଼ରେ ଆଘାତ ଲାଗିବା ପରେ ସେ ଟିମରୁ ବାହାର ହୋଇଥିଲେ। ସେମିଫାଇନାଲ ପୂର୍ବରୁ, ପ୍ରତୀକା ଆହତ ହେବାରୁ ଘରୋଇ ଟି୨୦ ସିରିଜ ଖେଳୁଥିବା ଶେଫାଳିଙ୍କୁ ତୁରନ୍ତ ଡକାଯାଇଥିଲା ଏବଂ ସେ ଟିମ୍ ଇଣ୍ଡିଆରେ ଯୋଗ ଦେଇଥିଲେ। ସେମିଫାଇନାଲରେ ଶେଫାଳି ଭଲ ବ୍ୟାଟିଂ କରିନଥିଲେ ବି ଫାଇନାଲରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିଲେ।

# ନଭେମ୍ବର ୨୦ରେ ସ୍ମୃତି ମନ୍ଧାନାଙ୍କ ବାହାଘର

ନୂଆଦିଲ୍ଲୀ: ଭାରତୀୟ ମହିଳା କ୍ରିକେଟ୍ ଦଳ ୨୦୨୫ ମହିଳା ବିଶ୍ୱକପ୍ ଜିତି ଭାରତ ପାଇଁ ଗର୍ବ ଆଣିଛି। ସମଗ୍ର ଦେଶ ସେମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି। ଏହି ସମୟରେ, ସୋସିଆଲ୍ ମିଡିଆରେ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ନେଇ ଆଲୋଚନା ଜୋର ଧରିଛି। ସୂଚନା ଅନୁସାରେ, ସେ ଖୁବ୍ ଶୀଘ୍ର ତାଙ୍କର ଦୀର୍ଘକାଳୀନ ପ୍ରେମିକ ପଲାଶ ମୁଚ୍ଛଲଙ୍କୁ ବିବାହ କରିବେ। ଦୁହିଁଙ୍କ ବିବାହ ସାଙ୍ଗଲିରେ ହେବ ବୋଲି ଜଣାଯାଇଛି।୨୭ ବର୍ଷୀୟ କ୍ରିକେଟର ସ୍ମୃତି ମନ୍ଧାନା ଏବଂ ୨୯ ବର୍ଷୀୟ ଗାୟକ ପଲାଶ ମୁଚ୍ଛଲ ୨୦୨୪ ମସିହାରେ ଇନଷ୍ଟାଗ୍ରାମ ମାଧ୍ୟମରେ ସେମାନଙ୍କର ସମ୍ପର୍କକୁ ସାର୍ବଜନୀନ କରିଥିଲେ। ସେମାନଙ୍କ ମଧ୍ୟରେ ଦୁଇ ବର୍ଷ ବୟସର ପାର୍ଥକ୍ୟ ଅଛି। ଏହି ପ୍ରେମୀଯୁଗଳ ନଭେମ୍ବର ୨୦ ତାରିଖରେ ବିବାହ କରିବେ। ସ୍ମୃତିଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସାଙ୍ଗଲିରେ ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।



# ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ: ପାଇକିତିଗିରିଆ ଚମ୍ପିୟାନ

ନିରାକାରପୁର,(ସବ୍ୟ): ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ବିନ୍ଧୁ ବଳୟ ଯୁବ ବିକାଶ ନିକେତନ ଦ୍ୱାରା ଚାଲିଥିବା ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିନ ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଡ଼ାଇନାମିକ କ୍ଲବ ଜଟଣୀ ବନାମ ପାଇକିତିଗିରିଆ ମଧ୍ୟରେ ମ୍ୟାଚ ଥିଲା।ଖେଳ ଅତି ସଂଘର୍ଷ ପୂର୍ଣ୍ଣ ଥିବାବେଳେ ୩-୨ ଗୋଲ କରି ଡାଇନାମିକ କ୍ଲବ ଜଟଣୀକୁ ହରାଇ ପାଇକିତିଗିରିଆ ଦଳ ବିଜୟୀ ହୋଇ ଚମ୍ପିୟାନ ହୋଇଛି। ସୋମବାର ଅନୁଷ୍ଠିତ ଖେଳକୁ ଫକୀର ଚରଣ ନିଶଙ୍କ ,ଶରତ ଛୋଟରାୟ , ସୁକାନ୍ତ ପ୍ରଧାନ , ଚିତ୍ତରଞ୍ଜନ ପରିଡା ଏବଂ ଚତୁର୍ଥ ରେଫେରୀ ହୃଦାନନ୍ଦ ମହତରାଏ ପରିଚାଳନା କରିଥିଲେ।ମ୍ୟାଚରେ ଅତିଥିଭାବେ ବରିଷ୍ଠ ନେତା ନିକୁଞ୍ଜ କୁମାର ପଟ୍ଟନାୟକ, ସମାଜସେବୀ ଗୋଦାବରୀ ଗୁମାନସିଂ, ପୂର୍ବତନ ସରପଞ୍ଚ ତଥା ସମାଜସେବୀ କାଳୁ ଚରଣ ବଳିଆରସିଂହ , କିଶୋର ଚନ୍ଦ୍ର ବରାଳ ,ସରପଂଚ ମିତାରାଣୀ ବେହେରା, ସମିତି ସଭ୍ୟା ଶାନ୍ତିଲତା ବେହେରା, ପୂର୍ବତନ ସରପଞ୍ଚ ଅବକାଶ ମହାନ୍ତି, ସମାଜସେବୀ ଲିଙ୍ଗରାଜ ଷଡ଼ଙ୍ଗୀ ଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ରନର୍ଶ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିନ୍ଧୁ ବଳୟ ଯୁବକ ସଂଘ ସମସ୍ତ ସଭ୍ୟ ସହଯୋଗ କରିଥିଲେ।



## ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ମଡର୍ଣ୍ଣ ପାଇଥିଆନ ଗେମ୍ସ ୨୦୨୫ : ଓଡିଶା ଦଳର ଜର୍ସି ଉନ୍ମୋଚିତ

ଭୁବନେଶ୍ୱର : ଆସନ୍ତା ୭ରୁ ୯ ତାରିଖ ଯାଏ ବେଙ୍ଗାଲୁରୁରେ ଆୟୋଜିତ ହେବାକୁ ଯାଉଛି ମଡର୍ଣ୍ଣ ପାଇଥିଆନ ଗେମ୍ସ ୨୦୨୫ । ଓଡିଶା ପିଟୁ ସଂଘ ପକ୍ଷରୁ ଏଥିପାଇଁ ରାଜ୍ୟ ବାଳକ ଓ ବାଳିକା ଦଳ ଘୋଷଣା ହେବା ସହ ଦଳର ଜର୍ସି ଉନ୍ମୋଚିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ସାଧାରଣ ସମ୍ପାଦକ ସତୀଶ ଶର୍ମା ଓ ଉପ ସଭାପତି ମହେଶ କୁମାର ମିଶ୍ରଙ୍କ ସହ ଅତିଥି ଭାବେ ପ୍ରଶାନ୍ତ କୁମାର ରାଉତ, ସୂର୍ଯ୍ୟପ୍ରକାଶ ପତି, ଜି.ରାମ କିଶୋର ଓ କୁଶ ନାୟକ ଯୋଗ ଦେଇଥିଲେ। ଆସନ୍ତା ୫ ତାରିଖରେ ଖେଳାଳିମାନେ ବେଙ୍ଗାଲୁରୁ ଯାତ୍ରା କରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, କ୍ଷୀରୋଦ କୁମାର ପଟ୍ଟନାୟକ , ସୌରଭ ମହାନ୍ତି, ବିକାଶ କୁମାର ମହାପାତ୍ର , ଓ ଯଯାତି ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଓଡିଶା ବାଳକ ଦଳ : ସ୍ୱାଧୀନ ସାମଲ (ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ. ସାହିଲ, ନକବୁଲ ଅମିନ, ଶିବ ବିରୁଆ,ଭାସ୍କର ପାତ୍ର, ବିନୋଦ ମୁଦୁଲି, ବାଦଲ ଜେନା, ଶିନସୁ ଶେଖର ଦାସ, ରାହୁଲ ନାଥ, କୋଚ- ସତୀଶ ଶର୍ମା ଓ ମ୍ୟାନେଜର ସୁରେଶ କୁମାର ଭଟ୍ଟ ।

ବାଳିକା ଦଳ : ମୋନାଲିଶା କାଣ୍ଡି, ଏମ . ଅମରିତା , ଆଞ୍ଜେଲ ମଲ୍ଲିକ, ଏସ. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଟ୍ଟ, ଶ୍ରାବଣୀ ପାଇକରାୟ, ରୁପାଲି ଭଟ୍ଟ, ପ୍ରତୀକ୍ଷା ବଳ, କୋଚ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ।




# ସର୍ବଭାରତୀୟ ମହିଳା ପୁରୁଷ ଟେନିସ ପ୍ରତିଯୋଗିତା

ସାକ୍ଷୀଗୋପାଳ : ସ୍ଥାନୀୟ ଫୁଲଅଳସାସ୍ଥିତ ସାଇ ଏକାଡେମୀ ଟେନିସ୍ କୋର୍ଟଠାରେ ଭଲନେରା ଆଇଟା -ଓଟିଏ ସର୍ବଭାରତୀୟ(୧ ଲକ୍ଷ ପୁରସ୍କାର ରାଶି) ମହିଳା ଓ ପୁରୁଷବର୍ଗଙ୍କ ମଧ୍ୟରେ ଟେନିସ୍ ପ୍ରତିଯୋଗିତାର ଉଦ୍‌ଘାଟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ବ୍ୟାପୀ ହେବାକୁ ଥିବା ଏହି ଟେନିସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ପ୍ରାୟୋଜକ, ଭୁବନେଶ୍ୱର, ଭଲନେରା ସାନେନ୍‌ଟ୍ରୁର କମ୍ପାନୀର ପ୍ରତିଷ୍ଠାତା ଶ୍ରୀଯୁକ୍ତ ପ୍ରଦୀପ କୁମାର ବିଶୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ଖେଳାଳିମାନଙ୍କର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥିଭାବରେ ପୁରୀ ଫାର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ୍ ଅନିମା ଦାଶ ଓ ସାଇ ଏକାଡେମୀର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣିଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଛତିଶଗଡ, ବିହାର, ତେଲେଙ୍ଗାନା, ପଶ୍ଚିମବଙ୍ଗଳା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଓଡିଶା ଇତ୍ୟାଦି ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ଟେନିସ୍ ଖେଳାଳୀମାନେ ଅଂଶଗ୍ରହଣ କରୁଛନ୍ତି। ରେଫରୀ ପ୍ରବୀଣ କୁମାର ନାୟକ, ଓ କୋଚ୍ ବିଶ୍ୱଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇ ଆସନ୍ତା ୭ ତାରିଖରେ ଉଦ୍‌ଯାପିତ ହେବ। ସାଇ ଏକାଡେମୀ ତରଫରୁ ଖେଳାଳୀମାନଙ୍କ ପାଇଁ ସୁଲଭ ମୂଲ୍ୟରେ ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଚିନ୍ମୟୀ ପାତ୍ର
ଗଡ଼ିଶା ପାଳି, ଗଞ୍ଜାମ
ଆବିର୍ଭାବ - ୦୭.୦୭.୧୯୮୭
ତିରୋଧାନ - ୧୪.୧୧.୨୦୨୪

ପବିତ୍ର କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଦୁଃଖ ସାଗରରେ ଭସାଇ ଦେଇ ନିଜ ଖୁସି ତୁ କାଢ଼ିନେଇ ଚାଲିଗଲୁ । ଚାହୁଁ ଚାହୁଁ ୧ ବର୍ଷ ବିତିଗଲା ତୋର ସ୍ନେହ, ଶ୍ରଦ୍ଧା, ସୁପରାମର୍ଶ, ସମୟୋଚିତ ପଦକ୍ଷେପ, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ସବୁ ଦିନ ସ୍ମୃତି ହୋଇ ରହିବ । ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବାବା-ଦିବାକର ପାତ୍ର, ମାମା-ପ୍ରତିଭା ପାତ୍ର, ସ୍ୱାମୀ-ଅମୀର କାନ୍ତ, ଦୁଇ ପୁଅ-ଓମ, ସୋହମ, ବଡ଼ ଭାଇ ଭାଉଜ-ତନ୍ମୟ, ପ୍ରିୟଙ୍କା, ସାନ ଭାଇ ଭାଉଜ- ମନ୍ମୟ, ଅନିତା, ବାନ୍ଧବୀ-ଆର୍ଯ୍ୟ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି